


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର, ୦୬ ଜୁଲାଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 06 JULY 2022
Vol.No. 35 ■ No. 174 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍ଖାତାର ଚିତ୍ର

ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


# ବିଜେପି ଓ ସିନ୍ଦେଙ୍କୁ ଉଦ୍ଧବଙ୍କ ଖୋଲା ଚ୍ୟାଲେଞ୍ଜ



ନୂଆଦିଲ୍ଲୀ, ୦୫/୦୭ : ମହାରାଷ୍ଟ୍ରର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଏକନାଥ ସିନ୍ଦେ ଶପଥଗ୍ରହଣ କରିବା ପରେ ଆରମ୍ଭ ହୋଇଛି ରାଜନୈତିକ ବୟାନବାଜି । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଶିବସେନା ମୁଖ୍ୟ ଉଦ୍ଧବ ଠାକରେ ସାଂଘାତିକ ଅଭିଯୋଗ ଆଣିବା ସହ କହିଛନ୍ତି ଯେ, ଶିବସେନାକୁ ଶେଷ କରିଦେବାକୁ ଚାହୁଁଛି ବିଜେପି । ଜିଲ୍ଲା ସଭାପତିଙ୍କ ସହ ବୈଠକ କରି କିଛି ଏଭଳି କହିଛନ୍ତି ଉଦ୍ଧବ । ଶିବସେନାକୁ ଆହୁରି ସୁଦୃଢ଼ କରିବାକୁ ଜିଲ୍ଲା ସଭାପତି ମାନଙ୍କୁ ଆହ୍ୱାନ ଦେଇଛନ୍ତି ଉଦ୍ଧବ ଠାକରେ । ଏହାସହ ଉଦ୍ଧବ ଉଭୟ ବିଜେପି ଓ ସିନ୍ଦେ ଗୋଷ୍ଠୀକୁ ଚ୍ୟାଲେଞ୍ଜ ଦେଇ କହିଛନ୍ତି, ଯଦି ସତସାହସ ଅଛି ତେବେ ଏବେ ନିର୍ବାଚନ ଲଢ଼ିକି ଦେଖାନ୍ତୁ । ଗୋଟିଏ ପଟେ ସିନ୍ଦେଙ୍କ ଗୋଷ୍ଠୀ ଲଗାତାର ନିଜର ଶକ୍ତି ବୃଦ୍ଧି କରୁଥିବା ବେଳେ ଅନ୍ୟପଟେ ଜିଲ୍ଲା ସଭାପତିମାନଙ୍କ ସହ ବୈଠକ କରି ଏବେ ବି ଶିବସୈନିକ ତାଙ୍କ ସହ ଥିବା ନେଇ ସଂକେତ ଦେଇଛନ୍ତି । ଏହି ବୈଠକରେ ଉଦ୍ଧବ କହିଛନ୍ତି ଏଭଳି ରାଜନୈତିକ ଖେଳ ଖେଳିବା ଅପେକ୍ଷା ସାଧାରଣ ଲୋକଙ୍କ ପାଖକୁ ଯାଅ । ଯଦି ଆମେ ଭୁଲ ଥିବୁ ତେବେ ଲୋକ ଆମକୁ ଘରେ ବସାଇଦେବେ ଯଦି ତୁମେ ଭୁଲ ଥିବ ତେବେ ତୁମର ମଧ୍ୟ ସମାନ ଅବସ୍ଥା କରିବେ । ଏହାସହ ଉଦ୍ଧବ କହିଛନ୍ତି, ଯଦି ଲଢ଼ିବାର ଅଛି ତେବେ ମୋ ସହ ରୁହ । ଏବେ ଶିବସେନାର ୩୯ରୁ ଅଧିକ ବିଧାୟକ ସିନ୍ଦେଙ୍କ ଗୋଷ୍ଠୀରେ ସାମିଲ ହୋଇଛନ୍ତି । ଆଉ ଏହି ବିଧାୟକ ମାନଙ୍କ ବଳରେ ସିନ୍ଦେ ବିଜେପିର ସମର୍ଥନରେ ମହାରାଷ୍ଟ୍ରରେ ସରକାର ଗଢ଼ିଛନ୍ତି । ସିନ୍ଦେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ବେଳେ ଦେବେନ୍ଦ୍ର ଫଡନବୀଶ ଉପ-ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି ।

# ଜି ନ୍ୟୁଜ୍‌ର ଆଙ୍କର୍ ଗିରଫ, ମୁହାଁମୁହିଁ ହେଲେ ଦୁଇ ରାଜ୍ୟର ପୁଲିସ



ନୂଆଦିଲ୍ଲୀ, ୦୫/୦୭ : ଗିରଫ ହେଲେ ଜି ନ୍ୟୁଜ ଆଙ୍କର ରୋହିତ ରଞ୍ଜନ । ମଙ୍ଗଳବାର ନଏଡା ପୁଲିସ ତାଙ୍କୁ ଗିରଫ କରିଛି । କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ଏକ ବିଭ୍ରାନ୍ତିକର ଭିଡିଓ ଉକ୍ତ ଟିଭି ଚ୍ୟାନେଲରେ ଦେଖାଇବା ପରେ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ଭିଡିଓ ପାଇଁ ଚ୍ୟାନେଲ ମଧ୍ୟ କ୍ଷମା ମାଗିଛି । ତେବେ ନ୍ୟୁଜ୍ ଆଙ୍କରକୁ ଗିରଫ କରିବା ପାଇଁ ଦୁଇ ରାଜ୍ୟର ପୁଲିସ ମୁହାଁମୁହିଁ ହୋଇଥିବା ଏକ ଭିଡିଓ ସାମ୍ନାକୁ ଆସିଛି । ପ୍ରଥମେ ଛତିଶଗଡ ପୁଲିସ ନ୍ୟୁଜ୍ ଆଙ୍କର ରୋହିତଙ୍କୁ ଗିରଫ କରିବା ପାଇଁ ଚେଷ୍ଟା କରିଥିଲା । ଏତିକି ବେଳେ ନଏଡା ପୁଲିସ ଏହି ଘଟଣାରେ ନିଜ ମୁଣ୍ଡ ପୁରାଇଥିଲା । ରିପୋର୍ଟ ମୁତାବକ, ଛତିଶଗଡ ପୁଲିସ ଆଙ୍କରଙ୍କୁ ଗିରଫ କରିବା ପାଇଁ ତାଙ୍କ ଘରେ ପହଞ୍ଚିଥିଲା ସେତେବେଳେ ରାଜୀବ ୟୁପି ପୁଲିସକୁ ଏନେଇ ଜଣାଇଥିଲେ । ଏଥିସହ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଟ୍ୱିଟ୍ କରି ସହାୟତା ଲୋଡ଼ିଥିଲେ । ଏହା ପରେ ନଏଡା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା । ଉଭୟ ରାଜ୍ୟର ପୁଲିସଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା । ପରେ ଛତିଶଗଡ ପୁଲିସର ଗିରଫଦାରୀରୁ ରାଜୀବଙ୍କୁ ରକ୍ଷା କରି ନଏଡା ପୁଲିସ ତାଙ୍କୁ ନିଜ ସାଙ୍ଗରେ ନେଇଯାଇଥିଲା । ଉଲ୍ଲେଖଯୋଗ୍ୟ, କଂଗ୍ରେସ ନେତା ରାହୁଲ ଗାନ୍ଧି ୱାଏନାଡାରେ ତାଙ୍କ କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିବା ଯୁବକଙ୍କୁ ନେଇ ଏକ ବୟାନ ଦେଇଥିଲେ । ସେହି ବୟାନକୁ ନ୍ୟୁଜ୍ ଆଙ୍କର ରାଜୀବ କହ୍ନେୟାଲାଲ ହତ୍ୟାକାଣ୍ଡ ସହ ଯୋଡି ନିଜ ନ୍ୟୁଜ୍ ଚ୍ୟାନେଲରେ ଦେଖାଇଥିଲେ । ଏହାକୁ ନେଇ ବିବାଦ ଉପୁଜିଥିଲା । ଉକ୍ତ ନ୍ୟୁଜ୍ ଆଙ୍କରଙ୍କ ବିରୋଧରେ ରାଜସ୍ଥାନ ଓ ଛତିଶଗଡରେ ମାମଲା ରୁଜୁ ହୋଇଥିଲା । ଏହି ଭିଡିଓକୁ ରାଜ୍ୟବର୍ଦ୍ଧନ ରାଠୋରଙ୍କ ଭଳି ବିଜେପି ନେତା ମଧ୍ୟ ଶେଆର କରିଥିଲେ । ତାଙ୍କ ବିରୋଧରେ ମଧ୍ୟ ଏଫ୍ଆଇଆର୍ ରୁଜୁ ହୋଇଛି । ପରେ ଏହି ଘଟଣାକୁ ନେଇ ଜି ଟିଭି ଓ ନ୍ୟୁଜ୍ ଆଙ୍କର ରାଜୀବ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କୁ କ୍ଷମା ମଧ୍ୟ ମାଗିଥିଲେ ।

## ନୂପୁର ଶର୍ମାଙ୍କୁ ନେଇ ମୁହଁଖୋଲିଲେ ପୁରୀ ଶଙ୍କରାଚାର୍ଯ୍ୟ



ଭୁବନେଶ୍ୱର, ୦୫/୦୭ (ନି.ପ୍ର): ପ୍ରଫେଟ ମହମ୍ମଦଙ୍କୁ ନେଇ ମୁହଁ ଖୋଲିଛନ୍ତି ପୁରୀ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ । ପ୍ରତିକ୍ରିୟା ରଖି ସେ କହିଛନ୍ତି, ଦ୍ରୌପଦୀ ଅନ୍ଧକୁ ଅନ୍ଧ ବୋଲି କହିବାରୁ ମହାଭାରତ ହୋଇଥିଲା । ତେଣୁ କହିବାର ଶୈଳୀ ଠିକ ହେବା ଦରକାର । ଏହାଦ୍ୱାରା ଲକ୍ଷ୍ୟ ସାଧିତ ହୋଇପାରିବ । ନିକଟରେ ମହମ୍ମଦଙ୍କ ସମ୍ପର୍କରେ ମନ୍ତବ୍ୟ ଦେଇ ବିବାଦକୁ ଆସିଥିଲେ ନୂପୁର ଶର୍ମା । ଏହାପରେ ବିଜେପି ନୂପୁରଙ୍କୁ ଦଳରୁ ନିଲମ୍ବନ କରିଥିଲା । ସାରା ଦେଶରେ ଏହାକୁ ନେଇ ବିରୋଧ ପ୍ରଦର୍ଶନ ହୋଇଥିଲା । ଅନ୍ତର୍ଜାତୀୟ ଦେଶଗୁଡ଼ିକ ବି କଡ଼ା ପ୍ରତିକ୍ରିୟା ପ୍ରକାଶ କରିଥିଲେ । ଏହାପରେ ସୁପ୍ରିମକୋର୍ଟ ନୂପୁର ଶର୍ମାଙ୍କୁ ବି ଭର୍ତ୍ସନା କରିଥିଲେ । ଦେଶବାସୀଙ୍କୁ କ୍ଷମା ମାଗିବାକୁ ବି କହିଥିଲେ । ଉଦୟପୁର ହତ୍ୟାକାଣ୍ଡ ପାଇଁ ନୂପୁର ଦାୟୀ ବୋଲି କୋର୍ଟ କହିଥିଲେ ।

# ପୂଜା ସିଂଘଲ ବିରୋଧରେ କୋର୍ଟରେ ଇଡିର ଚାର୍ଜସିଟ ଦାଖଲ



ନୂଆଦିଲ୍ଲୀ, ୦୫/୦୭ : ଝାଡଖଣ୍ଡ ମନରେଗା ଦୁର୍ନୀତିରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ କୋର୍ଟରେ ଚାର୍ଜସିଟ ଦାଖଲ କରିଛି । ଇଡିର ଟିମ ପାଖାପାଖି ୫ ହଜାର ପୃଷ୍ଠାର ଚାର୍ଜସିଟ ଦାଖଲ କରିଥିବା ସୂଚନା ମିଳିଛି । ଏଥିରେ ପୂଜା ସିଂଘଲ ଏବଂ ସୁମନ କୁମାର ସିଂହ ସମେତ ୭ ଜଣଙ୍କ ବିରୋଧରେ ତଥ୍ୟ ରହିଛି । ପୂଜା ସିଂଘଲଙ୍କ ସ୍ୱାମୀ ଅଭିଷେକ ଝା ଏବଂ ବହିଷ୍କୃତ ଇଞ୍ଜିନିୟର ବିନୋଦ ସିହ୍ନାଙ୍କ ନାଁ ମଧ୍ୟ ସାମିଲ ରହିଛି । ଇଡିର ଅଧିକାରୀ ଦୁଇଟି ବଡ ବାକ୍ସରେ ଏହି ଚାର୍ଜସିଟକୁ କୋର୍ଟରେ ଦାଖଲ କରିଛନ୍ତି । ପୂଜା ସିଂଘଲ କରିଥିବା ଦୁର୍ନୀତିର ପୂରା ତଥ୍ୟ କୋର୍ଟକୁ ଦିଆଯାଇଛି । ମାମଲା ସହ ଜଡିତ ଅନେକ ତଥ୍ୟକୁ ମଧ୍ୟ ଏଥିରେ ରଖାଯାଇଛି । ଏହି ମାମଲାରେ ଜଡିତ ହେବା ପରେ ଆଇଏଏସ ପୂଜା ସିଂଘଲ ନିଲମ୍ବିତ ହୋଇଛନ୍ତି । ମେ ୫ ତାରିଖରେ ଇଡି ପୂଜାଙ୍କର ୨୫ଟି ସ୍ଥାନରେ ରେଡ କରିଥିଲା । ପରେ ପୂଜା ଏବଂ ସୁମନଙ୍କୁ ଗିରଫ କରାଯାଇଥିଲା । ୧୪ ଦିନର ରିମାଣ୍ଡରେ ନେଇ ଉଭୟଙ୍କୁ ପଚରାଉଚରା ପରେ ଅନେକ ତଥ୍ୟ ସାମ୍ନାକୁ ଆସିଥିଲା । ଇଡି ମଧ୍ୟ ବିଭିନ୍ନ ଜିଲ୍ଲାର ଡିଓମଓଙ୍କ ବିରୋଧରେ ମିଳିଥିବା ତଥ୍ୟ ଆଧାରରେ ଯାଞ୍ଚ ଆରମ୍ଭ କରିଛି ।

# ଅଭିମାନୀ ସିନ୍ଧୁନନ୍ଦିନୀ ମହାଲକ୍ଷ୍ମୀ ନନ୍ଦିଘୋଷ ରଥ ଭାଙ୍ଗିଲେ



ପୁରୀ, ୦୫/୦୭ (ନି.ପ୍ର): ମହାପ୍ରଭୁ ମହାବାହୁ ନବଦିନତାତ୍ମକ ଯାତ୍ରାରେ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଅବସ୍ଥାନ କରୁଛନ୍ତି । ଶ୍ରୀମନ୍ଦିରରେ ରୁକ୍ମଣୀ ବିବାହ ପରେ ମହାପ୍ରଭୁ ସ୍ନାନକରି ୧୫ ଦିନ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ରହିଲେ । ପରେ ନବଯୌବନ ଦର୍ଶନ ଦେଇ ବିଶ୍ୱ ବିଖ୍ୟାତ ରଥଯାତ୍ରାରେ ମାଉସୀ ଘରକୁ ବିଜେ କରିଛନ୍ତି । ଭାଇ ଭଉଣୀଙ୍କୁ ସାଙ୍ଗରେ ନେଇ ପ୍ରଭୁ ଯାତ୍ରା କରିଥିବାରୁ ମା ମହାଲକ୍ଷ୍ମୀ ଅଭିମାନରେ ଜର୍ଜରିତ ହୋଇ ଶ୍ରୀମନ୍ଦିରରେ ପଡ଼ି ରହିଛନ୍ତି । ମା ବିମଳାଙ୍କ ପରାମର୍ଶ କ୍ରମେ ପୁଣି ପ୍ରଭୁଙ୍କୁ ଶ୍ରୀମନ୍ଦିର ଫେରାଇ ଆଣିବା ପାଇଁ ମୋହଚୂର୍ଣ୍ଣ ଧୂରି ଆଜି ଶ୍ରୀଗୁଣ୍ଡିଚା ମନ୍ଦିରକୁ ମହାଲକ୍ଷ୍ମୀ ବିମାନ ଯୋଗେ ବିଜେ କରିଥିଲେ । ସଂଧ୍ୟା ଧୂପ ସମୟରେ ମା ଲକ୍ଷ୍ମୀ ଜଗମୋହନରେ ପ୍ରଭୁଙ୍କୁ ଦର୍ଶନ କରିବା ସମୟରେ ହଠାତ୍ ଦ୍ୱାର ବନ୍ଦ କରିଦେବାରୁ ମା ଲକ୍ଷ୍ମୀ ରାଗରେ ଜର୍ଜରିତ ହୋଇ ନାକଚଣା ଦ୍ୱାର ଦେଇ ଶରଧାବାଲିକୁ ଫେରିଥିଲେ । ସେଠାରେ ନନ୍ଦିଘୋଷ ରଥର ଖଣ୍ଡିଏ ଅଂଶ ଭାଙ୍ଗିଦେଇ ବିମାନ ଯୋଗେ ମହଲକ୍ଷ୍ମୀ ହେରାଗୋହିରି ସାହି ଦେଇ ଶ୍ରୀମନ୍ଦିର ବାହୁଡ଼ିଥିଲେ । ରଥଯାତ୍ରାରେ ମାନବୀୟ ଲୀଳାର ଅନେକ ସଂଙ୍କେତ ରହିଛି । ଭକ୍ତମାନଙ୍କ ପାଇଁ ପ୍ରଭୁ ସିଂହାସନରୁ ବଡ଼ଦାଣ୍ଡକୁ ଚାଲିଆସିଥିଲେ । ଭକ୍ତଙ୍କ ସହ ଭଗବାନଙ୍କର ରଥଯାତ୍ରାରେ ହୋଇଛି ମହାମିଳନ ।

# ଆଜି ପ୍ରକାଶ ପାଇବ ମାଟ୍ରିକ୍ ରେଜଲ୍ଟ



ଭୁବନେଶ୍ୱର,୦୫/୦୭ (ନି.ପ୍ର): ଆସନ୍ତାକାଲି (ବୁଧବାର) ପ୍ରକାଶ ପାଇବ ମାଟ୍ରିକ୍ ପରୀକ୍ଷା ଫଳ । ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ଚଳିତ ବର୍ଷର ହାଇସ୍କୁଲ ସାର୍ଟିଫିକେଟ୍(ମାଟ୍ରିକ) ସହ ମଧ୍ୟମା, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷାଫଳ ବୁଧବାର ଦିନ ୧ଟାରେ ବୋର୍ଡ ମୁଖ୍ୟ କାର୍ଯ୍ୟାଳୟରେ ପ୍ରକାଶ ପାଇବ । ବୁଧବାର ଦିନ ବୋର୍ଡ କାର୍ଯ୍ୟାଳୟ ଠାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ , ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ମାଟ୍ରିକ୍, ମଧ୍ୟମା, ମୁକ୍ତ ବିଦ୍ୟାଳୟ-୨୦୨୨ ପରୀକ୍ଷା ଫଳ ପୁସ୍ତିକାକୁ ଲୋକାର୍ପଣ କରିବେ । ଦିନ ୨ଟାରେ ଏହି ପରୀକ୍ଷାଫଳ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.in ଓ www.odisharesult. nic. inରେ ଉପଲବ୍ଧ ହେବ । ଯେଉଁ ଅଂଚଳରେ ଇଂଟରନେଟ୍ ସଂଯୋଗ ନାହିଁ, ସେସବୁ ଅଂଚଳର ଛାତ୍ରଛାତ୍ରୀ ଏସ୍ଏମ୍ଏସ୍ ଜରିଆରେ ଫଳାଫଳ ଜାଣିପାରିବେ । ସେମାନେ ଓଆର୧୦ ସ୍ପେସ୍ ରୋଲ୍ ନଂ ଲେଖି ୫୬୭୬୭୫୦ ନମ୍ବରକୁ ମେସେଜ୍ କରି ରେଜଲ୍ଟ ଜାଣିପାରିବେ । ବୋର୍ଡ ଉପସଭାପତି ଡକ୍ଟର ନିହାରରଞ୍ଜନ ମହାନ୍ତି ସୂଚନା ଦେଇ କହିଛନ୍ତି ପରୀକ୍ଷାଫଳରେ ଅସନ୍ତୋଷ ବ୍ୟକ୍ତ କରୁଥିବା ▶▶ପୃଷ୍ଠା ୭

## ଜୁଲାଇ ୮ରେ ଓଡିଶା ଆସିବେ ଦ୍ରୌପଦୀ ମୁର୍ମୁ



ଭୁବନେଶ୍ୱର, ୦୫/୦୭ (ନି.ପ୍ର): ଆସନ୍ତା ୮ ତାରିଖରେ ଓଡ଼ିଶା ଆସିବେ ଏନଡିଏ ରାଷ୍ଟ୍ରପତି ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁ । ଓଡ଼ିଶା ଆସି ବିଭିନ୍ନ ଦଳର ବିଧାୟକ ଓ ସାଂସଦଙ୍କୁ ଭେଟିବା ସହ ରାଷ୍ଟ୍ରପତି ନିର୍ବାଚନରେ ତାଙ୍କୁ ସମର୍ଥନ କରିବାକୁ ଅନୁରୋଧ କରିବେ । ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ଏନ୍‌ଡିଏ ପକ୍ଷରୁ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିବା ପରେ ସବୁ ରାଜ୍ୟ ଯାଇ ଭୋଟ ଭିକ୍ଷା କରୁଛନ୍ତି ଶ୍ରୀମତୀ ମୁର୍ମୁ । ଏହି କ୍ରମରେ ବିହାର, ଝାରଖଣ୍ଡ, ତାମିଲନାଡୁ ଓ ତେଲେଙ୍ଗାନା ଯାଇ ଭୋଟ ଭିକ୍ଷା କରିବା ପରେ ଓଡ଼ିଶା ଆସିବେ ଦ୍ରୌପଦୀ । ଏହାପରେ ସେ ଆନ୍ଧ୍ର ପ୍ରଦେଶ ଓ ଅନ୍ୟାନ୍ୟ ରାଜ୍ୟ ଯିବାର କାର୍ଯ୍ୟକ୍ରମ ରହିଛି ବୋଲି ସୂଚନା ଦେଇଛନ୍ତି ବିଜେପି ରାଜ୍ୟ ସଭାପତି ଶ୍ରୀ ମହାନ୍ତି । ଜୁନ୍ ୨୪ ତାରିଖରେ ସଂସଦ ଭବନରେ ବିଜେପି ଓ ଏନଡିଏ ନେତାଙ୍କ ଉପସ୍ଥିତିରେ ଶ୍ରୀମତୀ ମୁର୍ମୁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ଆସନ୍ତା ଜୁଲାଇ ୧୮ ତାରିଖ ରାଷ୍ଟ୍ରପତି ନିର୍ବାଚନ ପାଇଁ ମତଦାନ ହେବ ।

# ଉପ ରାଷ୍ଟ୍ରପତି ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରୀ



ନୂଆଦିଲ୍ଲୀ, ୦୫/୦୭ : ଦେଶରେ ରାଷ୍ଟ୍ରପତି ନିର୍ବାଚନ ପରେ ଆରମ୍ଭ ହେବ ଉପ ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ । ଏନେଇ ନିର୍ବାଚନ ଆୟୋଗ ବିଜ୍ଞପ୍ତି ଜାରି କରିଛନ୍ତି । ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ମୁତାବକ ଆଜି ଠାରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ପ୍ରକ୍ରିୟା ଜୁଲାଇ ମାସ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ । ଜୁଲାଇ ୨୦ ତାରିଖରେ ନାମାଙ୍କନ ପତ୍ର ଯାଂଚ ହେବ । ଏହାପରେ ଜୁଲାଇ ୨୨ ତାରିଖ ମଧ୍ୟରେ ନାମାଙ୍କନ ପ୍ରତ୍ୟାହାର କରାଯାଇ ପାରିବ ବୋଲି ନିର୍ବାଚନ ଆୟୋଗ ତାଙ୍କ ବିଜ୍ଞପ୍ତିରେ କହିଛନ୍ତି । ଏହାପରେ ଅଗଷ୍ଟ ୬ ତାରିଖରେ ଉପ ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନ ହେବ । କହିରଖୁ କି ଏବେ ଉପ ରାଷ୍ଟ୍ରପତି ଥିବା ଭେଙ୍କୟା ନାଇଡୁଙ୍କ କାର୍ଯ୍ୟକାଳ ଅଗଷ୍ଟ ୧୦ ତାରିଖରେ ଶେଷ ହେବାକୁ ଯାଉଛି । କହିରଖୁ କି ହେବାକୁ ଯାଉଥିବା ଉପ ରାଷ୍ଟ୍ରପତି ନିର୍ବାଚନ ପାଇଁ ବିଜେପି ନେତୃତ୍ୱାଧିନ ଏନଡିଏ ପାଖରେ ବହୁମତ ରହିଛି । ଉପ ରାଷ୍ଟ୍ରପତିଙ୍କୁ କେବଳ ଲୋକସଭା ଓ ରାଜ୍ୟସଭାର ସାଂସଦମାନେ ଭୋଟ ଦେବାକୁ ଥିବା ବେଳେ ଉଭୟ ଗୃହରେ ଏନଡିଏର ବହୁମତ ରହିଛି । ହେଲେ ଏନଡିଏ ପକ୍ଷରୁ ଏପର୍ଯ୍ୟନ୍ତ ଉପ ରାଷ୍ଟ୍ରପତି ପଦ ପାଇଁ କିଏ ପ୍ରାର୍ଥୀ ହେବ ତାହା ଘୋଷଣା କରାଯାଇ ନାହିଁ । କହିରଖୁ କି ଜଣେ ଉପରାଷ୍ଟ୍ରପତି ପଦ ପାଇଁ ନାମାଙ୍କନ କରିବାକୁ ଚାହିଁଲେ ତାଙ୍କ ପାଖରେ ୨୦ ଜଣ ପ୍ରସ୍ତାବକ ଓ ୨୦ ଜଣ ଅନୁମୋଦକ ରହିଥିବା ଆବଶ୍ୟକ । ଜଣେ ଆଶାୟୀ ସର୍ବାଧିକ ୪ ସେଟ ନାମାଙ୍କନ ପତ୍ର ଦାଖଲ କରିପାରିବେ । ଅନ୍ୟପଟେ ନିର୍ବାଚନ ପାଇଁ ଜଣେ ପ୍ରାର୍ଥୀ ନାମାଙ୍କନ ବେଳେ ୧୫ ହଜାର ଟଙ୍କା ଜମାନତ ରାଶି ଦାଖଲ କରିବେ ।

# ମୁମ୍ବାଇରେ ଅସମ୍ଭାଳ ବର୍ଷା : ଉଦ୍ଧାର କାର୍ଯ୍ୟରେ ୫ ଏନଡିଆରଏଫ୍ ଟିମ୍



ମୁମ୍ବାଇ, ୦୫/୦୭ : ବର୍ଷାରେ ଉବୁଟୁବୁ ମାୟାନଗରୀ । ଭାସୁଛି ମୁମ୍ବାଇ, ଯୁଆଡେ ଦେଖିବ ସିଆଡେ କେବଳ ପାଣି ଆଉ ପାଣି । କେଉଁଠି ବସ୍ ଭାସୁଛି ତ ଆଉ କେଉଁଠି ଟ୍ରେନ୍ ଲାଇନ୍‌ରେ ବର୍ଷା ପାଣି ଲହଡି ଭାଙ୍ଗୁଛି । ଯାତାୟତ ଏକ ପ୍ରକାର ଠପ୍ ହୋଇପଡିଛି । ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆସନ୍ତା ଆହୁରି ୪ ଦିନ ଯାଏଁ ମହାରାଷ୍ଟ୍ରରେ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏପରିକି ପାଣିପାଗ ବିଭାଗ ମୁମ୍ବାଇ ଓ ଥାନେ ବାସିନ୍ଦାଙ୍କ ପାଇଁ ଶୁକ୍ରବାର ପର୍ଯ୍ୟନ୍ତ ୟେଲୋ ୱାର୍ଣ୍ଣିଂ ଜାରି କରିଛି । ସୋମବାର ମୁମ୍ବାଇର ଅଧିକାଂଶ ସହରରେ ପ୍ରବଳ ବର୍ଷା ଯୋଗୁ ଚାରିଆଡ଼ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ପ୍ରବଳ ବର୍ଷା ହେତୁ ଯାତାୟାତ ବି ବାଧାପ୍ରାପ୍ତ ହୋଇଛି । ସହରର ଲୋକାଲ ଟ୍ରେନ୍ ଏକ୍ସପ୍ରେସ୍ ବି ଏହି ବର୍ଷା ହେତୁ ପ୍ରଭାବିତ ହୋଇଛି । ବର୍ଷା ଯୋଗୁ ଟ୍ରେନ୍ ଗୁଡ଼ିକ ଧୀର ମନ୍ଥର ଗତିରେ ଚାଲୁଛି । ଫଳରେ ସିଏସ୍ଏମ୍‌ଟି-ଥାନେ ସେକ୍ସନର କିଛି ଟ୍ରେନ୍ ଗୁଡ଼ିକ ୧୦-୧୫ ମିନିଟ୍ ବିଳମ୍ବରେ ଚାଲୁଛି । ପ୍ରବଳରୁ ଅତିପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିବା ସହ ୪ ରୁ ୮ ତାରିଖ ମଧ୍ୟରେ ରାଇଗଡ଼, ରତ୍ନଗିରି, ସିନ୍ଧୁଦୁର୍ଗ ଜିଲ୍ଲାରେ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରାଯାଇଛି । ପୂରା ମହାରାଷ୍ଟ୍ରରେ ସମୁଦାୟ ୮ଟି ଏନ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ ହୋଇଛି । ନାଗପୁର, ଚିପୁନ ଏବଂ ନାଲନ୍ଦରେ ଗୋଟାଏ ଲେଖାଏଁ ଏନ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ ହୋଇଥିବା ବେଳେ ଅନ୍ୟ ୫ ଟିମ୍ ମୁମ୍ବାଇରେ ନିୟୋଜିତ ହୋଇଥିବା ସୂଚନା ରହିଛି । ଗତ ୧୨ ଘଣ୍ଟା ମଧ୍ୟରେ ମୁମ୍ବାଇରେ ୯୫.୮୧ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ପ୍ରବଳ ବର୍ଷା ଓ କିଛି ଜିଲ୍ଲାରେ ବନ୍ୟା ସ୍ଥିତି ଉପୁଜିବା ଆଶଙ୍କା ରହିଛି । ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମୁଖ୍ୟ ସଚିବ ମନୁକୁମାର ଶ୍ରୀବାସ୍ତବଙ୍କ ସହ ଆଲୋଚନ କରିଛନ୍ତି । ଏଥିସହ ପ୍ରଭାବିତ ଜିଲ୍ଲାରେ ପହଞ୍ଚି ସ୍ଥିତି ସମୀକ୍ଷା କରିବା ସହ ପରିସ୍ଥିତି ଉପରେ କାବୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଶ୍ୱାସରୁଦ୍ଧରୁ ହୋଇଥିଲା ରୁଚିକାଙ୍କ ମୃତ୍ୟୁ



ଭୁବନେଶ୍ୱର,୦୫/୦୭ (ନି.ପ୍ର): ବିଜେବି କଲେଜ୍ ଛାତ୍ରୀ ରୁଚିକା ମହାନ୍ତିଙ୍କର ଶ୍ୱାସରୁଦ୍ଧ ଯୋଗୁଁ ମୃତ୍ୟୁ ହୋଇଥିବା ପୋଷ୍ଟମର୍ଟମ ରିପୋର୍ଟରୁ ସୂଚନା ମିଳିଛି । ବେକରେ ଫାଶି ଦେବାରୁ ଶ୍ୱାସରୁଦ୍ଧ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଥିବାର କମିଶନରେଟ୍ ପୋଲିସ୍ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଅଧିକ ତଥ୍ୟ ପାଇଁ ଭିସେରା ନମୁନା ଲ୍ୟାବକୁ ପଠା ଯାଇଛି । ଅନ୍ୟପକ୍ଷରେ ତଦନ୍ତ ଜାରି ରହିଛି, ୩ ସିନିଅର କିଏ ଜଣାପଡ଼ିନି ବୋଲି କହିଛନ୍ତି ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ । ସେ କହିଛନ୍ତି ଯେ ଏଯାବତ୍ ଶହେରୁ ଅଧିକ ଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇଛି । ଗୋଟିଏ ପୋଲିସ ଟିମ୍ ରୁଚିକାଙ୍କ ଗାଁକୁ ଯାଇ ଖୋଳତାଡ଼ କରିଛି । ରୁଚିକାଙ୍କ ସ୍କୁଲ ଓ କଲେଜ ସାଙ୍ଗଙ୍କ ବୟାନ ରେକର୍ଡ କରାଯାଇଛି । ତଦନ୍ତରେ ବିଜେବି କଲେଜ କର୍ତ୍ତୃପକ୍ଷଙ୍କୁ ସାମିଲ୍ କରାଯାଇଛି ବୋଲି କହିଛନ୍ତି ଡିସିପି ।

# ଅତି ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୦୫/୦୭ (ନି.ପ୍ର): ଆଜି ମୌସୁମୀ ସହ ଜଡିତ ନିମ୍ନ ଚାପରେଖା ରାଜସ୍ଥାନର ଯସେଲମେରରୁ ବାହାରି ଭୀଲବାରା, କେନ୍ଦ୍ରୀୟ ମଧ୍ୟପ୍ରଦେଶ ଅଂଚଳରେ ଲଘୁଚାପକ୍ଷେତ୍ରର କେନ୍ଦ୍ର, ପେଣ୍ଡ୍ରାରୋଡ଼, ସମ୍ବଲପୁର ଏବଂ ବାଲେଶ୍ୱର ମଧ୍ୟ ଦେଇ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଯାଏଁ ଲମ୍ବିଛି । ଏହି ନିମ୍ନ ଚାପ ରେଖା ବାୟୁମଣ୍ଡଳର ୧.୫କିମି ଯାଏଁ ବ୍ୟାପିଛି । ଏତଦବ୍ୟତୀତ ଉତର-ପଶ୍ଚିମ ବଙ୍ଗୋପସାଗର ଏବଂ ତତ୍ ସଂଲଗ୍ନ ଅଂଚଳରେ ଏକ ଘୂର୍ଣ୍ଣିବଳୟ ସମୁଦ୍ର ପତନ ଠାରୁ ୪.୫ କିଲୋମିଟର ଉଚ୍ଚତାରେ ବିସ୍ତାରିତ ହୋଇ ରହିବା ସହିତ ଦକ୍ଷିଣ-ପଶ୍ଚିମ ଆଡକୁ ▶▶ପୃଷ୍ଠା ୭

## ଆରୋଗ୍ୟ ଭାରତୀ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ,୫/୦୭ (ନି.ପ୍ର): ବ୍ରହ୍ମପୁର ହରିହର ନଗର ସ୍ଥିତ ହରିହର ଭେଟ ମନ୍ଦିର ପ୍ରାଙ୍ଗଣରେ ଆଜି ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାନର ଅଧକ୍ଷ ଡା.ନକୁଳ ସାହୁ ରୋଗୀଙ୍କ ରକ୍ତଚାପ, ମଧୁମେହ, ଗଣ୍ଠିବାତ, ଅମ୍ଳପିତ ଓ ସ୍ତ୍ରୀ ରୋଗ ଆଦିର ପରୀକ୍ଷା କରି ଚିକିତ୍ସା, ପରାମର୍ଶ ଓ ଔଷଧ ବିତରଣ କରିଥିଲେ । ମଙ୍କିପକ୍ସ ସଂକ୍ରମଣରୁ ରକ୍ଷା ପାଇବା ପାଇଁ ଶରୀର, ହାତ, ପାଦ ସଫା ରଖନ୍ତୁ, ସାମାଜିକ ଦୂରତା ରକ୍ଷା କରନ୍ତୁ, ଇମ୍ୟୁନିଟି ପାଇଁ ଆୟୁଷ କ୍ୱାଥ ପାନ କରନ୍ତୁ । ସଂକ୍ରମଣ ହେଲେ ଡାକ୍ତରଙ୍କ ପରାମର୍ଶରେ ତ୍ରିଫଳା ଚୁର୍ଣ୍ଣ ସେବନ କରନ୍ତୁ । ଏହି ଶିବିର ପରିଚାଳନାରେ ସହଯୋଗ କରିଥିଲେ ଗୌରୀ ପ୍ରସାଦ ପରିଛା, ଗଣେଶ ପ୍ରସାଦ ପରିଛା ଓ ମନ୍ଦିର କମିଟିର ସଭ୍ୟ ସଭ୍ୟା ।

# ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତମ ଚିକିତ୍ସା ସେବା ଯୋଗାଇଦେବାକୁ ଦାବି

କନ୍ଧମାଳ,୫/୦୭ (ନି.ପ୍ର): ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରୁ ୧୧ ପଚାଂୟତ ବାସୀଙ୍କ ଭରଷା ତୁଟିବାରେ ଲାଗିଛି । ଏଠାରେ ଡାକ୍ତର ଅଛନ୍ତି, କିନ୍ତୁ ମିଳୁନି ଉତମ ମାନର ସ୍ୱାସ୍ଥ୍ୟ ସେବା । ରୋଗୀଟେ ଆସିଲେ ପ୍ରାଥମିକ ଚିକିତ୍ସା ପାଇଁ ୧୫ ରୁ ୩୦ ମିନିଟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି ଡାକ୍ତରଖାନା ବାରଣ୍ଡାରେ । ବିଦ୍ୟୁତ ଚାଲିଗଲେ ଚିକିତ୍ସା ହୁଏ ଏଠି ମୋବାଇଲ ଲାଇଟରେ । ଜେନେରେଟର ଥିଲେ ମଧ ଗରିବ ଆଦିବାସୀଙ୍କ ସେବାରେ ଏହା ଲାଗେନା । ଶନିବାର ପ୍ରାୟ ସନ୍ଧ୍ୟା ୭ଟା ସମୟରେ ଏକ ମାସର ଶିଶୁର ମୃତ୍ୟୁ ହୋଇଛି । ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅବହେଳା ଯୋଗୁଁ ଶିଶୁର ମୃତ୍ୟୁ ହୋଇଥିବା ପିତା ରଞ୍ଜନ ଦିଗଲ ଅଭିଯୋଗ କରିଛନ୍ତି ।
ଅଭିଯୋଗ ପ୍ରକାରେ, ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ସିର୍ଲା ପଚାଂୟତର ପଡ଼ିଆବାହାଲ ଗ୍ରାମରୁ ଶିଶୁର ଚିକିତ୍ସା ନିମନ୍ତେ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସଂଧ୍ୟା ୬ଟା ୩୦ ସମୟରେ ଆଣିଥିଲେ । ଆନ୍ତଃ ଚିକିତ୍ସା ବିଭାଗରେ ଶିଶୁଟିକୁ ଦେଖାଇ ଚିକିତ୍ସା ନିମନ୍ତେ ଡାକ୍ତରଙ୍କୁ ଅନୁରୋଧ କରିଥିଲେ । ଶିଶୁର ଅବସ୍ଥା ଗୁରୁତର ହେବାରୁ ଡାକ୍ତରଙ୍କୁ ଅକ୍ସିଜେନ ଲଗାଇବା ପାଇଁ ଅନୁରୋଧ କରିଥିଲେ ପିତା ରଞ୍ଜନ । କିନ୍ତୁ, ଡାକ୍ତର ତାଙ୍କୁ ଅକ୍ସିଜେନ ମାଗଣା ଦିଆଯାଏନି କହି ବାଲିଗୁଡା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁପାରିଶ କରିଥିଲେ । ତେବେ ଗରିବ ନିରୀହ ନିରକ୍ଷର ଆଦିବାସୀ ଲୋକ କିନ୍ତୁ ଅସହାୟ ହୋଇ ସ୍ୱାସ୍ଥ୍ୟକେନ୍ଦ୍ର ବାହାରେ ଆମ୍ୱୁଲାନ୍ସ ଅପେକ୍ଷାରେ ଚାହିଁ ବସିଥିବାବେଳେ ଶିଶୁଟିର ଜୀବନ ଚାଲିଯାଇଥିଲା । ଶେଷରେ କୌଣସି ସହାୟତା ନ ପାଇ ଏକ ବେସରକାରୀ ଅଟୋ ଭଡ଼ାକରି ମୃତ ଶିଶୁକୁ ନିଜ ଗ୍ରାମକୁ ନେଇଯାଇଥିଲେ । ତେବେ ରାଜ୍ୟ ସରକାର ଗରିବ ନିରୀହଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣା ଚିକିତ୍ସା ଯୋଗାଇ ଦେଉଥିବାବେଳେ ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ ଏହିଭଳି ସେବାରେ କ୍ଷୋଭ ପ୍ରକାଶ କରିଛନ୍ତି ମୃତ ଶିଶୁର ମାତା ପିତା ଓ ଗ୍ରାମବାସୀ । ଏହି ଘଟଣା ପରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି ତୁମୁଡିବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଯତ୍ନଶୀଳ ହେଉ ବୋଲି ତୁମୁଡିବନ୍ଧ ସରପଂଚ ପ୍ରିୟଙ୍କା ପତ୍ର।, ବ୍ଲକ କଂଗ୍ରେସ ସଭାପତି ଗିରିଶ ପରାସେଥ, ନାଏବ ସରପଂଚ ବିଭୁ ଭୂଷଣ ନାୟକ, ସ୍ୱେଚ୍ଛାସେବୀ ଲେବିୟ ପାରାସେଠ୍ ପ୍ରମୁଖ ଦାବି କରିଛନ୍ତି ।

# ଲ’କଲେଜ କଲୋନୀ ରାସ୍ତା ମରାମତି ଓ ଅବରୋଧ ହଟାଇବା ପାଇଁ ଦାବି

କେନ୍ଦ୍ରାପଡ଼ା,୫/୦୭ (ନି.ପ୍ର): କେନ୍ଦ୍ରାପଡାରେ ଥିବା ଦୀନବନ୍ଧୁ ସାହୁ ଆଇନ ମହା ବିଦ୍ୟାଳୟ ଓ କେନ୍ଦ୍ରାପଡା ପବ୍ଲିକ ସ୍କୁଲ ନିକଟରେ ଥିବା ଲ କଲେଜ କଲୋନୀ ରାସ୍ତା ଅତି ଶୋଚନୀୟ ହୋଇ ପଡିଛି । କଟକ ଚାନ୍ଦବାଲି ରାସ୍ତାକୁ ସଂଯୋଗ କରୁଥିବା ଏହି ରାସ୍ତାରେ ଆଣ୍ଠୁଏ ଖାଲ ସହିତ କିଛି ମୁଷ୍ଟିମେୟ ବ୍ୟକ୍ତି ରାସ୍ତାର ଉଭୟ ପାର୍ଶ୍ୱରେ ଜବର ଦଖଲ କରିଥିବା ନେଇ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡାଙ୍କ ନିକଟରେ ଅଭିଯୋଗ ହୋଇଛି । ଏବଂ ବର୍ଷାଜଳ ଛିଡା ହୋଇ ରହୁଛି । ଦୀର୍ଘମାସ ହେଲା ଏହି କଲୋନୀ ବାସିନ୍ଦା ବ୍ଲକ ପ୍ରଶାସନ, ତହସିଲ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ନିକଟରେ ଜବରଦଖଲ ଉଚ୍ଛେଦ କରିବା ସହ ରାସ୍ତା ନିର୍ମାଣ କରିବା ପାଇଁ ଦାବି କରୁଥିଲେ ମଧ ତାହା ଆଜି ପର୍ଯ୍ୟନ୍ତ ହୋଇପାରୁ ନାହିଁ । ଏନେଇ ମଧୁସୁଦନ ଶର୍ମା, ବିଚିତ୍ର କୁମାର ନାୟକ, ପ୍ରକାଶ ବିଶ୍ୱାଳ, ଫକୀର ଚରଣ ରାଉତ, ବିଜୟ କୁମାର ନାୟକ ପ୍ରମୁଖ ତୁରନ୍ତ ରାସ୍ତା ମରାମତି ଓ ଜବରଦଖଲ ଉଚ୍ଛେଦ କରିବାକୁ ଦାବି କରିଛନ୍ତି ।

# ଦିଗନ୍ତ କୁହେଳି ଓ ସୀମାନ୍ତନୀ ପୁସ୍ତକ ଲୋକାର୍ପିତ

କେନ୍ଦ୍ରାପଡ଼ା,୫/୦୭ (ନି.ପ୍ର): କବି ଶ୍ରୀ ନିକୁଞ୍ଜ ବିହାରୀ ପୃଷ୍ଟିଙ୍କ କାଳ୍ପନିକ କାବ୍ୟ (ଦିଗନ୍ତ କୁହେଳି) ଏବଂ ତାଙ୍କର ସହଧର୍ମିଣୀ ଶ୍ରୀମତୀ ଅନିତା ପୃଷ୍ଟିଙ୍କର କବିତା ସଂକଳନ (ସୀମନ୍ତନୀ) ଆଜି କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ଲୋକାର୍ପିତ ହୋଇଯାଇଛି. ଏଥିରେ କବି ନିକୁଞ୍ଜ ବିହାରୀ ପୃଷ୍ଟି ସଭାପତିତ୍ୱ କରିଥିଲେ. ମୁଖ୍ୟଅତିଥି ଭାବରେ ଯୋଗଦେଇ କବି ଶ୍ରୀଯୁକ୍ତ ନିରାକାର ଦାସ ପୁସ୍ତକ ଦୁଇଟିର ଭୁରୀଭୁରୀ ପ୍ରଶଂସା କରିବା ସହିତ କବି ଦମ୍ପତ୍ତିଙ୍କୁ ଏହିଭଳି ଅନେକ କାବ୍ୟ କବିତା ଲେଖିବାକୁ ପ୍ରେରଣା ଦେଇଥିଲେ. ଅନ୍ୟମାନଙ୍କ ମଧରେ ଡଃ. ନୀଳମଣି ଲେଙ୍କା, ଗୀତିକାର ବଳରାମ ଲେଙ୍କା, ଡଃ ଶିବପ୍ରସାଦ ଦଳାଇ ଏବଂ ଡଃ ପ୍ରଭାତ ରଞ୍ଜନ ଲେଙ୍କା, ସାହିତ୍ୟ ଫର୍ଦ ସମ୍ପାଦକ ଓ ବନଫୁଲ ପ୍ରକାଶନୀର ସମ୍ପାଦକ ଶ୍ରୀ ପବିତ୍ର ବ୍ରହ୍ମପୁତ୍ର ନାୟକ ସମୀକ୍ଷକ ଭାବରେ ଯୋଗଦେଇ ବହି ଦୁଇଟିର ସମୀକ୍ଷା କରିଥିଲେ. ଶିକ୍ଷାବିତ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଶ୍ରୀ ଶୈଳଜା ଶଙ୍କର ସାମଲ ସଭାକାର୍ଯ୍ୟ ପରିଚାଳନା କରିଥିଲେ. ଶିକ୍ଷୟତ୍ରୀ ଆରାଧନା ଦାଶ, ଚାରୁଲତା ଭୂୟାଁ, ଅଶୋକ କୁମାର ସାହୁ ଓ ଅଭୟ କୁମାର ରାଉତଙ୍କ ମିଳିତ ସଂଯୋଜନାରେ ପ୍ରାୟ ୬୦ଜଣ ଲବଭସ/କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ. ସେମାନଙ୍କ ମଧରେ କବି ଅମର ପ୍ରସାଦ ରାଉତ, ଶରତ କୁମାର ରାଉତ ଗଗନ ବିହାରୀ ଜେନା, ଅଧର ଜେନା, ଗଗନ ସିଂ, ମାଧବାନନ୍ଦ ଦାସ, ରଞ୍ଜନ ବାଇ, ଅଜୟ ପାତ୍ର, ଶଙ୍କର୍ଷଣ ସାହୁ, କବିତା ମୁଦୁଲୀ, ସ୍ୱପ୍ନାଷ୍ଟୁ ଦାସ, ପ୍ରଦୀପ ଦାସ, ନକୁଳ ପୃଷ୍ଟି ଅନ୍ୟତମ. ଅନ୍ୟ ପକ୍ଷରେ ନିଜର ସାହିତ୍ୟ କୃତିନିମନ୍ତେ ହେମନ୍ତ କୁମାର ରାଉତ, ମନ୍ମଥନାଥ ବରାଳ, ରତ୍ନାକର ମଲିକ, ରାମକୃଷ୍ଣ ଦାଶ, ସଞ୍ଜୟ ମଲିକ, ଭୀମସେନ ନାୟକ, ମେଜର ଭରତ ଜେନା, ଆରାଧନା ଦାଶ, ଚାରୁଲତା ଭୂୟାଁ, ଆମ ଗାଁ ସାହିତ୍ୟ ପରିଷଦର ଅଶୋକ କୁମାର ସାହୁ, ମଞ୍ଜୁଶ୍ରୀ ବରାଳ, କବିତା ମୁଦୁଲୀ, ଶ୍ରୀଧର ମହାନ୍ତି,ଡଃ,ଅଭୟ ରାଉତ, ଶୁଭାଂଶୁ ଦାସ, ଅବନ୍ତୀ ବେହେରା, ଶୈଳଜା ସାମଲ, ମନୋରଞ୍ଜନ ତ୍ରିପାଠୀ, ମୃତ୍ୟୁଞ୍ଜୟ ମହାନ୍ତି ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା. ଶେଷରେ ଶିକ୍ଷକ, କବି ଶ୍ରୀଯୁକ୍ତ ଟିଟିକାନ୍ତ ନାୟକ ଧନ୍ୟବାଦ ଦେବା ପରେ ସଭାସାଙ୍ଗ କରାଯାଇଥିଲା ।

# ଦିଲ୍ଲୀ ରାମ୍ପ ସୋରେ ଚମକିଲେ ସମ୍ବଲପୁରୀ ଡିଜାଇନର

ସମ୍ବଲପୁର ,୫/୦୭ (ନି.ପ୍ର): ଆନ୍ତର୍ଜାତୀୟ ରାମ୍ପ ସୋରେ ବାଜି ମାରିଲେ ସମ୍ବଲପୁର ସହରର ଡିଜାଇନର ଅନୁଷ୍ଠାନ । ସାରା ଦେଶର ଜଣାଶୁଣା ସବୁ ଡିଜାଇନରଙ୍କ ଡିଜାଇନକୁ ଫଛରେ ପକାଇ ବେଷ୍ଟ ଡିଜାଇନର ପୁରସ୍କାର ହାସଲ କରିଛି ସମ୍ବଲପୁର ସହର ର ଡିଯାଇନର ଅନୁଷ୍ଠାନ ସମ୍ବଲପୁରୀ ହବ୍ । ଏଥିପାଇଁ ସାରା ଜିଲ୍ଲାରେ ଏବେ ଚର୍ଚ୍ଚାରେ ରହିଛି ସମ୍ବଲପୁରୀ ଡିଜାଇନର ଅନୁଷ୍ଠାନ ସମ୍ବଲପୁରୀ ହବ୍ ସମ୍ବଲପୁର ତଥା ଓଡିଶା ରାଜ୍ୟ ପାଇଁ ଏବେ ଗର୍ବ ଓ ଗୈ ।ରବ ଆଣିଛନ୍ତି ସମ୍ବଲପୁର ସହରର ସମ୍ବଲପୁରୀ ହବ୍ ଅନୁଷ୍ଠାନ । ଏବେ ସମ୍ବଲପୁରୀ ଡିଜାଇନ କ୍ଷେତ୍ରରେ କାମକରୁଥିବା ସହରର ଡିଜାଇନର ଅନୁଷ୍ଠାନ ସମ୍ବଲପୁରୀ ହବ୍ କୁ ମିଳିଛି ଆନ୍ତର୍ଜାତିକ ମଞ୍ଚରେ ବଡ ସଫଳତା । ପୁର୍ବରୁ ରାଜ୍ୟର ବିଭିନ୍ନ ମଞ୍ଚରେ ନିଜର ଅନୁଷ୍ଠାନ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଚମତ୍କାର ଡିଜାଇନ ପାଇଁ ପ୍ରଂଶସା ସାଉଟିଥିବା ସମ୍ବଲପୁରୀ ହବ୍ କୁ ଏବେ ମିଳିଛି ଆନ୍ତର୍ଜାତିକ ସ୍ତରୀୟ ବଡ ମଞ୍ଚରେ ଯଥେଷ୍ଟ ସମ୍ମାନ ଓ ଅନୁଷ୍ଠାନ ହାସଲ କରିଛି ପୁରସ୍କାର । ଜୁନ ୩୦ ତାରିଖରେ ଦିଲ୍ଲୀ ଠାରେ ଅନୁଷ୍ଠିତ ଇଣ୍ଟରନେସନାଲ ରାମ୍ପ ରନୱେ ( ଫ୍ୟାସନ ସୋ ) ରେ ଭାଗନେଇ ଶ୍ରେଷ୍ଠ ପଦର୍ସନ କରି ପୁରସ୍କାର ଜିତିଲା ସମ୍ବଲପୁରୀ ହବ୍ ଅନୁଷ୍ଠାନ । ଏଥିରେ ଭାଗନେବା ପାଇଁ ସମ୍ବଲପୁର ର ୩୦ ଜଣ ମଡେଲ ଦିଲ୍ଲୀ ଯାତ୍ରା କରି ସମ୍ବଲପୁର କଳା ,ସଂସ୍କୃତି , ପରମ୍ପରା ର ସୁନ୍ଦର ଡିଜାଇନର ଝଲକ ସମ୍ବଲପୁରୀ ହବ୍ ଅନୁଷ୍ଠାନ ର ମଡେଲମାନେ ପ୍ରଦର୍ଶନ କରିଥିଲେ । ଏଥିପାଇଁ ଦିଲ୍ଲୀ ଠାରେ ବେଷ୍ଟ ସମ୍ବଲପୁରୀ ଡିଜାଇନ ର ପୁରସ୍କାର ମଧ ଅନୁଷ୍ଠାନ କୁ ପ୍ରଦାନ କରାଯାଇଥିଲା । ଦବଙ୍ଗ -୩ ର ହିରୋଇନ ସାଇଁ ମଞ୍ଜିରିକରଙ୍କ ହାତକୁ ଅନୁଷ୍ଠାନ ର ସଭ୍ୟ ମାନେ ବେଷ୍ଟ ଡିଜାଇନର ପୁରସ୍କାର ଗ୍ରହଣ କରିଥିଲେ । ଦେଶରେ ରାଜଧାନୀ ଦିଲ୍ଲୀରେ ଅନୁଷ୍ଠିତ କାଯ୍ୟକ୍ରମ ଇଣ୍ଟରନେସନାଲ ରାଂପ ରନୱେ ( ଫ୍ୟାସନ ସୋ ) ଆନ୍ତର୍ଜାତିକ ସ୍ତରୀୟ ଥିଲା । ତେଣୁ ଏଥିରେ ଦେଶ ବାହାର ର ମଧ ବହୁ ଅତିଥି ମାନେ ଯୋଗ ଦେଇଥିଲେ । ଏହି କାଯ୍ୟକ୍ରମ ରେ ଦେଶର ଜଣାଶୁଣା ୭ ଜଣ ଡିଜାଇନର ଓ ୧୦୦ ରୁ ଉର୍ଦ୍ଧ ମଡେଲ ଭାଗ ନେଇ ସେମାନଙ୍କ ସବୁ ଶ୍ରେଷ୍ଠ ଡିଜାଇନ ମଞ୍ଚରେ ମଡେଲ ମାନେ ପଦର୍ସନ କରିଥିଲେ । ଅନ୍ୟପକ୍ଷରେ ଏଥିରେ ସମ୍ବଲପୁର ରୁ ଯାଇଥିବା ସମ୍ବଲପୁରୀ ହବ୍ ଟିମ ସମସ୍ତଙ୍କୁ ପଛରେ ପକାଇ ବାଜି ମାରି ବେଷ୍ଟ ଡିଜାଇନର ର ପୁରସ୍କାର ହାସଲ କରିପାରିଛି । ଆଜି ଏହି ସଫଳତା ପାଇଁ ସମ୍ବଲପୁର ଠାରେ ସମ୍ବଲପୁରୀ ହବ୍ ଅନୁଷ୍ଠାନ ର ସବୁ ମଡେଲ ଙ୍କ ସହ ଟିମ ର ସବୁ ସଭ୍ୟ ମାନଙ୍କୁ ମିଳୁଛି ଶୁଭେଚ୍ଛା ତଥା ଅଭିନନ୍ଦନ । ସମ୍ବଲପୁର ସହର ଠାରୁ ନିଜର ସମ୍ବଲପୁରୀ ଡିଜାଇନ କ୍ଷେତ୍ରରେ କିଛି ନୂଆ କରିବା ପାଇଁ କରାଯାଇଥିବା ପ୍ରୟାସ ପାଇଁ ଆଜି ସମ୍ବଲପୁରୀ ହବ୍ କୁ ବଡ ସଫଳତା ମିଳିପାରିଛି ବୋଲି ସୁନିତା ରାଜୀବ ସୋନୀ, ,ରିତୁପର୍ଣ୍ଣା ସରାଫ, ମଡେଲ, ସେମ୍ ସାମନ୍ତରାୟ, ପ୍ରତିଷ୍ଠାତା ,ସମ୍ବଲପୁରୀ ହବ୍ ପ୍ରମୁଖ ମତ ପ୍ରକାଶ କରିଛନ୍ତି ।

# ମୃତ ଲୋକଙ୍କ ଜମି ହଡ଼ପ ଅଭିଯୋଗ, ବଲାଙ୍ଗିର ତହସିଲଦାରଙ୍କ ବିରୋଧରେ: ଥାନାରେ ମାମଲା ରୁଜୁ

ବଲାଙ୍ଗିର, ୫/୦୭ (ନି.ପ୍ର): ବଲାଙ୍ଗିର ତହସିଲଦାର ମଘବାନ ବାଗଙ୍କ ବିରୋଧରେ ସାଙ୍ଘାତିକ ଅଭିଯୋଗ ଆସିଛି । ଜମି କେଳେଙ୍କାରୀର ମାଷ୍ଟରମାଇଣ୍ଡ ସାଜିଛନ୍ତି ଖୋଦ୍ ବଲାଙ୍ଗିର ତହସିଲଦାର । ୯ ଜଣଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାରେ ଅଭିଯୁକ୍ତ ରହିଛନ୍ତି ତହସିଲଦାର । ମୃତ ବ୍ୟକ୍ତିଙ୍କ ଜମି ହଡ଼ପ କରି ଏବେ ତହସିଲଦାର ମାମଲାରେ ଛନ୍ଦି ହୋଇଛନ୍ତି । ଏନେଇ ବଲାଙ୍ଗିର ସଦର ଥାନାରେ ଦଫା ୪୨୦, ୪୬୮, ୪୭୧, ୩୪ ଧାରାରେ ରୁଜୁ ହୋଇଥିବା ମାମଲା (ନଂ. ୨୪୯) ଏହା କହୁଛି । ଏକ ସାଙ୍ଘାତିକ ଅଭିଯୋଗ ଅନୁସାରେ, ଜିଲ୍ଲା ସଦର ମହକୁମାରେ ଜମି କେଳେଙ୍କାରୀର ନେତୃତ୍ୱ ନେଇଛନ୍ତି ତହସିଲଦାର । ନିଜ ଅଧିକାରୀ, କର୍ମଚାରୀ ଓ ଦଲାଲ ଲଗାଇ ମୃତ ଲୋକଙ୍କ ନାଁରେ ତିଆରି କରାଯାଇଛି ପରିଚୟପତ୍ର । ନକଲି ଲୋକଙ୍କୁ ଅସଲି ଦର୍ଶାଇ ଅନ୍ୟ ଲୋକଙ୍କ ନାଁରେ ଜମି ବିକ୍ରି କରାଯାଇଛି । କିଛି ଜମି ଅନ୍ୟ ଖାତାକୁ ବି ଚାଲିଗଲାଣି । ଯାହା କରିବା ପାଇଁ ତହସିଲଦାରଙ୍କ ଡିଜିଟାଲ ସ୍ୱାକ୍ଷର ବାଧ୍ୟତାମୂଳକ । ଆଉ ସବୁ ହେଲା ପରେ ମ୍ୟୁଟେସନ୍ ହୋଇ ପଟ୍ଟା ବି ବାହାରି ସାରିଲାଣି । ସବୁଥିରେ ରହିଛି ତହସିଲଦାରଙ୍କ ସ୍ୱାକ୍ଷର । ପ୍ରାଥମିକ ପ୍ରମାଣ ପାଇବା ପରେ ତହସିଲଦାରଙ୍କ ବିରୋଧରେ ବଲାଙ୍ଗିର ସଦର ଥାନାରେ ରୁଜୁ ହୋଇଛି ମାମଲା ।
ଏହି ଚର୍ଚ୍ଚିତ ଜମି ହଡ଼ପ ଘଟଣାଟି ଏମିତି, ଜମି ବିକ୍ରେତା ହେଉଛନ୍ତି ମୃତ ହର୍ଷ ଷାଣ୍ଢ । ସଦର ଥାନା ଆଦର୍ଶ ସ୍କୁଲ ପଛପଟ ଧୁମାମରା ମୌଜାରେ ତାଙ୍କର ଜମି । ଜମି କିଣିଛନ୍ତି ଲବଣୀ ପୃଷ୍ଟି । ଏଠି ଦଲିଲ୍ ନକଲି ନୁହେଁ । କ୍ରେତା ବି ନକଲି ନୁହେଁ । କିନ୍ତୁ, ଦୁଇ ଅସଲି ଭିତରେ ଗୋଟିଏ ନକଲି ତାହା ହେଉଛନ୍ତି ବିକ୍ରେତା ମୃତ ହର୍ଷ । ଅସଲି ଜମି ମାଲିକ ହର୍ଷ ଷାଣ୍ଢଙ୍କର ଗତ ୨୦୦୫ ମସିହାରୁ ମୃତ୍ୟୁ ହୋଇସାରିଛି । ତାଙ୍କ ମୃତ୍ୟୁର ପ୍ରମାଣପତ୍ର ବି ରହିଛି । କିନ୍ତୁ, ହର୍ଷ ଷାଣ୍ଢଙ୍କ ଜାଗାରେ ଅନ୍ୟ ଏକ ଗାଁର ଜଣେ ବୃଦ୍ଧଙ୍କ ଫଟୋ ଲଗାଇ ତାଙ୍କୁ ହର୍ଷ ଷାଣ୍ଢ ସଜାଇ ଦିଆଯାଇଛି । ନକଲି ହର୍ଷ ଷାଣ୍ଢ ସ୍ୱାକ୍ଷର ଜାଣିଥିଲେ ବି ତାଙ୍କଠାରୁ ଟିପ ଚିହ୍ନ ନିଆଯାଇଛି । ସବୁ କିଛି ଜାଲିଆତି କରି ଏକର ୦.୫୦ ଡିସିମିଲ ଜାଗାକୁ ଗତ ୨୦୨୧ ମସିହା ମାର୍ଚ୍ଚ ୩ ତାରିଖରେ ଲବଣୀ ପୃଷ୍ଟିଙ୍କ ନାଁରେ ରେଜିଷ୍ଟ୍ରି କରାଯାଇଛି । ଘଟଣା ସଂପର୍କରେ ବହୁ ଦିନ ପରେ ମୃତ ହର୍ଷଙ୍କ ପରିବାର ଲୋକ ଏକଥା ଜାଣିଲେ । ତହସିଲଦାରଙ୍କୁ ଜଣାଇଥିଲେ । ହେଲେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତେ ଲବଣୀ ପୃଷ୍ଟି ଓ ତାଙ୍କ ସ୍ୱାମୀ ମାଧବ ପୃଷ୍ଟିଙ୍କୁ ସବୁ କିଛି ଖବର ଦେଉଥିଲେ ତହସିଲଦାର । ତେଣୁ ଶେଷରେ ବଲାଙ୍ଗିର ତହସିଲଦାରଙ୍କ ବିରୋଧରେ ସଦର ଥାନାରେ ହର୍ଷଙ୍କ ପୁଅ ଅଭିଯୋଗ କରିଥିଲେ । ମୃତ ହର୍ଷଙ୍କ ତୃତୀୟ ବୋହୂ ହେଉଛନ୍ତି ଅହଲ୍ୟା ଷାଣ୍ଢ । ତିନି ଭାଇ ଭିତରେ ଭାଗ ହେବାକୁ ଥିବା ଏହି ଜମି ଖଣ୍ଡକ ଅହଲ୍ୟାଙ୍କ ସାହାଭରସା ଥିଲା । ହେଲେ ତାହା ବି ଅଜାଣତରେ ଚୋରି ହୋଇଗଲା । ମୃତ ହର୍ଷଙ୍କ ବଡ଼ପୁଅ ଲାଲ ଷାଣ୍ଢ କହିଛନ୍ତି, ଗରିବ ଲୋକ ହୋଇଥିବାରୁ ତହସିଲଦାର ଏଭଳି କାରନାମା କରିଛନ୍ତି । ମୃତ ହର୍ଷଙ୍କ ନାତି ବିକାଶ ଷାଣ୍ଢ କହିଛନ୍ତି, ଜମି ହରାଇ ପୂରା ପରିବାର ଚିନ୍ତାରେ ରହିଛୁ । ଜମି ନପାଇଲେ ତହସିଲ କାର୍ଯ୍ୟାଳୟକୁ ଯାଇ ସାମୂହିକ ଆତ୍ମହତ୍ୟା କରିବୁ । ସେପଟେ ନକଲି ଜମି ବିକ୍ରେତା କିଏ ସେ ସଂପର୍କରେ ଖବର ନେବାରୁ ଆଉ ଏକ ରୋଚକ ତଥ୍ୟ ସାମ୍ନାକୁ ଆସିଛି । ନକଲି ଜମି ବିକ୍ରେତା ହେଉଛନ୍ତି ବଲାଙ୍ଗିର ସହରରୁ ଦଶ କି.ମି. ଦୂର ସିକାବେହେଙ୍ଗା ଗ୍ରାମର ଉତମ ନାଗ ।
ସେ ଜଣେ ଦିନ ମଜୁରିଆ ହୋଇଥିବା ବେଳେ ତାଙ୍କୁ ଭୁତାଇ ଜମି କିଣାରେ ସାକ୍ଷୀ ହେବାକୁ ଜ୍ୱାଇଁପୁଅ ଘରୁ ଡାକି ନେଇଯାଇଥିଲେ ବୋଲି ସେ କହିଛନ୍ତି ।ଏଭଳି ଜମି ଲୁଟ୍ କୁ ନେଇ ଜିଲ୍ଲାପାଳଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି ଓ କାର୍ଯ୍ୟାନୁଷ୍ଠାନ ପରେ ସବିଶେଷ ପ୍ରତିକ୍ରିୟା ଦେବେ ବୋଲି ସେ କହିଥିଲେ । ତହସିଲଦାର ମଘବାନ ବାଗଙ୍କୁ ପଚାରିବାରେ ଏଥିରେ ତାଙ୍କର କୌଣସି ସଂପୃକ୍ତି ନାହିଁ । ତେବେ ଏ ସଂକ୍ରାନ୍ତରେ ଆରଆଇମାନଙ୍କୁ ଚିଠି କରିଛି ବୋଲି କହିଛନ୍ତି । ଏ ଖବର ସାମ୍ନାକୁ ଆସିବା ପରେ ସାରା ରାଜ୍ୟରେ ଏନେଇ ଚର୍ଚ୍ଚା ଜୋର୍ ଧରିଛି ।

## ଅଙ୍କୁର ସାହିତ୍ୟ ସଂସଦର ଭକ୍ତି କବିତା ଆସର

ବଲାଙ୍ଗୀର,୫/୦୭ (ନି.ପ୍ର): ପବିତ୍ର ରଥଯାତ୍ରା ଅବସରରେ ବଲାଙ୍ଗିର ସନାତନ ମନ୍ଦିରଠାରେ ଅଂକୁର ସାହିତ୍ୟ ସଂସଦ ବଲାଙ୍ଗିର ତରଫରୁ ଭକ୍ତି କବିତା ଆସର ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସଭାପତି ଡ଼ ଅଶୋକ କୁମାର ସେଠିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ କବି ନାମଯଜ୍ଞ ମିଶ୍ର ଯୋଗଦେଇଥିଲେ । ପ୍ରଭୁ ଜଗନ୍ନାଥଙ୍କଠାରେ ମଙ୍ଗଳ ଆଳତୀ ପରେ ସ୍ୱ ରଚିତ ଭକ୍ତି କବିତା ଗୁଡିକୁ କବି ମଧୁସୂଦନ ନେଗୀ, ଅନନ୍ତ ବିଶ୍ୱାଳ, ପ୍ରସନ୍ନ ମିଶ୍ର, ମଦନ ମୋହନ ରଥ, ଧୀରେନ୍ଦ୍ର ନାରାୟଣ ସିଂହଦେଓ, ରାଜ କିଶୋର ପଣ୍ଡା, ଧର୍ମବ୍ରତ ରଥ, ବଳିଷ୍ଠ ପଧାନ, ହୃଷିକେଶ ପୁରୋହିତ, କପିଳ ପତି, ଜ୍ୟୋତିରାଣୀ ମିଶ୍ର, କବିତା ମିଶ୍ର, ତପସ୍ୱିନୀ ପଶାୟତ, ନଳିନୀ ପ୍ରଭା ଶତପଥି, ଜ୍ୟୋସ୍ନା ମୟୀ ତ୍ରିପାଠୀ, ଧର୍ମେନ୍ଦ୍ର ପଧାନ, ରାଧାକୃଷ୍ଣ ମେହେର, ଜ୍ୟୋତ୍ରିମୟୀ ତ୍ରିପାଠୀ, ସୁଷମା ଷଡ଼ଙ୍ଗୀ, ରଶ୍ମି ପାତ୍ର, ମମତା ବେହେରା, ନେପାଳ ଚନ୍ଦ୍ର ବାଗ କବିତା ପାଠ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ବରିଷ୍ଠ ସଦସ୍ୟ ଚୂଡେନ୍ଦ୍ର କୁମାର ବେହେରା ଓ ପ୍ରଦୀପ ପଶାୟତ ସହଯୋଗ କରିଥିଲେ ।

# ମିଥ୍ୟା ଉତ୍ତରାଧିକାରୀ ପ୍ରମାଣ ମାଧ୍ୟମରେ ଜମି ବିକ୍ରି ଅଭିଯୋଗ

କେନ୍ଦ୍ରାପଡ଼ା,୫/୦୭ (ନି.ପ୍ର): ସମ୍ପତି ଲୋଭରେ ଭାଇ ଓ ଭଉଣୀ ଭିତରେ ଥିବା ରକ୍ତ ସଂପର୍କକୁ କିପରି ଏଡାଇ ଦିଆଯାଇ ପାରେ ଏହାର ଏକ ନମୁନା ଦେଖିବାକୁ ମିଳିଛି । କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ତହସିଲ ଅନ୍ତର୍ଗତ ନେମ୍ପରା ଥାଉରୀ ରାଜସ୍ୱ ନିରୀକ୍ଷକ ଅଧିନସ୍ଥ ଥାଉରୀ ଗ୍ରାମର ସ୍ନେହଲତା ଦାସ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ସ୍ୱର୍ଗତ ଲୋକନାଥ ଦାସ ପିତା-ରତ୍ନାକର ଦାସଙ୍କର ୨ଗୋଟି ସନ୍ତାନ ଅଛନ୍ତି । ପୁଅ ପୁରୁଷୋତମ ଦାସ ଓ ଝିଅ ସ୍ନେହଲତା ଦାସ ଯିଏକି ଦୀର୍ଘବର୍ଷ ହେଲା ତାଙ୍କ ସ୍ୱାମୀଙ୍କ ସହ ସୁରଟରେ ରହୁଛନ୍ତି । ୨୦୧୫ ମସିହାରେ ତାଙ୍କ ବାପାଙ୍କ ମୃତ୍ୟୁପରେ ଭଉଣୀକୁ ସମ୍ପତି ନଦେବା ପାଇଁ ଗତ ୨୦୨୦ ଅଗଷ୍ଟ ମାସରେ ଏକ ଲିଗାଲ ହେୟାର ସାର୍ଟିଫିକେର୍ଟ ବାହାର କରିଥିଲେ । ସେଥିରେ ତାଙ୍କ ଭଉଣୀ ସ୍ନେହଲତା ଦାସଙ୍କ ନାମ ନଲେଖି ୰ଲୋକନାଥଙ୍କର କେବଳ ଗୋଟିଏ ପୁଅ ଅଛି ବୋଲି, ଦର୍ଶାଯାଇଛି । ଏହି ଲିଗାଲ ହେୟାର ସାର୍ଟିଫିକେର୍ଟ ବଳରେ କିଛି ଜମି ମଧ ବିକ୍ରି କରାଯାଇ ଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଖବରପାଇ ସ୍ନେହଲତା ୧୩.୦୫.୨୦୨୨ରେ ସେହି ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ପୁନଶ୍ଚ ଲିଗାଲ ହେୟାର ଆବେଦନ କରିବା ପରେ ସେଥିରେ ଲୋକନାଥଙ୍କର ପୁଅ ଓ ଝିଅ ଥିବା ଦର୍ଶାଯାଇଛି । ପୂର୍ବରୁ ଦିଆଯାଇ ଥିବା ଲିଗାଲ ହେୟାର ସାର୍ଟିଫିକେର୍ଟ କୁ ରଦ୍ଦ କରିବା ସହ ବିକ୍ରି ହୋଇଥିବା ଜମିକୁ ଫେରସ୍ତ ଓ ଠକେଇରେ ସଂପୃକ୍ତ ଥିବା ଦୋଷୀଙ୍କ ବିରୋଧରେ କାର୍ଯାନୁଷ୍ଠାନ ଗ୍ରହଣ କରିବାକୁ ସ୍ନେହଲତା ଦାସ ଜିଲ୍ଲାପାଳ ଅମ୍ରିତ ରତୁରାଜଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ।

# ଅର୍ଥ ଅଭାବରୁ ଚିକିତ୍ସା ହୋଇ ପାରୁନାହାନ୍ତି ଦୁଇ କିଡ଼ନୀ ରୋଗୀ

ମାଲକାନଗିରି,୫/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ପ୍ରତିବର୍ଷ କିଡ଼ନୀ ଜନିତ ସମସ୍ୟା ଦେଖାଯାଇଥିବା ବେଳେ ବହୁ ଏଥିରେ ପ୍ରାଣ ମଧ ହରାଇଛନ୍ତି । କିଏ ଚିକିତ୍ସା ଅଭାବରୁ ଘରେ ପଡି ଶଯ୍ୟାଶାୟୀ ହୋଇ ପ୍ରାଣ ହରାଉଥିବା ବେଳେ କିଏ ଅର୍ଥ ଅଭାବ ରୁ ମୃତ୍ୟୁ ବାଟକୁ ଚାହିଁ ବସିଛନ୍ତି । କାଳିମେଳା ସଦରର ଆଦିବାସୀ କଲୋନୀ ବଳରାମ ହରିଜନ ଓ ପଦ୍ମା ମୁଦୁଲି ଦୁଇ ଜଣ ଏବେ କିଡ଼ନୀ ରୋଗ ରେ ପୀଡିତ । ଗରିବ ଶ୍ରେଣି ର ହୋଇଥିବା ରୁ ଭଲ ଚିକିତ୍ସା ହୋଇ ନ ପାରି ଶଯ୍ୟାଶାୟୀ ଅବସ୍ଥା ରେ ନିଜ ମୃତ୍ୟୁ କୁ ଅପେକ୍ଷା କରି ବସିଛନ୍ତି । ସେପଟେ ଉଭୟ ଙ୍କ ପରିବାର ବର୍ଗ ସରକାରୀ ସହାୟତା କୁ ଅପେକ୍ଷା କରିବା କହିଛନ୍ତି । ଜିଲ୍ଲାର କାଳିମେଳା ଓ ପଡ଼ିଆ ବ୍ଲକ୍ ର ପ୍ରତ୍ୟେକ ଗ୍ରାମ ରେ ବହୁତ୍ କିଡ଼ନୀ ରୋଗୀ ଥିବା ବେଳେ ବହୁତ୍ ଜଣ ମୃତ୍ୟୁ ମୁଖ ରେ ପଡ଼ିଲେନି । ସଚେତନତା ଅଭାବ ଓ ଲୌହ ଯୁକ୍ତ ପାଣି ଏହାର କାରଣ ହୋଇଥାଏ ବୋଲି ଆଲୋଚନା ହେଉଥିବା ବେଳେ ଜିଲ୍ଲାପ୍ରଶାସନ ଏଥି ପ୍ରତି ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ । ସେପଟେ ଜିଲ୍ଲାରେ ସମସ୍ତ କିଡ଼ନୀ ରୋଗୀଙ୍କୁ ଚିହ୍ନଟ କରିବା ସେମାନଙ୍କୁ ରାଜ୍ୟ ସରକାର ଙ୍କ ବିଭିନ୍ନ ଯୋଜନା ସରକାରୀ ସହାୟତା ଯୋଗାଇ ଦେବା ଆବଶ୍ୟକ ଥିବା ବୁଦ୍ଧିଜିବୀ ମାନେ ମତ ଦେଇଛନ୍ତି !

# କୁରୁଲ ରାମଜୀ ହାଇ ସ୍କୁଲରେ ମୋ ସ୍କୁଲ ବୈଠକ

ବଲାଙ୍ଗୀର ,୫/୦୭ (ନି.ପ୍ର): ଓଡିଶା ସରକାରଙ୍କ ମୋ ସ୍କୁଲ ଅଭିଯାନ ଯୋଜନାରେ ନିଜକୁ ସାମିଲ କରିବା ପାଇଁ ରାମଜୀ ହାଇସ୍କୁଲ କୁରୁଲର ୨୦୧୦ ବ୍ୟାଚର ପୁରାତନ ବିଦ୍ୟାର୍ଥୀ ମାନେ ଏକତ୍ରିତ ହୋଇ ନିଜକୁ ମଣିଷ କରି ଗଢି ତୋଳିଥିବା ବିଦ୍ୟାମନ୍ଦିରର ସର୍ବାଙ୍ଗୀନ ଉନ୍ନତି ପାଇଁ ସଂକଳ୍ପ ନେଇଥିଲେ । ବିଦ୍ୟାଳୟର ସୁସଜ୍ଜିକରଣ, ପରିବେଶ ନିର୍ମାଣ, ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ସହାୟତା ପ୍ରଦାନ, ଶୈକ୍ଷିକ ବାତାବରଣକୁ ସୁଦୃଢ କରିବା, ବୃକ୍ଷରୋପଣ, ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିବା ପାଇଁ ପୁରାତନ ବିଦ୍ୟାର୍ଥୀମାନେ ଆଲୋଚନା କରିବା ସହ ଭବିଷ୍ୟତରେ ତାହା କିପରି କାର୍ଯ୍ୟାନ୍ୱୟନ ହେବ ସେଥିପ୍ରତି ଆଲୋଚନା କରିଥିଲେ । ପ୍ରମୋଦ କୁମାର ନାଏକଙ୍କ ପରିଚାଳିତ ସଭାରେ ଛାତ୍ର ପ୍ରତାପ ନାଏକ, କହ୍ନେଇ ଚରଣ ପଟେଲ, ରାଜେଶ ଚନ୍ଦନ, ଆକାଶ ନାଏକ, ଦୁଷ୍ମନ୍ତ ପୋଢ, ରାଜୀବ ଲୋଚନ ରାଉତ, ସୁବିନ୍ଦ୍ର ଜାଲ, ମର୍ଯ୍ୟାଦାମୟୀ ପଟେଲ, ସୁନୀତା ରାଉତ, ସୀମାରାଣୀ ରାଏ, ସାଗରୀକା ସେଟ, ନଳିନୀ ସୁନା, ରାଜେଶ୍ୱରୀ ବାଗ, ଝରଣା ପଟେଲ, ଶିବାନୀ ଶଙ୍କର ପଟେଲ, ଦଶରଥ ପାଣ୍ଡେ, ଅତୁଳ ଦୀପ, ଶିବାନୀ ପଟେଲ ପ୍ରମୁଖ ପୁରାତନ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ । ପ୍ରକୃତି ବନ୍ଧୁ ଶିକ୍ଷକ ଦିଗାମ୍ବର ନାଏକ, ବିଜ୍ଞାନ ଶିକ୍ଷୟିତ୍ରୀ ବାସନ୍ତୀ ସାହୁ, ବିଜ୍ଞାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ସାହୁ ଉପସ୍ଥିତ ରହି ସ୍କୁଲ ର ଉନ୍ନତି ନିମନ୍ତେ ନିଜ ନିଜ ସୁଚିନ୍ତିତ ମତାମତ ଦେଇ ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ ।

# କଲେଜ୍ ଛକ ସରସ୍ୱତୀ ଶିଶୁ ମନ୍ଦିରଠାରେ ଆଚାର୍ଯ୍ୟ ପ୍ରଶିକ୍ଷଣ ବର୍ଗ ଅନୁଷ୍ଠିତ

ବଲାଙ୍ଗୀର,୫/୦୭ (ନି.ପ୍ର): ସ୍ଥାନୀୟ କଲେଜଛକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଶିକ୍ଷା ବିକାଶ ସମିତି, ଓଡିଶାଙ୍କ ଯୋଜନା ଅନୁସାରେ ବଲାଙ୍ଗିର ସଙ୍କୁଳ ସାମୂହିକ ଆଚାର୍ଯ୍ୟ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ସଙ୍କୁଳ ପ୍ରମୁଖ କାର୍ଯ୍ୟକ୍ରମରେ ରାମ କୁମାର ମିଶ୍ର, ସଙ୍କୁଳ ସଂଯୋଜକ ଆଲୋକ ଭୋଇ, ବିଦ୍ୟାଳୟର ସଭାପତି ସୁନୀଲ ପଣ୍ଡା, ସଂପାଦକ ଅଶୋକ ମିଶ୍ର, ପ୍ରଧାନ ଆଚାର୍ଯ୍ୟ ରବିନ୍ଦ୍ର ମିଶ୍ରଙ୍କ ଉପସ୍ଥିତିରେ ସମ୍ଭାଗ କୋଷାଧକ୍ଷ ଦତ୍ତାନନ୍ଦ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଭାରତର ସ୍ୱତନ୍ତ୍ରତା ସଂଗ୍ରାମ ସଂପର୍କରେ ବକ୍ତବ୍ୟ ରଖିଥିଲେ । ତିନି ଦିନ ବ୍ୟାପୀ ଏହି କର୍ମଶାଳାରେ ଶିଶୁ ବାଟିକା ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ, ତୃତୀୟରୁ ପଞ୍ଚମ ଶ୍ରେଣୀ ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀର ଏନ୍.ଇ.ପି ଆଧାରିତ ବିଭାଗ ଅନୁଯାୟୀ ଶୈକ୍ଷିକ କାଳାଂଶମାନ ଅନୁଷ୍ଠିତ ହୋଇଥିଲା । ଶିଶୁ ଶିକ୍ଷା, ଉପକରଣ ପ୍ରସ୍ତୁତି, ଗୀତାଭିନୟ ଅଭ୍ୟାସ, ପାଠ୍ୟ ଯୋଜନା ପ୍ରସ୍ତୁତି, ଭ୍ରମଣ କାର୍ଯ୍ୟକ୍ରମ, ସ୍ପୋକେନ ଇଂଲିଶ, କ୍ରିୟା ଆଧାରିତ ଶିକ୍ଷା, ଆଇସିଟି ଯୁକ୍ତ ଆଦର୍ଶ ଶିକ୍ଷାଦାନ, ସ୍ୱାଧିନତା ସଂଗ୍ରାମୀଙ୍କ ଜୀବନୀ ସମ୍ବନ୍ଧୀୟ ଆଲୋଚନା ହୋଇଥିଲା । ଶିଶୁର ସମଗ୍ର ବିକାଶ ସମ୍ବନ୍ଧରେ ଶିବ ତ୍ରିପାଠୀ ଆଲୋଚନା କରିଥିବା ବେଳେ ଅଭିଜ୍ଞ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମ୍ଭାଗ ସଂଯୋଜକ ଜିତେନ୍ଦ୍ର କୁମାର ପଣ୍ଡା ସଙ୍ଗୀତ ଅଭ୍ୟାସ ସଂପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ, ଡା. ମଞ୍ଜୁଳାକାନ୍ତ ପଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର ପ୍ରମୁଖ ଯୋଗ ଦେଇ ସମସ୍ତଙ୍କୁ ଶୁଭେଚ୍ଛା ପ୍ରଦାନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି କାଳିପ୍ରସାଦ ମିଶ୍ର, ଯୁଗ୍ମ ସଂପାଦକ ଭବାନୀ ଶଙ୍କର ପାଣିଗ୍ରାହୀ, କୋଷାଧକ୍ଷ ନୀଳାଂଚଳ ଚିରଗୁନ, ସଦସ୍ୟା ପଙ୍କଜିନୀ ଠାକୁର ଓ ସାବିତ୍ରୀ ସେଠ୍ ପ୍ରମୁଖଙ୍କ ଗହଣରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧାପକ ଫାଲଗୁନି ମହାନନ୍ଦିଆ ଆଚାର୍ଯ୍ୟ ରାଷ୍ଟ୍ର ନିର୍ମାତା ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କର୍ମଶାଳାରେ ସଙ୍କୁଳ ଅନ୍ତର୍ଗତ ୧୦ଟି ଶିଶୁ ମନ୍ଦିରରୁ ୧୫୦ ଜଣ ଗୁରୁଜୀ ଗୁରୁମା ଅଂଶଗ୍ରହଣ କରିଥିଲେ । ସଙ୍କୁଳ ପ୍ରମୁଖ ରାମ କୁମାର ମିଶ୍ର ଓ ସଙ୍କୁଳ ସଂଯୋଜକ ଆଲୋକ ଭୋଇ ତଥା ସମସ୍ତ ପ୍ରଧାନାଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ କର୍ମଶାଳାଟି ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ଗୁରୁଜୀ ଗୁରୁମା ଓ ସେବକ ସେବିକା ସହଯୋଗ କରିଥିଲେ ।

# ଗ୍ରାମଂଚଳରେ ବ୍ୟାପକ ମଦ କାରବାର : ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହେଲେ ମହିଳା

କୋରେଇ,୫/୦୭ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଂଚାୟତର ଧନିତ୍ରୀ ଗ୍ରାମର ମହିଳାମାନେ ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଗ୍ରାମାଂଚଳରେ ବ୍ୟାପକ ଚୋରା ମଦ କାରବାର ହେଉଥିବାବେଳେ ଏନେଇ ଅବକାରୀ ବିଭାଗ ଓ ପୁଲିସ ନିକଟରେ ଅଭିଯୋଗ କରିବା ପରେ କିଛି ସୁଫଳ ମିଳିପାରୁ ନାହିଁ । ବ୍ୟାପକ ଚୋରା ମଦ କାରବାର ଯୋଗୁ ନିଶାଶକ୍ତ ଅବସ୍ଥାରେ ପୁରୁଷମାନେ ରହୁଛନ୍ତି । ଚୋରା ମଦ କାରବାର ଘରେ ଘରେ ପହଂଚିବାରୁ ନିଶାସଙ୍କ ଅବସ୍ଥାରେ ପରିବାରରେ କଳହ ଓ ମାରପିଟ ସୃଷ୍ଟି ହେବା ସହ ବିଭିନ୍ନ ସମୟରେ ଦୁର୍ଘଟଣା ଘଟିଛି । ଯୁବ ସମାଜ ନିଶାଗସ୍ତ ହୋଇ ଅମାନୁଷିକ କାର୍ଯ୍ୟ କରୁଛନ୍ତି । ଫଳରେ ପରିବାର ଓ ବାହାରେ ମାରପିଟ୍ ବଢ଼ିଛି । ଯାହାର ପ୍ରତିବାଦରେ ଧନତ୍ରୀ ଗ୍ରାମର ମହିଳାମାନେ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଂଚି ଏନେଇ ଆରକ୍ଷୀ ଅଧିକ୍ଷକଙ୍କୁ ଦାବିପତ୍ର ପ୍ରଦାନ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଗୁହାରୀ କରିଛନ୍ତି ।

# ଇଲ୍‌ମାଙ୍କ ସଂଘର୍ଷର କାହାଣୀ







ଯଦି କେହି ବିଦେଶରେ ଉଚ୍ଚଶିକ୍ଷା ଲାଭ କରନ୍ତି, ତେବେ ସ୍ୱଦେଶ ଫେରିବାକୁ ମନ ବଳାନ୍ତି ନାହିଁ । କାରଣ ବିଦେଶରେ ବେଶ୍ ଭଲ ଚାକିରି ଏବଂ ଦରମା ସେମାନଙ୍କ ପ୍ରତିଟି ସ୍ୱପ୍ନକୁ କରିବାରେ ସମର୍ଥ ଥାଏ । କିନ୍ତୁ ଏମିତି ଲୋଭଠାରୁ କିଛି ଲୋକ ଥାନ୍ତି ବହୁ ଦୂରରେ । ସେମାନେ ବିଦେଶରେ ପାଠ ପଢ଼ନ୍ତି ସତ; କିନ୍ତୁ ନିଜ ଦେଶ ପାଇ କିଛି କରିବାକୁ ପୁଣି ମାଟି ମା' ପାଖକୁ ଫେରିଆସନ୍ତି । ଲମିତି ଜଣେ ହେଲେ ଇଲମା ଅଫରୋଜ । ଯିଏ ଦାରିଦ୍ର୍ୟର ସୀମାରେଖା ତଳେ ଜୀବନ କାଟି ମଧ୍ୟ ଆଇପିଏସ୍ ଅଫିସର ହେବାର ଗୌରବ ଅର୍ଜନ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ।

ଇଲ୍‌ମା ଉତ୍ତରପ୍ରଦେଶର ମୁରାଦାବାଦ ନିବାସୀ । ଜଣେ କୃଷକଙ୍କ ଝିଅ ସେ । ପିତାଙ୍କ ନିଧାନ ପରେ ମା' ଓ ଭାଇଙ୍କ ସହ ଜୀବନ ଜିଇଁବା ଆରମ୍ଭ କଲେ । ମା' ଓ ଭାଇ କ୍ଷେତରେ କାମ କରି ଘର ଖର୍ଚ୍ଚ ତୁଲାନ୍ତି । କିନ୍ତୁ ଇଲମାଙ୍କର ପଢ଼ା ପ୍ରତି ଥାଏ ଅହେତୁକ ଦୁର୍ବଳତା । ସେ ପାଠ ପଢ଼ି କିଛି କରିବାକୁ ଇଚ୍ଛା ରଖିଥିଲେ । ହେଲେ ଦାରିଦ୍ର୍ୟର ସୀମାରେଖା ତଳେ ରହୁଥିବାରୁ ସେ ପାଠ ପଢ଼ା ସ୍ୱପ୍ନ ଯେ ପୂରଣ ହେବ ଏ ଆଶା ତାଙ୍କର ନଥିଲା । ତଥାପି ମନର ଦୃଢ଼ାତାକୁ ହାରିବାକୁ ଦେଇନଥିଲେ । ମା' ଓ ଭାଇଙ୍କ ସହ କ୍ଷେତରେ କାମ କରି ନିଜ ପାଠ ପଢ଼ା ଖର୍ଚ୍ଚ ତୁଲାଉଥିଲେ । ସମସ୍ତ ଘାତ ପ୍ରତିଘାତକୁ ସାମ୍ନା କରି ଶେଷରେ ସ୍ୱପ୍ନ ପୂରଣ କରିବାରେ ସମର୍ଥ ହେଲେ । ଯେଉଁଠି ସିଭିଲ ସର୍ଭିସ୍ ପରୀକ୍ଷା ପାସ୍ କରିବାକୁ ଲୋକଙ୍କୁ ବର୍ଷବର୍ଷ ଲାଗିଯାଉଛି, ସେଠାରେ ଗାଁରେ ପଢ଼ିଥିବା ଇଲମା ପ୍ରଥମ ଥରରେ ୨୧୭ ର୍ୟାଙ୍କ ହାସଲ କରିଥିଲେ । ଏ ଖବର ତାଙ୍କ ଜୀବନର ଗତିପଥକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଇଥିଲା ।

ଝିଅର ପାଠ ପଢ଼ା ପ୍ରତି ଆଗ୍ରହ ଦେଖି ମା' ଓ ଭାଇ ଖୁବ୍ ପରିଶ୍ରମ କରି ଇଲମାଙ୍କୁ ଉଚ୍ଚ ଶିକ୍ଷିତ ହେବାକୁ ପ୍ରୋତ୍ସାହିତ କରିଥିଲେ । ଗାଁରେ ପଢୁଥିବା



ଇଲମା ଦିଲ୍ଲୀ ୟୁନିଭର୍ସିଟିର ସେଣ୍ଟ ଷ୍ଟିଫନ୍ସ କଲେଜରୁ ଗ୍ରାଜୁଏସନ ପାସ୍ କରିଥିଲେ । ପରେ ଅକ୍ସଫୋର୍ଡ ୟୁନିଭର୍ସିଟିରେ ଉଚ୍ଚ ଶିକ୍ଷା ଲାଭ କରିବାକୁ ଯାଇଥିଲେ । ବିଦେଶରେ ପଢ଼ିବା ବେଳେ ତାଙ୍କ ଭିତରର ସ୍ୱପ୍ନ ତାଙ୍କୁ ନିଜ ଦେଶ ପାଇଁ କିଛି କରିବାକୁ ଉତ୍ସାହିତ କରୁଥିଲା । ଏକ ଚ୍ୟାନେଲକୁ ସାକ୍ଷାତକାର ଦେବାବେଳେ ସେ କହିଥିଲେ, ଅକ୍ସଫୋର୍ଡରେ ପଢ଼ିବା ବେଳେ ନ୍ୟୁୟର୍କରେ ରହୁଥିଲେ । ସେଠାକାର ଚାକଚକ୍ୟ କିନ୍ତୁ କୌଣସି ପ୍ରକାରେ ଇଲମାଙ୍କୁ ବାନ୍ଧିବାରେ ସମର୍ଥ ହୋଇନଥିଲା । କାରଣ ସେ ଡିବିରି ଆଲୁଅରେ ପାଠ ପଢ଼ିବାର ଅଭ୍ୟାସ ରଖିଥିଲେ । ଯେଉଁ ଗାଁରୁ ସେ ବିଦେଶ ଆସିଛନ୍ତି, ସେ ଗାଁର ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ତେଣୁ ବିଦେଶରେ ପାଠ ପଢ଼ି ବିଦେଶରେ ରହିଗଲେ, ଗାଁର ଉନ୍ନତି କୌଣସିମତେ ହୋଇପାରିବ ନାହିଁ । ତେଣୁ ସେ ୟୁପିଏସସି ପାଇଁ ପ୍ରସ୍ତୁତି ଆରମ୍ଭ କଲେ । ଏ ସମୟରେ ଅନେକ ବାଧାବିଘ୍ନ ତାଙ୍କ ପଥରୋଧ କରିବାକୁ ଚେଷ୍ଟା କରିଥିଲା । ପ୍ରଥମେ ଓକିଲ ହେବାକୁ ଇଚ୍ଛା ଥିଲା ଇଲମାଙ୍କର । କିନ୍ତୁ ସ୍କଲାରଶିପ୍ ନ ମିଳିବାରୁ କଲମ୍ବିଆ ୟୁନିଭର୍ସିଟିରେ ଆଡମିନ୍ ହୋଇପାରିଲା ନାହିଁ । କିନ୍ତୁ ତାଙ୍କ ଗ୍ରାମ ବାସୀଙ୍କ ସହାୟତାରେ ବିଦେଶରେ ପାଠ ପଢ଼ିବାର ସୁଯୋଗ ପାଇଲେ ଇଲମା । ସ୍କଲାରଶିପ ମଧ୍ୟ ମିଳିଲା । କିନ୍ତୁ ନିଜ ଖର୍ଚ୍ଚ ତୁଲାଇବାକୁ ସେ ଅନେକ ସମସ୍ୟାର ସାମ୍ନା କରିଥିଲେ ପରଘରେ ବାସନ ମାଜିବାଠୁ ନେଇ ଝାଡୁ ପୋଛା ଲଗାଇବା ଏବଂ ପିଲାଙ୍କୁ ଟ୍ୟୁସନ କରିବା ପର୍ଯ୍ୟନ୍ତ କାମ ବି କଲେ କାରଣ ତାଙ୍କ ସାମ୍ନାରେ ଗାଁର ଉନ୍ନତି, ପରିବାର ସମ୍ମାନ ଦେଶ ଗୌରବ ହାସଲ ମୁଖ୍ୟ ଲକ୍ଷ୍ୟ ଥିଲା । ଶେଷରେ ୟୁପିଏସସି ପରୀକ୍ଷାରେ ୨୧୭ ର୍ୟାଙ୍କ ରଖି ପ୍ରଥମ ପ୍ରାୟାସରେ ସେ ସଫଳ ହୋଇପାରିଲେ । ଆଇପିଏସ୍ ହେବା ପରେ ମଧ୍ୟ ଆଜି ସେ ନିଜ କ୍ଷେତରେ କାମ କରିବା ଭୁଲି ନାହାନ୍ତି । ତାଙ୍କର ଏହି ପ୍ରାୟାସ ଏବଂ ଦୃଢ଼ ମନୋବଳ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛି ।

# ତ୍ୱଚାର ଉଜ୍ଜ୍ୱଳତା ବଢ଼ାଇବ ଆଳୁ





**ଆଳୁ ଓ ଦହି:**
ଏକ ବଡ଼ ଚାମଚ ଆଳୁ ପେଷ୍ଟ ତିଆରି କରନ୍ତୁ । ସେଥିରେ ଏକ ବଡ଼ ଚାମଚ ଦହି ମିଶାନ୍ତୁ । ଏହି ପ୍ୟାକକୁ ପ୍ରାୟ ଅଧଘଣ୍ଟାଏ ପର୍ଯ୍ୟନ୍ତ ଘୋଡ଼ାଇ ରଖିଦିଅନ୍ତୁ । ଏବେ ଚେହେରାରେ ପେଷ୍ଟକୁ ଲଗାନ୍ତୁ ଏହା କେବଳ ତ୍ୱଚା ଉଜ୍ଜ୍ୱଳତା ବୃଦ୍ଧି କରିବ ନାହିଁ ବରଂ ସ୍କିନକୁ ଟାଇଟ୍ କରିବାରେ ମଧ୍ୟ ସାହାଯ୍ୟ କରିବ ।

**ଆଳୁ ଓ ଅଣ୍ଡା:**
ଆଳୁ ଓ ଅଣ୍ଡାର ଫେସ୍ ପ୍ୟାକକୁ ଲଗାଇବା ଦ୍ୱାରା ଚେହେରାର ଛିଦ୍ର ସବୁ ଟାଇଟ୍ ହୋଇଯାଏ । ଆଳୁରୁ ରସ ବାହାର କରି ସେଥିରେ ଅଣ୍ଡାର ଧଳା ଅଂଶକୁ ମିଶାନ୍ତୁ । ଏହି ମିଶ୍ରଣକୁ ଭଲଭାବେ ଗୋଳାଇ ଚେହେରାରେ ଏବଂ ବେକରେ ଲଗାନ୍ତୁ । ୨୦ମିନିଟ୍ ପରେ ଧୋଇଦିଅନ୍ତୁ; ଦେଖିବେ ତ୍ୱଚା କେତେ ତାଜା ଏବଂ ଗ୍ଲୋ କରୁଛି ।

**ଆଳୁ ଓ ହଳଦୀ:**
ଆଳୁ ଓ ହଳଦୀର ଫେସ୍ ପ୍ୟାକକୁ ନିୟମିତ ବ୍ୟବହାର କଲେ ତ୍ୱଚା ଉଜ୍ଜ୍ୱଳତା ବୃଦ୍ଧି ହୋଇଥାଏ । ଅଧା ଆଳୁକୁ ଭଲଭାବେ ପେଷ୍ଟ କରନ୍ତୁ । ସେଥିରେ ସାମାନ୍ୟ ହଳଦୀ ମିଶାଇ ଚେହେରାରେ ଲଗାନ୍ତୁ । ଅଧଘଣ୍ଟା ପରେ ଉଷୁମ ପାଣିରେ ମୁହଁ ଟୋଇଦିଅନ୍ତୁ । ଦେଖିବେ କିଛିଦିନ ମଧ୍ୟରେ ଚମକ୍ କେମିତି ଫେରିଆସୁଛି ।

**ଆଳୁ ଓ ମୁଲତାନମାଟି:**
ଏହି ଫେସ୍ ପ୍ୟାକ୍ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ସବୁଠୁ ଉତ୍ତମ ଉପାୟ । ଏହାସହ ତ୍ୱଚାରେ ଥିବା କଳାଦାଗ, ବ୍ରଣ ମଧ୍ୟ ଭଲ ହୋଇଯାଏ । ଫେସ୍ ପ୍ୟାକ୍ ପାଇଁ ଚୋପା ନ ଛଡ଼ାଇ ଆଳୁରେ ପେଷ୍ଟ ତିଆରି କରନ୍ତୁ । ସେଥିରେ ୪ଚାମଚ ମୁଲତାନି ମାଟି ଏବଂ କିଛି ବୁନ୍ଦା ଗୋଲାପଜଳ ମିଶାନ୍ତୁ । ଏବେ ଏହି ପେଷ୍ଟକୁ ତ୍‌ବଚାରେ ଲଗାଇ ୩୦ମିନିଟ୍ ଛାଡ଼ିଦିଅନ୍ତୁ । ଏହି ପ୍ୟାକକୁ ସପ୍ତାହକୁ ଦୁଇ ଥର ଲଗାଇଲେ ଫରକ୍ ଆପଣାଛାଏଁ ଜାଣିପାରିବେ ।

# ଆଶ୍ଚର୍ଯ୍ୟଜନକ କୁକୁର



କୁକୁରର ଓଜନ ଏକ ଛୁଆ ହାତୀର ଓଜନ ସହ ସମାନ । ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ କଥାଟା ସତ । ଖାଲି ଓଜନ ନୁହେଁ ଏହି କୁକୁରର ଲମ୍ବ ବି କାହାରିକୁ ଚକିତ କରିବ । ନାକଟାରୁ ଲାଞ୍ଜ ପର୍ଯ୍ୟନ୍ତ ଏହାର ଲମ୍ବ ହେଉଛି ପ୍ରାୟ ୭ଫୁଟ ସେହିପରି ଉଚ୍ଚତା ୩ଫୁଟ ୩ଇଞ୍ଚ । ହେଲେ ବୟସ ମାତ୍ର ୫ବର୍ଷ । ବାଲ୍ଟାଜାର ପ୍ରଜାତୀର ଏହି କୁକୁରଟି ଏବେ ବ୍ରିଟେନର ସବୁଠାରୁ ଭୀମକାୟ କୁକୁର ଭାବେ ଗଣନା ହେଉଛି । ତେବେ ଏହାର ଏଭଳି ଶାରିରୀକ ଅଭିବୃଦ୍ଧି ସମ୍ପର୍କରେ ଡାକ୍ତରମାନେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । କୁକୁର ମାଳିକ ୪୬ ବର୍ଷିୟ ବିନି କରାବିନ କହିଛନ୍ତି ଯେ, ସେ ଓ ତାଙ୍କ ପତ୍ନୀ ମଧ୍ୟ ଏଭଳି ଘଟଣା ଦେଖି ଚକିତ ହୋଇଛନ୍ତି । ମାତ୍ର ୨ ସପ୍ତାହକୁ ଏହାକୁ ୧୫କିଲେ ପର୍ଯ୍ୟନ୍ତ ଖାଦ୍ୟ ଦେବାକୁ ପଡ଼ିଥାଏ ବୋଲି ଇରାବିନ କହିଛନ୍ତି ।

# କଞ୍ଚାଲଙ୍କା ତାଜା ରଖିବାର ଉପାୟ



ପ୍ରତିଟି ଭାରତୀୟ ରୋଷେଇ ଘରେ କଞ୍ଚା ଲଙ୍କା ବ୍ୟବହାର ହୋଇଥାଏ । ଏହା ବ୍ୟଞ୍ଜନର ଚଟପଟା ସ୍ୱାଦ ବଢ଼ାଇଥାଏ । ତରକାରୀ ବ୍ୟତୀତ ଚଟଣୀ, ଭରତା କିମ୍ବା ପକୁଡ଼ି ତିଆରିରେ ବି ଏହାର ଉପଯୋଗ ହୋଇଥା, । କିନ୍ତୁ କଞ୍ଚା ଲଙ୍କାକୁ ବେଶୀ ଦିନ ତାଜା ରଖିବା କଷ୍ଟକର । ଯଦି କଞ୍ଚା ଲଙ୍କାକୁ ଅଧିକ ଦିନ ତାଜା ରଖିବାକୁ ଚାହୁଁଛନ୍ତି ତେବେ ଆପଣାନ୍ତୁ ଏ ସ୍ମାର୍ଟ ଟିପ୍ସ...

★ କଞ୍ଚା ଲଙ୍କାକୁ ଅଧିକ ଦିନ ତାଜା ରଖିବାକୁ ଜିପ୍ ଲକ୍ ବ୍ୟାଗର ବ୍ୟବହାର କରନ୍ତୁ । ଏଥିପାଇଁ ପ୍ରଥମେ ଲଙ୍କାଗୁଡ଼ିକୁ ଭଲଭାବେ ଧୋଇ ଶୁଖାଇ ଦିଅନ୍ତୁ । ପାଣି ଶୁଖିଗଲେ ତାର ଡେମ୍ଫ ଛିଡ଼ାଇ ବ୍ୟାଗରେ ଭର୍ତ୍ତି କରି ଫ୍ରିଜରେ ରଖିଦିଅନ୍ତୁ । ଦେଖିବେ ସପ୍ତାହେ ପର୍ଯ୍ୟନ୍ତ ଏହା ତାଜା ରହିବ ।

★ କୌଣସି ସ୍ଥାନକୁ ଛୁଟି କାଟିବାକୁ ବେଶୀଦିନ ପାଇଁ ଯାଉଥିଲେ କଞ୍ଚା ଲଙ୍କା ଘରେ ପଡ଼ି ପଡ଼ି ଖରାପ ହୋଇଯାଏ । ଏ ସମସ୍ୟାରୁ ମୁକ୍ତି ପାଇଁ କିଚେନ୍ ଟାୱେଲରେ କଞ୍ଚା ଲଙ୍କାକୁ ରଖି ତାକୁ ଭଲଭାବେ ବାନ୍ଧିଦିଅନ୍ତୁ । ଦେଖିବେ ତାହା ୨୦-୨୫ ଦିନ ଯାଏ ତାଜା ରହିବ ।

★ କଞ୍ଚା ଲଙ୍କା ଫିକା ପଡ଼ିବାକୁ ଚ ଦେବାକୁ ଚାହୁଁନାହାନ୍ତି କିମ୍ବା ତାକୁ ଅଧିକ ଦିନ ତାଜା ରଖିବାକୁ ଚାହୁଁଛନ୍ତି, ତେବେ ଆଲମିନିୟମ ଫଏଲର ବ୍ୟବହାର କରିପାରିବେ । ଲଙ୍କାର ଡେମ୍ଫ ଛିଡ଼ାଇ ତାକୁ ଆଲୁମିନିୟମ ଫଲଲରେ ଗୋଡ଼ାଇ ଫ୍ରିଜରେ ରଖିଦିଅନ୍ତୁ । ସପ୍ତାହେ ପର୍ଯ୍ୟନ୍ତ ତାଜା ରହିବ ।

★ କଞ୍ଚା ଲଙ୍କା ଡେମ୍ଫ ଛିଡ଼ାଇ ତା' ଉପରେ କିଛି ତେଲ ଲଗାନ୍ତୁ । ପରେ ଏୟାର ଟାଇଟ୍ ଡବାରେ ବନ୍ଦ କରି ଫ୍ରିଜରେ ରଖନ୍ତୁ । ଏହି ଟିପ୍ସ କଞ୍ଚା ଲଙ୍କାକୁ ୨୦-୨୫ ଦିନ ପର୍ଯ୍ୟନ୍ତ ତାଜା ରଖିବାରେ ସାହାଯ୍ୟ କରିବ ।

# ମଙ୍ଗଳପୃଷ୍ଠରେ କ୍ୟୁରିଓସିଟିର ଶେଷ ସେଲ୍‌ଫି



ଆମେରିକୀୟ ମହାକାଶ ଏଜେନ୍ସି ଅନୁସାରେ, ନାସାର କ୍ୟୁରିଓସିଟି ରୋଭର ମଙ୍ଗଳ ଗ୍ରହର ଅଙ୍କାବଙ୍କା ମୁଣ୍ଡିଆ ବା ହିଡ଼ରେ ଅନ୍ତିମ ସେଲଫି ଉଠାଇଛି । ଏହି କ୍ଷେତ୍ର ଦୀର୍ଘ ୧ବର୍ଷରୁ ଅଧିକ ସମୟ ଧରି ରୋବୋଟିକ୍ ବିଶେଷଜ୍ଞଙ୍କ ଘର ଭାବେ ରହିଆସିଛି । ଭେରା ରୁବିନ୍ ରିଜରୁ ନୂଆ ନମୁନା ସଂଗ୍ରହ କରିବା ପରେ କାର ଆକୃତିର ରୋଭର ଏଥର ମାଉଣ୍ଟ ଶାର୍ପର ଏକ ମାଟି କ୍ଷେତ୍ରକୁ ଓହ୍ଲାଇବ । ଏହି ୟୁନିଟରେ ମାଉଣ୍ଟ ଶାର୍ପର ନିମ୍ନ ସ୍ତର ସୃଷ୍ଟିରେ ସହାୟକ ହୋଇଥିବା ସେହି କ୍ଷେତ୍ରର ପ୍ରାଚୀନ ହ୍ରଦ ସମ୍ପର୍କରେ ଅଧିକ ସୁରାଗ ମିଳିପାରିବ ବୋଲି ବୈଜ୍ଞାନିକଙ୍କ ମତ । ଗତ ବର୍ଷ ଡିସେମ୍ବର ୧୫ରେ କ୍ୟୁରିଓସିଟି ରୋଭର ରକ୍ ହଲରେ ତା'ର ୧୯ତମ ନମୁନା ସଂଗ୍ରହ କରିଥିଲା । ଜାନୁଆରୀ ୧୫ରେ ଏହି ମହାକାଶ ଯାନ ରୋବୋଟିକ୍ ଶାଖାରେ ମାର୍ସ ହ୍ୟାଣ୍ଡ ଲେନ୍ସ ଇମେଜର କ୍ୟାମେରା ବ୍ୟବହାର କରି ୫୭ଟି ଚିତ୍ର ଉତ୍ତୋଳନ କରିଥିଲା । ସେଗୁଡ଼ିକୁ ସେଲଫି ରୂପେ ଏକାଠି କରାଯାଇଥିଲା । ଏଥିରେ ରୋଭରର ନିମ୍ନ ବାମରେ ରକ୍ ହଲ ଗର୍ତ୍ତ ଦୃଶ୍ୟମାନ ହେଉଛି । ବର୍ଷର ଏହି ସମୟରେ ହେଉଥିବା ସାଧାରଣ ଧୂଳି ଘଡ଼ଠାରୁ ଦୃଶ୍ୟଟି ଅଧିକ ଧୂଳିପୂର୍ଣ୍ଣ ବୋଲି ନାସା କହିଛି । ସୂଚନା ଥାଉକି, ୨୦୧୭ ସେପ୍ଟେମ୍ବରରୁ କ୍ୟୁରିଓସିଟି ରୋଭର ମଙ୍ଗଳ ପୃଷ୍ଠର ଧାର ବା ହିଡ଼ ଅନ୍ୱେଷଣ କରିଆସୁଛି ।

# ତରଭୁଜର ଓଜନ ୮୦ କେଜି



ଅତିବେଶୀରେ ୬କିଗ୍ରାରୁ ୭କିଗ୍ରା ପର୍ଯ୍ୟନ୍ତ ହୋଇଥାଏ । ମାତ୍ର ଚୀନରେ ଜଣେ ମଣିଷର ଓଜନ ଠାରୁ ମଧ ଅଧିକ ହୋଇଥିବା । ତରଭୁଜ ଦେଖିବାକୁ ମିଳିଛି । ଏହି ତରଭୁଜର ଓଜନ ୮୦ କିଗ୍ରା ରହିଛି । ଚୀନରେ ପ୍ରତିବର୍ଷ ଗ୍ରୀଷ୍ମଋତୁରେ ତରଭୁଜ ଚାଷୀଙ୍କୁ ଅଧିକ ଉତ୍ସାହିତ କରିବା ପାଇଁ ତରଭୁଜ ପ୍ରତିଯୋଗିତା ହୋଇଥାଏ । ଯେଉଁ ଚାଷୀଙ୍କ ଉତ୍ପାଦିତ ତରଭୁଜ ସବୁଠାରୁ ଅଧିକ ଓଜନ ହୋଇଥାଏ ସେହି ଚାଷୀଙ୍କୁ 'ମେଲନକିଙ୍ଗ୍' ଆଖ୍ୟା ଦିଆଯାଇଥାଏ । ୪୬ବର୍ଷୀୟ ଲି ଫେନଗଂଚୁନ୍ ନାମକ ଜଣେ ଯୁବକ ଦୀର୍ଘ ଦୁଇ ବର୍ଷ ହେବ ଏହି ପ୍ରତିଯୋଗିତାରେ ନିଜର ବୃହତ ତରଭୁଜ ପାଇଁ ବିଜୟୀ ହୋଇ ଆସୁଛନ୍ତି । ସେ ପ୍ରଥମ କରି ୧୯୯୫ ମସିହାରେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ । ସେତେବେଳେ ତାଙ୍କ ତରଭୁଜର ଓଜନ ମାତ୍ର ୧୪କିଗ୍ରା ଥିଲା । ଏବେ ଦୁଇ ବର୍ଷ ହେବ ତାଙ୍କ ତରଭୁଜର ଓଜନ ଆଶାତୀତ ଭାବେ ବଢ଼ିଯାଇଛି । ଗତ ବର୍ଷ ତାଙ୍କ ତରଭୁଜର ଓଜନ ୮୩ କିଗ୍ରା ହୋଇଥିବାବେଳେ ଚଳିତ ବର୍ଷ ତାଙ୍କ ଦ୍ୱାରା ଉତ୍ପାଦିତ ତରଭୁଜର ଓଜନ ୮୦ କିଗ୍ରା ହୋଇଛି । ଚୀନ୍ ତରଭୁଜ ଚାଷ ପାଇଁ ତାଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ଯୋଗାଇ ଦେବାର ଘୋଷଣା କରଇଛନ୍ତି ।

# ୩୬ ଲକ୍ଷ ଟଙ୍କାର ତକିଆ



ଡଚ୍ ଥେରାପିଷ୍ଟ ଥିଜ୍ ଡର ହିସ୍ତ ପନ୍ଦର ବର୍ଷ କାଳ ପରିଶ୍ରମ କରି ଏକ ଚମତ୍କାରୀ ତକିଆ ବିକଶିତ କରିବାରେ ସଫଳ ହୋଇଛନ୍ତି, ଯାହା ଉପରେ ମୁଣ୍ଡ ମାଡ଼ି ଶୋଇଲେ, ନିଦ୍ରା ଜନିତ ସମସ୍ତ ସମସ୍ୟା ଦୂରହେବ । ଏଥିରେ ଲାଗିଛି ମଲବେରି ସିଲକ୍, ଇଜିପଟିଆନ୍ କଟନ୍, ବିଷ-ମୁକ୍ତ ଡଚ୍ ଫୋମ, ସୁନା କପଡ଼ା, ଚାରିଟି ହୀରା ଓ ଗୋଟିଏ ମଣି । ଏସବୁ ଲାଗିଥିବାରୁ ତକିଆଟି ବେଶ୍ ଦୁର୍ମୂଲ୍ୟ । ଏହାର ମୂଲ୍ୟ ଭାରତୀୟ ମୁଦ୍ରାରେ ଛତିଶ ଲକ୍ଷ ଟଙ୍କାରୁ ଅଧିକ ।

# ଭିଡ଼ିଓ ପାଇଁ ପ୍ରାଣଘାତକ କାରନାମା

ଫେସବୁକ୍, ଇଂଷ୍ଟାଗ୍ରାମରେ ବାହାଦୂରୀ ନେବାକୁ କିଛି ଲୋକ ପ୍ରସ୍ତୁତ ହୋଇରହିଥାଆନ୍ତି । ଏପରି ବାହାଦୂରୀ ପାଇଁ ଲୋକେ କେତେ ବୋକାମି କରିଯାଆନ୍ତି ନକହିବା ଭଲ । ୱାଶିଂଟନରେ ରହୁଥିବା ନିକୋଲେ ନାୟଦେବ 'ସିମ୍ଫନି ଅଫ୍ ଦ ସିଜ୍' ନାମକ ଏକ କ୍ରୁଜ୍ ଜାହାଜରେ ଯାତ୍ରା କରୁଥିଲେ । ହଠାତ୍ ଥରେ ସେ ସେହି ଜାହାଜର ୧୧ ମହଲାରୁ ଡେଇଁ ପଡ଼ିଥିଲେ । ଯେତେବେଳେ ସେ ଏପରି କାରନାମା କରୁଥିଲେ ତାହାକୁ ତାଙ୍କ ବନ୍ଧୁ ମୋବାଇଲରେ ରେକର୍ଡ କରୁଥିଲେ । ସେହି ସମୟରେ ବହାମାସର ନସାଓ ଦେଇ ଜାହାଜଟି ଯାଉଥିଲା । ଏପରି କାରନାମା ଦ୍ୱାରା ସୋସିସାଲ ମିଡିଆରେ ହାଇଲାଇଟ୍ ହେବା ପାଇଁ ନାୟଦେବ ଏପରି କାର୍ଯ୍ୟ କରିଥିଲେ । ଯାହାକୁ ସେ ଇଂଷ୍ଟାଗ୍ରାମରେ ଶେୟାର କରିଥିଲେ । ଯାହାକୁ ପାଖାପାଖି ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଲୋକେ ଦେଖିଥିବା ବେଳେ ଭିଡ଼ିଓ ଭାଇରାଲ ହେବାପରେ ତାଙ୍କୁ ଜାହାଜକୁ ଯିବା ପାଇଁ ପ୍ରତିବନ୍ଧକ ଲଗାଇ ଦିଆଯାଇଛି ।



# କର୍ମୋରାଣ୍ଟ

ଚୀନ୍, ଜାପାନ ଓ ପୂର୍ବ ଏସିଆରେ ଦେଖାଯାଉଥିବା ସାମୁଦ୍ରିକ ପକ୍ଷୀ କର୍ମୋରାଣ୍ଟର ଲମ୍ବ ପ୍ରାୟ ୨ ହାତ, ଦେହ କଳା, ବେକ ସାପୁଆ, ଥଣ୍ଟ ଅଙ୍କୁଶୀ, ପାଦ ହଂସପାଦ ଭଳି ଲଗାଲଗି । ଏହା ଏକ ଦକ୍ଷ ମାଛ ଶିକାରୀ । କର୍ମୋରାଣ୍ଟ ସମୁଦ୍ର ଢ଼େଉ ଉପରେ ପାଣିକୁ ଛୁଇଁବା ଭଳି ଅତି ପାଖେ ପାଖେ ବହୁ ଦୂର ଉଡ଼ି ଯାଏ । ସମୁଦ୍ର ନିକଟ ପାହାଡ଼ ବା ସେହିଭଳି ଉଚ୍ଚ ସ୍ଥାନରେ ବସା ବାନ୍ଧି ଥରକେ ୪/୫ଟି ଅଣ୍ଡା ଦିଏ । ଛୁଆଗୁଡ଼ିକ ଅତି ଅସୁନ୍ଦର ।

କର୍ମୋରାଣ୍ଟକୁ ଲୋକେ ପୋଷା ମନାଇ ତା' ସାହାଯ୍ୟରେ ମାଛ ଧରନ୍ତି । ପୋଷା କର୍ମୋରାଣ୍ଟ ବେକରେ ଧାତୁ ବା ରବର ପଟି ବାନ୍ଧିଦେଲେ ସେ ମାଛ ଧରି ଗିଳି ନ ପାରି ମୁନିବକୁ ଦିଏ ଏବଂ ମୁନିବ ପାରିଶ୍ରମିକ ବାବଦରେ ତାକୁ ମଝିରେ ମଝିରେ ଗୋଟିଏ ମାଛ ଖାଇବାକୁ ଦିଏ । ପ୍ରାୟ ୪୦ ପ୍ରଜାତିର ଜଳଚର କର୍ମୋରାଣ୍ଟ ଦେଖା ଯାଆନ୍ତି । ଏମାନେ ମଧ୍ୟ ପାଣି ଭିତରୁ ସାପ ମାରି ଖାଇଯାଆନ୍ତି ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୬ ଜୁଲାଇ ୨୦୨୨, ବୁଧବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଚିନ୍ତା କରିବାର ସମୟ...

ସମୟ ସହିତ ତାଳ ଦେଇ ଗତ କରିବାବେଳେ ଏକ ରାଷ୍ଟ୍ର ଯେଉଁ ଯେଉଁ ପଥ ଆପଣାଉଛି ଏବଂ ପରିବର୍ତ୍ତିତ ପରିସ୍ଥିତିକୁ ନେଇ ଯେଉଁ ଲକ୍ଷ୍ୟ କରିବାର ଅନୁଧାବନ କରୁଛି, ସେସବୁର ମଝିରେ ମଝିରେ ତର୍ଜମା/ଆକଳନ କରିବା ଅତ୍ୟନ୍ତ ଜରୁରୀ। ନିକଟରେ ଭାରତର ପ୍ରଧାନ ବିଚାରପତି ଏନ୍‌ଭି ରମନା ଯାହା କହିଛନ୍ତି ଯେ ବିଚାର ବିଭାଗ ଶାସନର ଏକ ସ୍ୱାଧୀନ ଅଙ୍ଗ ଭାବରେ କାର୍ଯ୍ୟ କରିବା ଉଚିତ୍; କେବଳ ଦେଶର ସମ୍ବିଧାନ ନିକଟରେ ଉତ୍ତରଦାୟୀ ହେବା ଉଚିତ୍- ସେଥି ସହିତ ସମସ୍ତ ସମ୍ବେଦନଶୀଳ ଭାରତୀୟ ସହମତ ହେବେ। ଏବଂ ସେ ଯାହା କହିଛନ୍ତି ଯେ ଶାସନ କ୍ଷମତାରେ ଥିବା ଦଳ ତାର ସବୁ ସରକାରୀ କାର୍ଯ୍ୟକଳାପକୁ ବିଚାର ବିଭାଗ ସମର୍ଥନ କରିବାର ଆଶା କରିବାବେଳେ ବିରୋଧୀ ଦଳମାନେ ମଧ୍ୟ ତାଙ୍କ କଥା ଶୁଣି ନ୍ୟାୟ ପ୍ରଦାନ କରିବା ଆଶାପୋଷଣ କରୁଥିବା ସମୟରେ ଏଭଳି ଆଦର୍ଶବାଦୀ କାମ କରିବା ଅତ୍ୟନ୍ତ କଷ୍ଟକର, ତାହା ମଧ୍ୟ ଠିକ୍। ତେଣୁ ମଝିରେ ମଝିରେ ବିଚାର ବିଭାଗ ଏବଂ ଏକ ବୃହତ୍ତର ପରିପ୍ରେକ୍ଷୀରେ ରାଷ୍ଟ୍ର-ନିଜ ନିଜ କାର୍ଯ୍ୟର ସମୀକ୍ଷା କରିବା ଆବଶ୍ୟକ। ଆଉ ଯଦି ଏମାନେ,ବିଶେଷକରି ରାଷ୍ଟ୍ର ଯଦି ନିଜେ ତାହା ନ କରୁଛି ଏବଂ ସେହି କାମଟିକୁ କରିବାରେ ଅନ୍ୟ କେହି ସାହାଯ୍ୟ କରୁଛି, ତେବେ ତାକୁ ସମ୍ପୂର୍ଣ୍ଣ ଠିକ୍ ବୋଲି କୁହାଯାଇପାରିବ ନାହିଁ କି? ଭାରତର ପ୍ରଧାନ ବିଚାରପତି ଏନ୍‌ଭି ରମନା ଠିକ୍ ଏହି କାମଟି ହିଁ ନିକଟରେ କରିବାର ଉଦ୍ୟମ କରିଛନ୍ତି, ଅର୍ଥାତ ଦେଶକୁ ଦର୍ପଣଟିଏ ଦେଖାଇବାର ଉଦ୍ୟମ କରିଛନ୍ତି, ଯେଉଁଥିରେ ଅସ୍ପଷ୍ଟ ଭାବରେ ହେଲେ ସୁଦ୍ଧା ଭାରତରେ ବର୍ତ୍ତମାନ ସମୟରେ ଯାହାସବୁ ଘଟୁଛି, ତାର ପ୍ରତିଫଳନ ଘଟିବା ସହିତ ନୀତିଗତ ଭାବରେ କଣ ଘଟିବା ଉଚିତ୍, ସେ ସମ୍ପର୍କରେ ପରାମର୍ଶମାନ ପ୍ରଦାନ କରିଛନ୍ତି। ନ୍ୟାୟମୂର୍ତ୍ତି ରମନା ଯାହା କହିଛନ୍ତି, ତାର ସାରମର୍ମ ହେଉଛି- ଭାରତ ସ୍ୱତନ୍ତ୍ର ଏବଂ ପରାମର୍ଶ ପ୍ରଦାନକାରୀ ହେବା ପରିବର୍ତ୍ତେ ସମାବେଶୀ ଓ ତର୍କ ବିତର୍କାନୁସାରୀ ହେବା ଆବଶ୍ୟକ। ଭାରତ ବୋଲି ଯେଉଁ ଧାରଣାଟିଏ ଆମ ସମ୍ବିଧାନ ରୂପରେ ପ୍ରତିଭାତ ହେଉଛି, ସେ ସମ୍ପର୍କରେ ଉପଯୁକ୍ତ ବୁଝାମଣା ରହିବା ଉଚିତ୍। ଭାରତୀୟ ଆମେରିକୀୟମାନଙ୍କୁ ସମ୍ବୋଧିତ କରିବା ସମୟରେ ଯୁକ୍ତରାଷ୍ଟ୍ର ଆମେରିକାର ଉଦାହରଣ ଦେଇ କହିଛନ୍ତି ଯେ ବିଶ୍ୱର ପ୍ରାଚୀନତମ ଏବଂ ବଳିଷ୍ଠତମ ଗଣତନ୍ତ୍ରର ସଫଳତାର ରହସ୍ୟ ହେଉଛି, ଏହା ବିବିଧତାକୁ ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିଥାଏ। ଆଉ ଗଣତନ୍ତ୍ର କେବଳ ଶୂନ୍ୟରେ ଢ଼ୋଲ ପିଟିବାରେ କାମ କରିନଥାଏ, ବରଂ ଏହା ବିଭିନ୍ନ ଅନୁଷ୍ଠାନମାନଙ୍କ ଜରିଆରେ ହିଁ ନିଜର ସାର୍ଥକତାକୁ ପ୍ରତିପାଦିତ କରିଥାଏ। ତେଣୁ ସବୁ ଅନୁଷ୍ଠାନ ଗଣତାନ୍ତ୍ରିକ ହେବା ଉଚିତ୍। ଭାରତର ଅନ୍ତର୍ଭୁକ୍ତିମୂଳକ ବା ସମାବେଶୀ ହେବା ଏବଂ କୌଣସି ପ୍ରସଙ୍ଗ ଉପରେ ତର୍କ ବିତର୍କ ବା ଆଲୋଚନାକୁ ପ୍ରୋତ୍ସାହନ ଦେବା ସଂସ୍କୃତିର ପରିପାଳକ ହେବାର ଆବାଶ୍ୟକତା ରହିଛି ବୋଲି ସର୍ବୋଚ୍ଚ ନ୍ୟାୟାଳୟର କେହି ଶୀର୍ଷସ୍ଥାନୀୟ ସଦସ୍ୟ ଯେ ଏକଥା ସାମ୍ପ୍ରତିକ ସମୟରେ ପ୍ରଥମ ଥର ପାଇଁ କହିଛନ୍ତି , ତାହା ନୁହେଁ। ନ୍ୟାୟମୂର୍ତ୍ତି ଡିଓ୍ୱାଇ ଚନ୍ଦ୍ରଚୂଡ଼ ମଧ୍ୟ ପୂର୍ବରୁ କ୍ଷୋଭ ପ୍ରକାଶ କରିଥିଲେ ଯେ ଅର୍ଥପୂର୍ଣ୍ଣ ତର୍କ ବିତର୍କ ନିମନ୍ତେ ମଂଚଗୁଡ଼ିକ ଦେଶରୁ ଲୋପପାଇ ଗଲାଣି ଏବଂ ଅଧିକାଂଶ ଘଟଣାରେ ନିର୍ଣ୍ଣାୟକ ନିଷ୍ପତ୍ତି ନେବାକୁ ବାରମ୍ବାର କୋର୍ଟଙ୍କ ଆବଶ୍ୟକତା ପଡୁଛି। ସରକାରଙ୍କର ବିଭିନ୍ନ ଅଙ୍ଗର କାର୍ଯ୍ୟକଳାପକୁ ସମ୍ବିଧାନରେ ଯେଭଳି ଭାବରେ ପୃଥକ୍ ପୃଥକ୍ କରାଯାଇଛି, ସେ ଦୃଷ୍ଟିରୁ ବିଚାରପତିମାନେ କେବଳ ଦେଶରେ ଯେଉଁଭଳି ଭାବରେ ରାଜନୀତି କରାଯାଉଛି, ତା' ଉପରେ ଖୋଲାଖୋଲି ମତ ଦେଇପାରିବେ। ବସ୍ତୁତଃ, ଏକଥା ସୁଖଦ ଯେ ସେମାନେ କୌଣସି ଘଟଣା ପ୍ରଦାନ କରୁଥିବା ବିପଦ ସଙ୍କେତକୁ ଦେଖିବା ଉପରେ ଅଧିକ ସମୟ ପ୍ରଦାନ କରିଥାନ୍ତି ଏବଂ ଲୋକମାନଙ୍କୁ ସେ ସମ୍ପର୍କରେ ସତର୍କ କରାଇଦେଇଥାନ୍ତି। ଲୋକମାନଙ୍କ ଅଧିକାରକୁ ପଦ ଦଳିତ କରାଯାଉଥିବା ନେଇ ସେମାନେ ମଧ୍ୟ ଗଭୀର ଚିନ୍ତା ପ୍ରକଟ କରିଥାନ୍ତି। ଦେଶର ଅଖଣ୍ଡତାକୁ ବଜାୟ ରଖିବାପାଇଁ ଯେଉଁମାନେ ନିରନ୍ତର ଚିନ୍ତା କରୁଥାନ୍ତି, ସେମାନଙ୍କୁ ଏହା ସ୍ତମ୍ଭୀଭୂତ କରିଦେବା ଉଚିତ୍।

## ନ୍ୟାୟର ପୂଜାରୀ : ନ୍ୟାୟମୂର୍ତ୍ତି ଗତିକୃଷ୍ଣ ମିଶ୍ର



ଡ଼ଃ.ଅରୁନ୍ଧତୀ ଦେବୀ

ନ୍ୟାୟମୂର୍ତ୍ତି ଗତିକୃଷ୍ଣ ମିଶ୍ର ଓଡ଼ିଶା ଉଚ୍ଚନ୍ୟାୟାଳୟର ସପ୍ତମ ମୁଖ୍ୟ ବିଚାରପତି ଭାବରେ ୧୯୬୯ ମସିହାମେ ପହିଲାରେ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଏହି ପଦବୀରେ ଛଅ ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିଥିଲେ। ସାମସମୟିକ କାଳର ଜଣେ ଦୃଢ଼ମନା ଓ ନିରପେକ୍ଷ ବିଚାରପତି ଭାବେ ସେ ଜଣାଶୁଣା। ଢ଼େଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଗଇଲୋରେ ଜନ୍ମ ହୋଇଥିବା ଜଷ୍ଟିସ୍ ଗତିକୃଷ୍ଣଙ୍କ ବିଦ୍ୟା ଶିକ୍ଷା ଆରମ୍ଭ ହୋଇଥିଲା ଗାଁର ପ୍ରାଥମିକ ବିଦ୍ୟାଳୟରୁ। ତାହା ପରେ ଢ଼େଙ୍କାନାଳ ଉଚ୍ଚ ବିଦ୍ୟାଳୟ, ରେଭେନ୍ସା ମହାବିଦ୍ୟାଳୟ ଏବଂ ପାଟନା ବିଶ୍ୱବିଦ୍ୟାଳୟ। ୧୯୩୭ରେ ଅର୍ଥନୀତିରେ ସ୍ନାତକୋତ୍ତର ଉତ୍ତୀର୍ଣ୍ଣ ହେବା ପରେ ସେ ପାଟନାରେ ହିଁ ଆଇନ ଶିକ୍ଷା ସାରି ଫେରିଥିଲେ ଓଡ଼ିଶା। ୧୯୪୦ରେ କଟକରେ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ। ୧୯୪୩ରେ ଓକିଲାତି ଛାଡ଼ି ମୁନସଫ ଭାବେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। କ୍ରମେ ସବ୍ ଜଜ ପାହ୍ୟାକୁ ପଦୋନ୍ନତି ପାଇ ରାଜ୍ୟର ବିଭିନ୍ନ ସ୍ଥାନରେ ଦାୟିତ୍ୱ ତୁଲାଇଥିଲେ। ୧୯୫୦ରେ ସରକାରୀ ଚାକିରିରୁ ଇସ୍ତଫା ଦେଇ ପୁନର୍ବାର ଓକିଲାତି ଆରମ୍ଭ କରିଥିଲେ। ବାର ବର୍ଷ ପରେ ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଶା ମୁଖ୍ୟ ନ୍ୟାୟାଳୟର ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ। ଅବସର ଗ୍ରହଣ ପରେ ଜଷ୍ଟିସ୍ ଗତିକୃଷ୍ଣ ଘରେ ବସି ଆଇନ ପରାମର୍ଶ ଦେଉଥିଲେ। କେବଳ ସେତିକି ନୁହେଁ ବିଚାର ବିଭାଗରେ ଦାୟିତ୍ୱ ନେଉଥିବା ଅଧିକାରୀ ଓ ଆଇନ ଛାତ୍ର ସମସ୍ତଙ୍କୁ ଘଣ୍ଟା ଘଣ୍ଟା ଧରି ଆଇନ ପରାମର୍ଶ ଦେବା ସହ ବେଳେ ବେଳେ ଡିକ୍ଟେସନ ମଧ ଦେଉଥିଲେ। ଜନସାଧାରଣଙ୍କ ବିଚାର ବ୍ୟବସ୍ଥା ଉପରୁ କ୍ରମଶଃ ଆସ୍ଥା ହରାଉଥିବା ଦେଖି ସେ ବ୍ୟଥିତ ହେଉଥିଲେ। ନ୍ୟାୟିକ ଆୟୋଗ ବସାଇ ବିଚାର ବ୍ୟବସ୍ଥାରେ ସଂସ୍କାର ଆଣିବା ପାଇଁ ପରାମର୍ଶ ଦେଇଥିଲେ। ସରକାରୀ କଳ ସୁଚାରୁରୂପେ ଚାଲୁ ନଥିବାରୁ ଅଧିକ ଅଧିକ ଜନସ୍ୱାର୍ଥ ସମ୍ବଳିତ ମାମଲା ଦାଏର ହେଉଥିବା ନେଇ ଏକଦା ଖୋଲାଖୋଲି ଭାବେ ମତ ଦେଇଥିଲେ। ରାଜନୈତିକ ହସ୍ତକ୍ଷେପ ଯୋଗୁଁ ସରକାରୀ ପ୍ରଶାସକମାନଙ୍କ ଦକ୍ଷତା ଓ ନିରପେକ୍ଷତା କମୁଥିବା ସେ ଅନୁଭବ କରିଥିଲେ। ତାଙ୍କର ସଂସ୍ପର୍ଶ, ପରିଚିତି ପାଇଥିବା ଯେକେହି ହୁଅନ୍ତୁ ନ୍ୟାୟମୂର୍ତ୍ତି ମିଶ୍ରଙ୍କର ଗୋଟିଏ ଗୁଣକୁ ଲକ୍ଷ୍ୟ ରଖିଥିବେ ତାହା ଥିଲା ପ୍ରଚଣ୍ଡ ସ୍ମରଣଶକ୍ତି। ଶହ ଶହ ପୃଷ୍ଠାର ମୋଟା ମୋଟା ଯେ କୌଣସି ଆଇନ ବହିଟି ହେଉ ନିର୍ଦ୍ଦିଷ୍ଟ ବିଷୟର ନିର୍ଦ୍ଦିଷ୍ଟ ପୃଷ୍ଠା ଓ ଧାଡ଼ି ପୁରାପୁରି ଥିଲା ତାଙ୍କ ମୁଖରେ। ଏହାଥିଲା ତାଙ୍କର ସୁବଠାରୁ ବଡ଼ ଶକ୍ତି। ଆଇନ ପରି ଜଟିଳ ଇଂରାଜୀ ଭାଷା ହେଉ ବା ବିଦେଶୀ ଭାଷାର ରୂପାନ୍ତରଣ। ଆଇନ ନିର୍ଦ୍ଦେଶାବଳୀ, ବିଭିନ୍ନ ଧାରା ଓ ରାୟ ସବୁକୁ ସେ ନିଜ ଭିତରେ ଆୟତ୍ତ କରିପାରିଥିଲେ। ୨୦୦୯ ଜୁଲାଇ ୬ ତାରିଖ ଦିନ ସତାନବେ ବର୍ଷ ବୟସରେ ଏହା ପ୍ରସିଦ୍ଧ ବିଚାରପତିଙ୍କ ପରଲୋକ ହୋଇଥିଲା।


+ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ଦୂରଭାଷ : ୯୯୩୭୧୭୨୮୧୦


## ପ୍ରୋସୋପାଗ୍ନୋସିଆ



ଡାକ୍ତର ସମ୍ରାଟ କର

ଅଚାନକ ସେ ଦିନ କ୍ଲିନିକ ଭିତରକୁ ଚାଲି ଆସିଲେ ମୋ ପିଲାଦିନର ସାଙ୍ଗ ସୁଧାକର। ତା ନାମଟି ସୁଧାକର ଓ ସେ ପ୍ରକୃତରେ ବି ଜଣେ ସୁଧାର ପିଲାଟି। ତେବେ ସେ ବଡ଼ ବିଷର୍ଣ୍ଣ ହୋଇ ମୋ ସହ ଗପି ଚାଲିଲେ। ସେ ମୋତେ କହିଲେ ଆଜି ବହୁ ବର୍ଷ ପରେ ଆମ ସାଙ୍ଗ ରାଜୀବ ଲୋଚନ ଦେଖାହେଲା। ତା ସହ ତା ଘର ଲୋକ ଥିଲେ। ଆଶ୍ଚର୍ଯ୍ୟର କଥା ସେ ମୋତେ ଆଦୌ ଚିହ୍ନି ପାରିଲା ନାହିଁ କି କିଛି କହିଲା ନାହିଁ। ଯଦିଓ ତା ପରିବାର ବର୍ଗ ମୋ ସହ କଥା ହୋଇ ସେ ଏକ ପ୍ରକାର ମାନସିକ ରୋଗୀ ବୋଲି ମୋତେ ଜଣାଇଲେ ତେବେ ମୁଁ ଏ ନେଇ ସୁଧାକରକୁ କହିଲି ଯେ ଏହା ହେଉଛି ପ୍ରୋସୋପାଗ୍ନୋସିଆକୁ ଫେସ ବ୍ଲାଇଣ୍ଡନେସ। ଏହା ଏକ ପ୍ରକାର ମାନସିକ ସମସ୍ୟା, ଯେଉଁଥିପାଇଁ ପୀଡ଼ିତ ବ୍ୟକ୍ତି ଲୋକଙ୍କୁ ଚିହ୍ନିବାରେ ସକ୍ଷମ ହୋଇପାରନ୍ତି ନାହିଁ। ଏଥିରେ ପୀଡ଼ିତ ବ୍ୟକ୍ତି ଅଜ୍ଞାତ କିମ୍ବା ଜଣାଶୁଣା ମୁହଁ ମନେ ରଖିପାରନ୍ତି ନାହିଁ। ଏପରି ପରିସ୍ଥିତିରେ ଅନେକ ଥର ସାମ୍ନାରେ ଥିବା ବ୍ୟକ୍ତି ଅନୁଭବ କରନ୍ତି, ଯେ ପୀଡ଼ିତ ତାଙ୍କୁ ଅଣଦେଖା କରୁଛି କିମ୍ବା ଜାଣିଶୁଣି ଏପରି କରୁଛି। ବିଶ୍ୱର ପ୍ରାୟ ଦୁଇ ପ୍ରତିଶତ ଲୋକଙ୍କ ଠାରେ ଏହି ପ୍ରକାର ସମସ୍ୟା ଦେଖାଯାଏ।

ଆସନ୍ତୁ ଜାଣିବା ଏହାର କାରଣ କ'ଣ? ମସ୍ତିଷ୍କର ଫ୍ୟୁସିଫର୍ମ ଗାଇରସ୍ ଅଂଶରେ କୌଣସି ସମସ୍ୟା, କ୍ଷତ କିମ୍ବା ଆଘାତ ହେଲେ ପ୍ରୋସୋପାଗ୍ନୋସିଆ ରୋଗ ହେବାର ଆଶଙ୍କା ଥାଏ। ଏହି ପ୍ରକାର ସମସ୍ୟାରେ ଟେମ୍ପୋରାଲ ଲୋବର ଏକ ଅଂଶ ପ୍ରଭାବିତ ହୁଏ। ମସ୍ତିଷ୍କର ଏହି ଅଂଶ ଲୋକଙ୍କ ମୁହଁ ମନେ ରଖିବାରେ ସାହାଯ୍ୟ କରିଥାଏ। ସ୍ମୃତି ଶକ୍ତି ହ୍ରାସ, ଅନ୍ଧତ୍ୱ କିମ୍ବା ଅନ୍ୟ କୌଣସି ଅକ୍ଷମତା ହେତୁ ଏହି ଅବସ୍ଥା ହୋଇନଥାଏ।

ଏହାର ଲକ୍ଷଣ ହେଉଛି। ଲୋକଙ୍କ ମୁହଁ ମନେ ନରଖିବା ପ୍ରୋସୋପାଗ୍ନୋସିଆର ଏକ ସାଧାରଣ ଲକ୍ଷଣ। ଏହା ବ୍ୟତୀତ, ରୋଗୀକୁ ବେଳେବେଳେ କିଛି ଲୋକଙ୍କ ମୁହଁ ମଧରେ ପାର୍ଥକ୍ୟ କରିବା କଷ୍ଟକର ହୋଇପାରେ। ଏହି ସମସ୍ୟାରେ ଗୁରୁତର ଭାବରେ ପ୍ରଭାବିତ ହୋଇଥିବା ବ୍ୟକ୍ତି ଦୈନନ୍ଦିନ ଭେଟୁଥିବା ବ୍ୟକ୍ତି ଯେପରିକି ପରିବାର ସଦସ୍ୟ, ସହକର୍ମୀ, ପଡ଼ୋଶୀମାନଙ୍କୁ ମଧ ଚିହ୍ନିବାରେ ସକ୍ଷମ ହୋଇପାରନ୍ତି ନାହିଁ। ଏହା ବ୍ୟତୀତ ଏହି ରୋଗର ଅନ୍ୟ କିଛି ଲକ୍ଷଣ ରହିଛି, ଯେପରିକି ସର୍ବସାଧାରଣ ସ୍ଥାନରେ ଅସହଜ ଅନୁଭବ କରିବା, କାହା ସହ ମିଶିବାରେ ଅସୁବିଧା। ଅନୁଭବ କରିବା, ବାହାରକୁ ଆଦୌ ନ ଯିବା, ଅତ୍ୟଧିକ ସମୟ ଘରେ ଅତିବାହିତ କରିବା, ସ୍କୁଲ, କଲେଜ ଏବଂ ଅଫିସ ଭଳି ସ୍ଥାନରେ ବି ଏକୁଟିଆ ରହିବା।

ଏହାର ଚିକିତ୍ସା ପଦ୍ଧତି ଗୁଡ଼ିକ ହେଉଛି। ପ୍ରୋସୋପାଗ୍ନୋସିଆ ପାଇଁ କୌଣସି ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ। ଯଦି କୌଣସି ବ୍ୟକ୍ତିର ମସ୍ତିଷ୍କରେ ଆଘାତ ଲାଗୁଛି କିମ୍ବା ରକ୍ତ ଜମାଟ ବାନ୍ଧୁଛି, ତେବେ ଠିକ ସମୟରେ ଚିକିତ୍ସା କରିବା ଜରୁରୀ ଅଟେ। ଠିକ ସମୟରେ ଚିକିତ୍ସା ମାଧମରେ ପ୍ରୋସୋପାଗ୍ନୋସିଆ ହ୍ରାସ କରାଯାଇପାରେ। ଏହା ସହିତ, କିଛି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧମରେ ପୀଡ଼ିତଙ୍କୁ ଲୋକଙ୍କ ମୁହଁ ଚିହ୍ନିବାରେ ସାହାଯ୍ୟ କରାଯାଇପାରେ, ଯେପରିକି ବ୍ୟକ୍ତିର ସ୍ୱରକୁ ମନେ ରଖିବା, ଶରୀରରେ ଥିବା ଟାଟୁକୁ ମନେ ରଖିବା ଇତ୍ୟାଦି। ପ୍ରୋସୋପାଗ୍ନୋସିଆ ଯୋଗୁଁ ରୋଗୀର ବ୍ୟକ୍ତିଗତ ସମ୍ପର୍କ ଉପରେ ପ୍ରଭାବ ପଡ଼ିବାର ସମ୍ଭାବନା ଅଧିକ ଥାଏ। ଏପରି ପରିସ୍ଥିତିରେ ପୀଡ଼ିତ ବ୍ୟକ୍ତି ଡିପ୍ରେସନର ଶିକାର ହୋଇପାରନ୍ତି। ତେଣୁ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। ପ୍ରୋସୋପାଗ୍ନୋସିଆରେ ପୀଡ଼ିତ ବ୍ୟକ୍ତି ପରିବାର କିମ୍ବା ଖାସ ଲୋକର ସମର୍ଥନର ଆବଶ୍ୟକ କରନ୍ତି। ଏଭଳି ଭାବରେ ସେମାନଙ୍କ ଅବସ୍ଥାରେ ଉନ୍ନତି ଅଣାଯାଇପାରିବ। ଏ ନେଇ ରୋଗୀଟିକୁ ଏକ ମାନସିକ ରୋଗୀ ଭାବେ ବିଚାର ଆଲୋଚନା କରି ତାକୁ ପରୋକ୍ଷରେ କୌଣସି ଅପମାନ ବା କଷ୍ଟକଳା ଭଳି କୌଣସି କଥା କୁହନ୍ତୁ ନାହିଁ। ତାଙ୍କ ସହ ପୂର୍ବ ପରି ମିଳାମିଶା କରନ୍ତୁ, ଭଲ ସମ୍ପର୍କ କାଟନ୍ତୁ ଏବଂ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ତାଙ୍କ ପାଇଁ ଏକ ଭଲ ରୁଟିନଟି ତିଆରି କରି ଚିକିତ୍ସା ସହ ତାଙ୍କୁ ଏକ ନୂଆ ଜୀବନ ଦେବା ପାଇଁ ପ୍ରତିଷ୍ଠିତ ହୁଅନ୍ତୁ।


+ମାନସିକ ରୋଗ ବିଶେଷଜ୍ଞ,
ଦି'ବ୍ରେନ, ପୁରୀଘାଟ ରୋଡ଼,
କଟକ,
ଦୂରଭାଷ : ୯୧୩୨୪୩୩୩୩୩


## ବିଶ୍ୱରେ ଖାଦ୍ୟ ସଙ୍କଟ



ଡକ୍ଟର ଲକ୍ଷ୍ମଣ ସାହୁ

ନିକଟରେ ମିଳିତ ଜାତିସଂଘ ଦେଇ ଥିବା ତଥ୍ୟ ଅନୁଯାୟୀ ବିଶ୍ୱରେ ଖାଦ୍ୟ ସଙ୍କଟ ଦ୍ରୁତ ଗତିରେ ବଢୁଛି । ଯଦି ଏହି ପରିସ୍ଥିତି ଜାରି ରହିବ, ୨୦୫୦ ସୁଦ୍ଧା, ସମଗ୍ର ବିଶ୍ୱରେ ଖାଦ୍ୟ ପାଇଁ ସଂଘର୍ଷମୟ ପରିସ୍ଥିତି ସୃଷ୍ଟି ହେବ । ଯଦି ରୁଟିକୁ ମନୁଷ୍ୟର ଏକ ମୌଳିକ ଆବଶ୍ୟକତା ଭାବରେ ବିବେଚନା କରାଯାଏ, ତେବେ ସେହି ଆବଶ୍ୟକତା ପୂରଣ କରିବା ପାଇଁ ଖାଦ୍ୟ ଏକ ନିତ୍ୟ ଅତ୍ୟାବଶ୍ୟକ ଉପାଦାନ । ଏଭଳି ପରିସ୍ଥିତିରେ ମାନବ ସମାଜକୁ ବଞ୍ଚାଇବା ପାଇଁ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଶସ୍ୟର ଉପଲବ୍ଧତା ନିଶ୍ଚିତ କରିବା ଆବଶ୍ୟକ ହୋଇଯାଏ । ସମ୍ପ୍ରତି ମିଳିତ ଜାତିସଂଘ ଚିନ୍ତା ପ୍ରକଟ କରିଛି ଯେ ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱର ଖାଦ୍ୟ ସତୁରି ଦିନ ବାକି ଅଛି । ଅବଶ୍ୟ, ୟୁକ୍ରେନ ଉପରେ ରୁଷର ଆକ୍ରମଣ ପରିସ୍ଥିତିକୁ ଭୟଙ୍କର କରିଦେଇଛି । ରୁଷ ଓ ୟୁକ୍ରେନ ମିଳିତ ଭାବେ ବିଶ୍ୱର ଏକ ଚତୁର୍ଥାଂଶ ଶସ୍ୟ ଯୋଗାନ୍ତି । କିନ୍ତୁ ରୁଷର ଆକ୍ରମଣ ୟୁକ୍ରେନର ସିଷ୍ଟମକୁ ନଷ୍ଟ କରିଦେଇଛି । ବିଶ୍ୱରେ ୟୁକ୍ରେନ ହେଉଛି ଖାଦ୍ୟ ଉତ୍ପାଦନ ପାଇଁ ଜଣାଶୁଣା ।

କହିବାକୁ ଗଲେ ଏହାକୁ ୟୁରୋପର ରୁଟି ଟୋକେଇ କୁହାଯାଏ । ଗତ ଋତୁରେ ରୁଷରେ ଗହମ ଭଲ ଭାବରେ ବୃଦ୍ଧି ପାଇଥିବା ବେଳେ ପ୍ରାକୃତିକ କ୍ଷତି ହେତୁ ଆମେରିକା ଏବଂ ୟୁରୋପ ଦେଶରେ ଖାଦ୍ୟ ଶସ୍ୟ ହ୍ରାସ ପାଇଛି। ଏହି ପରିସ୍ଥିତି ରୁଷ ଉପରେ ବିଶ୍ୱର ନିର୍ଭରଶୀଳତାକୁ ବଢାଇ ଦେଇଛି । ଅନ୍ୟପକ୍ଷରେ, ଭାରତ ଦ୍ୱାରା ଗହମ ରପ୍ତାନି ଉପରେ ନିଷେଧାଦେଶ ହେତୁ ସେହି ପରିସ୍ଥିତିରେ ଭାରତରୁ ଅତିରିକ୍ତ ସହାୟତା ଆଶା କରୁଥିବା ସେହି ଦେଶର ଚେହେରାରେ ନିରାଶ ଭରିଦେଇଛି । ତେବେ ଗହମ ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ଭାରତର ନିଜସ୍ୱ କାରଣ ରହିଛି । ପଡୋଶୀ ଦେଶ ଶ୍ରୀଲଙ୍କାରେ ସୃଷ୍ଟି ହେଉଥିବା ଖାଦ୍ୟ ସଙ୍କଟ ଏବଂ ବିଶ୍ୱରେ ଖାଦ୍ୟଶସ୍ୟର ଅଭାବକୁ ଦୃଷ୍ଟିରେ ରଖି ଯେକୋ ?ଣସି ଦେଶର ଗଣତାନ୍ତ୍ରିକ ସରକାରର ପ୍ରଥମ କର୍ତ୍ତବ୍ୟ ହେଉଛି ନାଗରିକଙ୍କ ସ୍ୱାର୍ଥ ରକ୍ଷା କରିବା। ଭାରତ ସରକାର ଏହାକୁ ଅତ୍ୟନ୍ତ ଆବଶ୍ୟକ ବୋଲି ଅନୁଭବ କରିଛନ୍ତି । ଦେଶର ଖାଦ୍ୟ ଶସ୍ୟ ଯୋଗାଇବା ପାଇଁ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ, ଗହମ ରପ୍ତାନି ଉପରେ ପ୍ରତିବନ୍ଧକ ଲଗାଇବା ଏକମାତ୍ର ବିକଳ୍ପ ଥିଲା । ଖାଦ୍ୟ ସଙ୍କଟ କିପରି କୌଣସି ଦେଶକୁ ଅସୁବିଧାରେ ପକାଇପାରେ । ଶ୍ରୀଲଙ୍କାର ଉଦାହରଣ ଏହାର ପ୍ରମାଣ, ଯେଉଁଠାରେ ଲୋକମାନେ ଖାଦ୍ୟ ଅଭାବରେ ପୀଡିତ । ଏପରିକି ଖାଦ୍ୟ ଅଭାବ ଯୋଗୁଁ ହିଂସାତ୍ମକ ଘଟଣା ଦେଖିବାକୁ ମିଳିଥାଏ ।

ଯେତେବେଳେ ବିଶ୍ୱ ଜନସଂଖ୍ୟାର ଏକ ବଡ଼ ଅଂଶ ଖାଦ୍ୟ ଅଭାବରେ ବିକଳରେ ଜୀବନ ବିତାଇଥାନ୍ତି, ସ୍ୱାଭାବିକ ଭାବରେ ଅରାଜକତା ଦେଖାଯାଏ । ତେବେ ଏପରି ପରିସ୍ଥିତିରେ ଖାଦ୍ୟର ଅପଚୟ ଚିନ୍ତାର ବିଷୟ ପାଲଟିଯାଏ । ମିଳିତ ଜାତିସଂଘର ରିପୋର୍ଟ ଅନୁଯାୟୀ, ବିଶ୍ୱରେ ଉତ୍ପାଦିତ ଖାଦ୍ୟର ଏକ ତୃତୀୟାଂଶ ନଷ୍ଟ କରାଯାଉଛି । ଏହି ଅପଚୟ ପ୍ଲେଟରେ ଛାଡି ଦିଆଯାଇଥିବା ଅବଶିଷ୍ଟାଂଶ କାରଣରୁ, କିମ୍ବା ଅବଶିଷ୍ଟ ଖାଦ୍ୟ ଫିଙ୍ଗିବା କିମ୍ବା ନଷ୍ଟ ହେବା କାରଣରୁ ହୋଇଥାଏ । ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ, ଦିନକୁ ଯେତିକି ଖାଦ୍ୟ ନଷ୍ଟ ହୁଏ, ଏହା ଦୁଇ ବିଲିୟନ ଲୋକଙ୍କ ପେଟକୁ ଭରିପାରେ । ଖାଦ୍ୟ କିମ୍ବା ଖାଦ୍ୟର ବର୍ଜ୍ୟବସ୍ତୁ ଭାରତୀୟ ସମାଜରେ ଶୁଭ ବୋଲି ବିବେଚନା କରାଯାଏ ନାହିଁ । କିନ୍ତୁ ଅଧ୍ୟୟନରୁ ଏହା ଜଣାପଡିଛି ଯେ ଭାରତରେ ପ୍ରତିବର୍ଷ ଏତେ ପରିମାଣର ଶସ୍ୟ, ପନିପରିବା ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଯାଏ କେହି ଥରେ ମାତ୍ର ଚିନ୍ତା କରୁନାହାନ୍ତି । ସେହି ଖାଦ୍ୟ ଯେ ବିହାର ଭଳି ରାଜ୍ୟର ଜନସଂଖ୍ୟାର ସମଗ୍ର ବର୍ଷର ଆବଶ୍ୟକତାକୁ ପୂରଣ କରିପାରିବ।

ଭାରତ ସରକାରଙ୍କ କୃଷି ମନ୍ତ୍ରଣାଳୟର ଫସଲ ଅନୁସନ୍ଧାନ ୟୁନିଟ୍ ସେଣ୍ଟ୍ରାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ପୋଷ୍ଟ ଅମଳ ଇଞ୍ଜିନିୟରିଂ (ଝଙରଇଞ୍ଚ) ର ରିପୋର୍ଟ ଅନୁଯାୟୀ ଭାରତରେ ପ୍ରତିବର୍ଷ ପ୍ରାୟ ଛଅ ଲକ୍ଷ ଟନ୍ ଖାଦ୍ୟ ସାମଗ୍ରୀ ନଷ୍ଟ ହୁଏ । ଏହି ନଷ୍ଟ ହୋଇଥିବା ଖାଦ୍ୟର ମୂଲ୍ୟ ହେଉଛି ଏକ ହଜାର କୋଟି ଟଙ୍କା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭାରତରେ ଯେତିକି ଖାଦ୍ୟ ନଷ୍ଟ ହେଉଛି, ବ୍ରିଟେନର ମୋଟ ଉତ୍ପାଦନ କ୍ଷମତା ମଧ ସେହି ପରିମାଣରେ ଅଟେ । ଏହାର କାରଣ ହେଉଛି ଚୀନ୍ ପରେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଖାଦ୍ୟ ଉତ୍ପାଦନକାରୀ ଦେଶ ହୋଇଥିଲେ ମଧ ଭାରତରେ ଖାଦ୍ୟ ବଣ୍ଟନ ପରିସ୍ଥିତି ବେଳେବେଳେ ଅତ୍ୟନ୍ତ ସୁଖଦ ମନେହୁଏ ନାହିଁ । ଖାଦ୍ୟ ସାମଗ୍ରୀ ଉପରେ ବାମପଟ ବ୍ୟତୀତ, ଫଳ, ପନିପରିବା ଏବଂ ଶସ୍ୟର ଅପଚୟ ହେବାର କାରଣ ମଧ ସେଗୁଡିକ ସଂରକ୍ଷଣର ଉପଯୁକ୍ତ ଏବଂ ପର୍ଯ୍ୟାପ୍ତ ବ୍ୟବସ୍ଥାର ଅଭାବ।


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)





### ଆଜିର ଆହ୍ୱାନ

ଦେବାଶିଷ୍ ପୁହାଣ

ଗଛଠାରୁ ପ୍ରିୟ ଏହି ଦୁନିଆରେ
କିଏ ଅଛି ପିଲେ କୁହ ,
ପ୍ରକୃତିକୁ କରେ ସରସ ସୁନ୍ଦର
ତା'ର ତୁଲ କେହି ନୁହଁ ।
ଘରଟିଏ କଲେ କାଠ ଲୋଡ଼ାହୁଏ
ଜାଳ ସେ ଯୋଗାଇଥାଏ
କାଠରଥ ନେଇ କାଳିଆ ଠାକୁର
ଶରଧା ବାଲିକୁ ଯାଏ ।
ଫୁଲ ଫଳ ପୁଣି ଡାଳ କି ପତର
ସବୁଯାକ ଆମ ପାଇଁ ,
ସୁଶୀତଳ ଛାଇ ଶୀତଳ ପବନ
କେଉଁଠୁ ପାଇବା ଭାଇ ।
ଖାଦ୍ୟ ବାସଗୃହ ଅବା ପରିଧାନ
ଯେତେ ସବୁ ତା'ର ଦାନ ,
ସାରା ଜଗତର ଜୀବନ ବଞ୍ଚାଏ
ଦାନ କରି ଅମ୍ଳଜାନ ।
ବିଜ୍ଞାନୀ ମଣିଷ ଅଜ୍ଞାନୀ ସାଜିଛି
କରି ଜଙ୍ଗଲର କ୍ଷୟ ,
ଓଜନସ୍ତର କି ପରିବେଶ କଥା
ଭାବିଲେ ଲାଗୁଛି ଭୟ ।
ସମାଜ ହିତରେ ଉପକାର କରେ
ଦିଏ ସେ ଶୀତଳ ଛାଇ
ପତ୍ର ଫୁଲ ଫଳ ତା'ର ଚେରମୂଳ
ଜୀବନ ପାରେ ବଞ୍ଚାଇ ।
ଚାଲ ଆମେ ଆଜି ଗଛ ଲଗାଇବା
ସର୍ବେ ହୋଇ ଏକ ମନ ,
ଗଛ ଆମ ପ୍ରେମ ଗଛ ହିଁ ଜୀବନ
ହେବ ଆଜିର ଆହ୍ୱାନ ।


+ଦ୍ୱିତୀୟ ବର୍ଷ
ଜୈବ ପ୍ରଯୁକ୍ତି ବିଦ୍ୟା ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ ,
ବାଲେଶ୍ୱର
ଦୂରଭାଷ-୯୩୪୮୫୪୩୩୭୫


### ଅତୀତ ଏକ ଜୀବନ୍ତ କ୍ଷତ

ନୂତନ କୁମାର ବେହେରା

ଆଗକୁ ବଢାଇଲେ ଗୋଟିଏ ପାଦ
ଅନ୍ୟ ପାଦଟିଏ ରହିଥାଏ ହୋଇ ପଛ
ଏବେ ର କଥା ଆଜି ଅଛି ଯା'
ଗତକାଲିକୁ ହୋଇ ଯିବ ସେ ଅତୀତ
ଜୀବନେ ନିତି ଘଟେ ଛୋଟ ବଡ଼
ଅନେକ ଘଟଣା ଅଘଟଣା ସମସ୍ତଙ୍କର
କିଛି ବିଶେଷ ଘଟଣା ଅତୀତର
ହୃଦୟରେ ଦେଇଥିଲେ ଶକ୍ତ ଆଘାତ
ଭୁଲି ହୁଏନା କେବେ ଜୀବନ ଯାକ
ହୁଏ ସେ ଅତୀତ ଏକ ଜୀବନ୍ତ କ୍ଷତ
ସଂପର୍କର ପରିସୀମା ଭିତରେ ରହି
ଏ ସ୍ୱାର୍ଥପର ଦୁନିଆଁ ଦିଏ ଯା'କୁ ଧୋକା
ପ୍ରତାରିତ କରେ ଦେଇ ଭରସା
ସେ କୋହର ଅନ୍ତର୍ଦାହେ ଜୁଝେ ଏକା
ଦିନ ଚାଲିଯାଏ ସତ କଥା ଯାଏନି
ମନେ ରହି ବାରମ୍ବାର କରେ ଉତ୍ତେଜିତ
କ୍ଷତ ହୋଇ ରହିଥାଏ ପ୍ରାଣେ
ସ୍ମରଣ ମାତ୍ରେ ହୁଏ ଅସ୍ଥିର ବିଚଳିତ
ନେବାକୁ ପ୍ରତିଶୋଧ କରେ ପ୍ରତିହିଂସା
ହୁଏ ବଚସା କଳହ ଲଢେଇ ଯୁଦ୍ଧ
ଯା ପ୍ରତିରୋଧ କରିବା ହୋଇ ପଡେ କଷ୍ଟ
ଆଦିମକାଳରୁ ମାନବ ସମାଜେ
ଦୈନନ୍ଦିନ ଘଟି ଚାଲିଛି ଅନେକ ଘଟଣା
ମଣିଷ ପାଲଟି ଯାଉଛି କ୍ରୁର ହିଂସ୍ର
ସୁଧାରି ପାରୁନି ନିଜକୁ କରୁନି ନିୟନ୍ତ୍ରଣ
ଅତୀତ ସେ କ୍ଷତକୁ ନ କରି ସୁଚିକିତ୍ସା
ହୃଦୟକୁ କରି ପାରୁନି ଉପସମ
ଅତୀତକୁ ନେଇ ସେ ଜଳେ ଜଳାଏ
ଭବିଷ୍ୟତ ତାକୁ କରିଦିଏ ଲକ୍ଷ୍ୟଭ୍ରଷ୍ଟ
ହୋଇ ପାରେ ଅତୀତ ଏକ ଜୀବନ୍ତ କ୍ଷତ
ସେ କ୍ଷତର ନ କରି ଉପଯୁକ୍ତ ଉପଚାର
ସୃଷ୍ଟି କରେ ଆଉ ନୂଆ ନୂଆ କ୍ଷତ
ଅତୀତ ଭିତରେ ଅଛି ଅନୁଭବ
ନିଜକୁ ସଜାଡିବାର ଗଢିବାର ଉପାୟ
ସେ କ୍ଷତକୁ ହେୟ ଭାବି କଲେ ବିଶାକ୍ତ
ହୋଇ ପାରେ ଦିନେ ଭୟଙ୍କର କର୍କଟ
ବଞ୍ଚିବା ଦୁଃସାଧ ଜୀବନେ ଆସେ ସଂକଟ
ଭବିଷ୍ୟତ ପ୍ରତି ହେବାକୁ ପଡିବ ସଜାଗ
ଦୁଃଖ ଯା' ଆସିଥିଲା
ସେ ତ ଯାଇଛି ଚାଲି
ଅତୀତ ଏକ ଜୀବନ୍ତ କ୍ଷତ ହୋଇଥାଏ
କେବଳ ସୂଚାଇ ଦେବାକୁ ପ୍ରତି ମୁହୂର୍ତ୍ତରେ
ଖୋଜିବାକୁ ସୁଖ ଶାନ୍ତି ଆନନ୍ଦର ପଥ।


+ବାରିପଦା,ମୟୂରଭଞ୍ଜ


### ବନ୍ଧୁତା ଏକ ସମ୍ମୋହନ

ରୀକ୍ଷିରାମ ମେହେର

ଭାବର ସମ୍ପର୍କ ବିଶ୍ୱାସ ବନ୍ଧନ
ଛଳନା ବିହୀନ ଚିହ୍ନ,
ପୂର୍ଣ୍ଣିମା ରାତିର ଜହ୍ନ ସଦୃଶ ସେ
ନିର୍ମଳ ଆତ୍ମାର ବର୍ଣ୍ଣ।
ସୁଖର ଦୁଃଖର ସାଥି ଆପଣାର
ବନ୍ଧୁତା ତାହାର ନାମ,
ଆତ୍ମୀୟତାପୂର୍ଣ୍ଣ ସ୍ୱଚ୍ଛ ଚରିତ୍ର ତା'
ନିଷ୍କପଟତାର ମନ।
ଆବେଗ ପ୍ରମାଦ ପ୍ରଶ୍ନ ଚିହ୍ନ ନାହିଁ
ଅନ୍ତର ଯା' ଦୀପ୍ତିମୟ,
ଅନ୍ତରର କୋହେ ଉଦୀୟମାନ ସେ
ବନ୍ଧୁତା ତା ଭାବମୟ।
ହସି ହସାଏ ସେ ଦୁଃଖରେ ସୁଖରେ
ଜୀବନର ପ୍ରତି କ୍ଷଣେ,
ଜଣେ ଜଣଙ୍କର ପ୍ରତିବିମ୍ବ ସମ
ପ୍ରସ୍ତୁତ ସେ ରଣାଙ୍ଗନେ।
ସ୍ୱାଭାବିକତାର ସ୍ୱଚ୍ଛ ପରିଚୟ
ବନ୍ଧୁତାଞ୍ଚ ତାହାର ନାମ,
ପ୍ରେମଭାବ ସିକ୍ତ ଜୀବନେ ବନ୍ଧୁତା
ଅଟେ ଏକ ସମ୍ମୋହନ।


+ସାନପୋଡ଼ାଗୁଡା
ଦେବସେନା ଜିଲ୍ଲା
ଉପାଧକ୍ଷ,କଳାହାଣ୍ଡି


### ପାରିବିନି ସପନ କିଣି

ଦିନେଶ ମେହେର

ପାରିବିନି ସପନ କିଣି
ସପନ କିଣା ତ
ସାତ ସପନ ମୋ ପାଇଁ।
ଥରେ ଭାବି ଦେଖ
ଅବୁଝା ଆଖିରେ
ଲୁହ ଦି ଟୋପା ହେଇ
ରହି ପାରିବି କେମିତି;
ରହି ଝରି ପାରିବି କେମିତି ?
ଅନାବନା ଅଳସୀ ନଈରେ
ମୁଁ କାଗଜ ଡ଼ଙ୍ଗାଟେ ,
ଯିଏ ପାଣି ଛିଟିକାଟିଏ ବାଜିଲେ
ଶେଷ ହେଇ ଯିବ;
ଥରେ ଭାବି ଦେଖ
ନଈ କୂଳ ଛୁଇଁ ପାରିବି କେମିତି ?
ମାଟି ଚେକା ଟେ ମୁଁ ଯେ
କାଚ ସାଥେ ରହିବାର ସପନ ଦେଖୁଛି,
ତେବେ ମୋ ଟିକିଏ ସ୍ପର୍ଶରେ ତ
କାଚରେ ଦାଗ ଲାଗି ଯିବ,
ତେବେ କାଚ ଛୁଇଁ ପାରିବି କେମିତି ?
ସବୁ ଜାଣି ମୁଁ ଯେ
କାହିଁକି ମନେଇ ପାରେନି
ମୋ ଅବୁଝା ମନକୁ,
କାହିଁକି ବୁଝି ପାରେନା ବିଧିର ବିଧାନକୁ
ବାମନ ଟେ ହେଇ ଜହ୍ନ
ଧରିବାର ସ୍ୱପ୍ନ ଦେଖୁଛି କାହିଁକି ?


+ପଳାସ , କଳାହାଣ୍ଡି


### ଜୟ ଜଗନ୍ନାଥ ଜଗତ ପତି

ନିରଞ୍ଜନ ସାହୁ

ଜୟ ଜଗନ୍ନାଥ ଜଗତର ନାଥ
ନୀଳାଦ୍ରି ବିହାରୀ ହରି
ଶରଣ ରକ୍ଷଣ ପତିତପାବନ
କିଏ ତବ ସମସରି ।
ଶ୍ରୀପୁରୁଷୋତ୍ତମ ନାମ ବୋଲାଇଛ
ପୁରୁଷୋତ୍ତମରେ ରହି
ଭକତ ଜନଙ୍କ ଆରତ ସ୍ୱରକୁ
କଦାପି ନ ପାର ସହି
ସ୍ୱ ସଂକଟରୁ ରକ୍ଷାକର ପ୍ରଭୁ
ସୁଦର୍ଶନ ଚକ୍ର ଧରି ।
ନୀଳଚକ୍ରେ ଉଡେ ନେତ ଫରଫର
ଭକତ ଯୋଡ଼ଇ ହାତ
ଆନନ୍ଦ ବଜାରେ ବୁଲଇ ମଜାରେ
ଖାଇ କରି ଡାଲିଭାତ
ଟଙ୍କ ତୋରାଣୀରୁ ପେଟେ ପିଇଦେଲେ
ଶୋଷ ଯାଏ ତା'ର ମରି ।
ଓଡ଼ିଆ ଜାତିର ନମସ୍ୟ ଦେବତା
ଓଡ଼ିଆଙ୍କ ଜୀବଧନ
ବାରମାସେ ତେର ଯାତରା ପାଳଇ
ତୁମ ପଦେ ଦେଇ ମନ
ତୁମରି ନିର୍ମାଲ୍ୟ ତୁଣ୍ଡରେ ପାଇକି
ମରଣେ ଯାଆନ୍ତି ତରି ।


ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ : ୯୯୩୮୭୪୧୫୮୩

# ମଧୁମେହକୁ ଦୂରେଇ ଦିଏ ସାଇକେଲିଂ



ନିକଟରେ କରାଯାଇଥିବା ଏକ ଅଧ୍ୟନରୁ ପାଦରେ ଚାଲୁଥିବା ତଥା ସାଇକେଲ ଚାଳନା କରୁଥିବା ଭାରତୀୟମାନଙ୍କୁ ଉଚ୍ଚ ରକ୍ତଚାପ, ମୁମେହ ଓ ମେଦବୃଦ୍ଧିରେ ଆକ୍ରାନ୍ତ ହେବା ଆଶଙ୍କା ବହୁତ କମ ଥାଏ । ଲର୍ଡନ ଇମ୍ପେରିଆଲ କଲେଜ ଓ ପବ୍ଲିକ୍ ହେଲଥ ଫାଉଣ୍ଡେସନ ଅଫ୍ ଇଣ୍ଡିଆ ପକ୍ଷରୁ ଏହି ଅଧ୍ୟନ କରାଯାଇଥିଲା । ଅଧ୍ୟନକାରୀମାନେ ଶାରୀରିକ ଗତିବିଧିଚାଲୁ ରଖିବା ପାଇଁ ଆବଶ୍ୟକ ବାହନ ବ୍ୟବହାର କରିବା ସହ ଅଧିକରୁ ଅଧିକ ଚାଲିବା ପାଇଁ ପରାମର୍ଶ ଦେଇଛନ୍ତି । ଏଥିରୁ ମଧୁମେହ ସହ ଅନେକ ଗମ୍ଭୀର ରୋଗରୁ ରକ୍ଷା କମିଳିଥା, । ଭାରତ ଓ ଆର୍ଥିକସ୍ତରରେ ଦୁର୍ବଳ ରାଷ୍ଟ୍ରଗୁଡ଼ିକରେ ଆସନ୍ତା ୨୦ବର୍ଷ ମ୍ୟରେ ମଧୁମେହ ଓ ହୃଦରେ ବଢ଼ିବା ଅନୁମାନ କରାଯାଉଛି ।



# ଶାଢ଼ି

ଭାରତୀୟ ମହିଳାମାନଙ୍କ ପାଇଁ ସବୁଠାରୁ ସହଜ ଓ ଆରାମଦାୟକ ପରିଧାନ ହେଲା ଶାଢ଼ି । ଏହାକୁ ସବୁ ଋତୁରେ ଏବଂ ସମସ୍ତ ଅବସରରେ ଆପଣ ପିନ୍ଧି ପାରିବେ । ଦିନ ହେଉ କି ରାତି, ଜନ୍ମଦିନ ହେଉ କି ବାହାଘର । ପର୍ବପର୍ବାଣି ହେଉ କିକଟିପାର୍ଟି, ଶାଢ଼ି ସବୁ ଅକେଜନ ପାଇଁ "ଫିଟ୍" । ଶାଢ଼ି ଦେହକୁ ଆରାମ ଦେବା ସହ ବ୍ୟକ୍ତିତ୍ୱକୁ ବିକଶିତ କରିବାରେ ସହାୟକ ହୁଏ । ଖରାଦିନେ ଆପଣ ନିଜ ରଙ୍ଗକୁ ଦେଖି ଲାଇମ, ଲେମନ ୟେଲୋ, ହାଲକା ନାରଙ୍ଗି ଫିକା ଆକଶି ବା ଗୋଲାପି ରଙ୍ଗର କଟନ ଶାଢ଼ି ପିନ୍ଧିପାରିବେ । ଏବେ ଗୋଲଡେନ ବଡ଼ର ଓ ମଲ୍ଟିକଲରୀ ବଡ଼ରଥିବା ଶାଢ଼ିକୁ ସମସ୍ତେ ପସନ୍ଦ କରୁଛନ୍ତି । ବର୍ତ୍ତମାନ ଯୁବତୀମାନଙ୍କ ପସନ୍ଦ ଫ୍ଲୋରାଲ ଶାଢ଼ି । ଯେ କୌଣସି ଫିକା ରଙ୍ଗ ଉପରେ ସେଇ ରଙ୍ଗର ଫୁଲ ଏବଂ ସେଇ ଡିଜାଇନର ବ୍ଲାଉଜ ସମସ୍ତଙ୍କୁ ଆକର୍ଷିତ କରୁଛି । ନିକଟରେ ରିଲିଜ ଅପେକ୍ଷାରେ ଥିବା ସଲମନପ ଖାଁ ଅଭିନୀତ 'ଭାରତ' ପାଇଁ ଆୟୋଜିତ ଏକ ପ୍ରମୋସନ କାର୍ଯ୍ୟକ୍ରମରେ କ୍ୟାଟ୍ରିନା କୈଫଙ୍କୁ ଏହିପରି ଲୁକରେ ଦେଖିବାକୁ ମିଳିଥିଲା । ସେଥିରେ ସେ ଖୁବ୍ ସୁନ୍ଦର ଦେଖାଯାଉଥିଲେ ଯଦି ଆପଣ ଗର୍ଜିଅସ ଲୁକ୍ ଚାହୁଁଛନ୍ତି, ତା ହେଲେ ସିଲ୍କ ଶାଢ଼ି ବ୍ୟବହାର କରିପାରିବେ । ବେଶି ଗହଣା ନ ପିନ୍ଧି ଶାଢ଼ିକୁ ମ୍ୟାଚ କରି ଅଳ୍ପ ପିନ୍ଧନ୍ତୁ ଏବଂ ହାଲୁକା ମେକଅପ ନେପଇ ପାର୍ଟିକୁ ଯାଆନ୍ତୁ, ଭିଡ଼ରେ ବି ଆପଣ ବାରି ହୋଇଯିବେ ।

# ତ୍ୱଚାର ଯତ୍ନ...



ଆମେ ସମସ୍ତେ ତ୍ୱଚାକୁ ନେଇ ଖୁବ୍ ଯତ୍ନବାନ ଥିଲେ ମଧ ସମୟର ଅଭାବ ପାଇଁ ଆମେ ତ୍ୱଚାର ଯତ୍ନ ନେଇପାରିନଥାଉ, ଯାହାଫଳରେ ତ୍ୱଚା ଦିନକୁ ଦିନ ଯତ୍ନ ଅଭାବରେ ମଳିନ ପଡ଼ିଯାଏ ଓ ଯାହା ଆଖିକୁ ବହୁତ ଖରାପ ଦେଖା ଯାଇଥାଏ । ତେବେ ଚାଲନ୍ତୁ ଜାଣିବା କିଛି ଘରୋଇ ଉପାୟ ଯାହା ଦ୍ୱାରା ଆମେ ଆମ ତ୍ୱଚାର ଯତ୍ନ ନେଇପାରିବା ଓ ଆମ ସମୟ ମଧ ବଞ୍ଚିଯାଇପାରିବ । ଏକପାତ୍ରରେ ଗରମପାଣି ରଖି ସେଥିରେ ୧/୨ ଚାମଚ ଲେମ୍ବୁ ରସ ମିଶାଇ ସେହି ଗରମ ପାଣିର ବାମ୍ଫ ଆପରଙ୍କ ଚେହେରାକୁ ଦିଅନ୍ତୁ । ପାଖାପାଖି ୫-୬ ମିନିଯ୍ ଚେହେରାକୁ ବାମ୍ଫ ଦିଅନ୍ତୁ, ଏହାପରେ ଟାଓ୍ୱେଲ ସାହାର୍ଯ୍ୟରେ ମୁହଁ ଓ ବେକକୁ ସାମାନ୍ୟ ଘଷି ମୁହଁ ଧୋଇ ଦିଅନ୍ତୁ । ଯାହା ଦ୍ୱାରା ଆପଣ ପାଇପାରିବେ ଏକ ସଚେତ ତ୍ୱଚା । ,କ ବଡ଼ ଚାମଚ ହଳଦୀ, ଏକ ଷଛାଟ ଚାମଚ ଲେମ୍ବୁ ରସ ମିଶାଇ ଏକ ମିଶ୍ର ପ୍ରସ୍ତୁତ କରନ୍ତୁ ଏହି ମିଶ୍ରକୁ ଆପଣ ମୁହଁରେ ଲଗାଇ ୧୦ମିନିଟ୍ ପରେ ମୁହଁକୁ ପାରଇରେ ଧୋଇ ଦେବେ, ଏହାପରେ ଆପଣଙ୍କ ମୁହଁ ପୂର୍ବ ଅପେକ୍ଷା ସତେଜ ଲାଗଇଥାଏ । ମୁହଁ ସାଧା ପାଣିରେ ଧୋଇବା ଅପେକ୍ଷା ଆପଣ ଅଟା ବା ବେସନରେ କ୍ଷୀର ଓ ଲେମ୍ବୁ ରସ ମିଶାଇ ପ୍ରସ୍ତୁତ ମିଶ୍ରଣକୁ ମୁହଁ ଓ ବେକରେ ଲଗାଇ କିଛି ସମୟ ପାଇଁ ଛାଡ଼ି ଦିଅନ୍ତୁ, ଏହାପରେ ମୁହଁ ଓ ବେକକୁ ପାଣିରେ ଧୋଇ ଦେଇ ମୁହଁରେ ଗୋଲାପ ଜଳ ଲଗାଇ ଦିଅନ୍ତୁ । ଯାହା ଫଳରେ ଆପଣଙ୍କ ତ୍ୱଚାର ଚମକ ବଢ଼ିଯିବ ।

# ଭ୍ୟାନିଟି ବ୍ୟାଗରେ ରଖିବାକୁ ଭୁଲନ୍ତୁ ନାହିଁ

**ଗରମ ଦିନରେ ଆପଣଙ୍କ ନିଜ ଜିନିଷ ଉପରେ ଧ୍ୟାନ ଦେବାର ଆବଶ୍ୟକତା ବହୁତ ରହିଛି । ହାଇଜିନରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଓ ଖାଇବା ପର୍ଯ୍ୟନ୍ତ ସବୁକିଛି ସନ୍ତୁଳିତ ହେବା ଆବଶ୍ୟକ ନହେଲେ ସ୍ୱାସ୍ଥ୍ୟ ସମସ୍ୟାକୁ ସାମ୍ନା କରିବାକୁ ପଡ଼ିପାରେ । ସାଧାରଣତଃ ସମସ୍ତେ ନିଜର ଆବଶ୍ୟକ ଜିନିଷ ପ୍ରତି ଧ୍ୟାନ ରଖିଥାଆନ୍ତି । ତେଣୁ କେତୋଟି ଜିନିଷ ଆପଣ ବାହାରକୁ ବାହାରିବା ସମୟରେ ବ୍ୟାଗରେ ରଖିବାକୁ ଭୁଲନ୍ତୁ ନାହିଁ ।**

**ପାଣିବୋତଲ:** ସବୁ ଆବଶ୍ୟକ ଜିନିଷଠାରୁ ବେଶୀ ଜରୁରୀ ପାଣି । ଆପଣ ପାଣି ବୋତଲକୁ ବିଲକୁଲ ଭୁଲନ୍ତୁ ନାହିଁ । ଗୋଟେ ଛୋଟ ପାଣି ବୋତଲ ବ୍ୟାଗରେ ନିଶ୍ଚିତ ଭାବରେ ରଖନ୍ତୁ ।

**ଓ୍ୱାଇପସ୍:** ଗରମରେ ଝାଳ ବହୁତ ବାହାରେ ଯାହା ଦ୍ୱାରା ସ୍କିନରେ ମଇଳା ଜମିବାର ବିପଦ ରହିଛି । ସେଥିପାଇଁ ଓଦା ଓ୍ୱାଇପସ ଆପରଙ୍କ ସହିତ ରଖନ୍ତୁ । ଯେତେବେଳେ ମୁହଁରୁ ଝାଳ ବାହାରିବ ତେବେ ଓ୍ୱାଇପସର ସାହାଯ୍ୟରେ ପୋଛନ୍ତୁ । ଏଥିରେ ଚେହେରା ସତେଜ ରହିବ ।

**ଗୋଲାପ ଜଳ:** ଗରମ ଦିନରେ ଯାଦୁ ପରି ପ୍ରଭାବ ପକାଏ ଗୋଲାଜଳ । ଗରମ ଦିନରେ ଶରୀର ସହିତ ସ୍କିନକୁ ମଧ ହାଇଡ୍ରେସନର ଆବଶ୍ୟକ ହୁଏ । ଏମିତିରେ ଗୋଲାପ ଜଳକୁ ସ୍କିନରେ ଛିଞ୍ଚି ସ୍କିନକୁ ହାଇଡ୍ରୋଟେଡ୍ ରଖିପାରିବେ ।

**ସନ୍‌ଗ୍ଲାସ୍:** ସ୍କିନ୍ ପାଇଁ ଯେତେ ଜରୁରୀ ସନସ୍କ୍ରିନ୍ ଲୋସନ ଆଖି ପାଇଁ ମଧ ସନ୍‌ଗ୍ଲାସ୍‌ର ସେତିକି ଆବଶ୍ୟକ । ଭଲ କ୍ୱାଲିଟିର ସନଗ୍ଲାସ କିଣନ୍ତୁ ଓ ଖରାରେ ବାହାରିଲେ ଏହାକୁ ବ୍ୟବହାର କରନ୍ତୁ ।

**ପରଫ୍ୟୁମ୍:** ଝାଳଗନ୍ଧରୁ ରକ୍ଷା ପାଇବା ପାଇଁ ଡିୟୋଡ୍ରେଣ୍ଟ ଆପଣଙ୍କ ସହିତ ରଖନ୍ତୁ । ଆପଣ ଯଦି ଚାହିଁବେ ପକେଟ୍ ସାଇଜ ରୋଅନର ବି ବ୍ୟବହାର କରିପାରିବେ ।



# ଆଙ୍ଗୁଠି ଟଣା ଖେଳ


© AP

ଗୋଡ ଟଣାଟଣି କରିବା କଥା ଆପଣମାନେ ଜାଣିଥିବେ, କିନ୍ତୁ କେବେ ଆଙ୍ଗୁଠି ଟଣାଟଣି କରିବା କଥା ଶୁଣିଛନ୍ତି କି ? ଯଦି ନାଁ ତାହେଲେ ଆପରାଙ୍କୁ ଜର୍ମାନୀ ଯାଇ ଏହା ଦେଖିବା ନିଚିତ ଦରକାର। ଏଠାରେ ଶାବରୀୟ ରାଜ୍ୟର ବହୁଲୋକଙ୍କୁ ପରସ୍ପରର ଆଙ୍ଗୁଠି ଟାଣିବାର ଦେଖିବାକୁ ମିଳିବ । ସୂଚନାମୂତାବକ ଆଙ୍ଗୁଠି ଟାଣିବା ଖେଳର ଆରମ୍ଭ ଜର୍ମାନୀ, ଫିନଲ୍ୟାର୍ଡ, ଶାବରୀୟା ଆଦି ସ୍ଥାନରେ ବହୁ ବର୍ଷ ପୂର୍ବରୁ ହୋଇଥିଲା । ତେବେ ଆବରୀୟାର ଏକ ଗ୍ରାମରେ ଥିବା ଦୁଇ ପରିବାର ମଧ୍ୟରେ ବହୁ ଦିନ ଧରି ଚାଲିଥିବା ଏକ ବିବାଦକୁ ସମାଧାନ କରିବାକୁ ଯାଇ ଗାଁର ମୁଖିଆମନେ ଏକ ଭିନ୍ନ ରାସ୍ତା ବାଛିଥିଲେ । ସେମାନେ ଉଭୟ ପରିବାର ର ସଦସ୍ୟଙ୍କ ଭିତରେ ଆଙ୍ଗୁଠି ଟାଣିବା ଖେଳର ଆରମ୍ଭ କରିଦେଲେ । ତେବେ ଯେଉଁ ପକ୍ଷ ଏହି ଖେଳରେ ଜିତିଥିଲା ତାହାତରେ ସମାଧାନର ଭାର ରଖାଯାଇଥିଲା ଏବଂ ଏହା କରିବା ଦ୍ୱାରା ଲୋକମାନଙ୍କ ମଧ୍ୟରେ ସମାଧାନର ବାଟ ବାହାରିବା ସହ ପରସ୍ପର ମଧ୍ୟରେ ବୁଝାମଣା ଠିକ୍ ହୋଇଥିଲା । ତେବେ ଧୀରେଧୀରେ ଏହି ଖେଳଟିର ଲୋକପ୍ରିୟତା ବଢ଼ିବାର ଲାଗିଲା ଏବଂ ଏହି ଖେଳକୁ ୟୁରୋପିୟନମାନେ ମଧ ଖେଳିବାକୁ ଲାଗିଲେ । ଏହି ଖେଳର ନାମଥିଲା "ଫିଙ୍ଗରଫାଇଟ୍", "ଫିଙ୍ଗରପୁଲିଙ୍ଗ", ଫିଙ୍ଗର ରେସ୍ଲିଙ୍ଗ" କିମ୍ବା "ଫିଙ୍ଗରହାକଲେନ" । ତେବେ ଏହି "ଫିଙ୍ଗରହାକଲେନ" ଖେଳର ଅଭ୍ୟାସ ସମୟରେ ଦୁଇ ବିପକ୍ଷ ଦଳ ପରସ୍ପରର ବୀପରିତ ଟେବୁଲରେ ବସନ୍ତି ଏବଂ ପ୍ରତିଦ୍ୱନ୍ଦୀ ଦଳ ଟେବୁଏର ବୀପରୀତ କୋଣକୁ ଆଙ୍ଗୁଠିକୁ ଧରି ଟାଣିବାକୁ ଚେଷ୍ଟା କରନ୍ତି । ତେବେ ଏହି ଖେଳଟିକୁ ଖେଳିବା ପାଇଁ ଟ୍ରେନିଙ୍ଗ ମଧ ଦିଆଯାଉଅଛି । ଲୋକମାନେ ଘଣ୍ଟ ଘଣ୍ଟା ଧରି ପରିଶ୍ରମ କରନ୍ତି ପରସ୍ପରକୁ ହରାଇବା ପାଇଁ ଏଥିସହ ନୂଆ ନୂଆ ପ୍ରଣାଳୀ ମଧ ଶିଖନ୍ତି ।

# ହାଇ ହିଲ୍ ବିରୋଧରେ ଜାପାନରେ ଚାଲିଛି କୁ ଠୁ ଅଭିଯାନ



କର୍ମକ୍ଷେତ୍ରରେ ମହିଳାଙ୍କୁ ହାଇ ହିଲ୍ ଚପଲ ପିନ୍ଧିବା ବାଧ୍ୟତାମୂଳକ କରାଯିବ ପରେ ଏବେ ଏହା ବିରୋଧରେ ଆରମ୍ଭ ହୋଇଛି ଅନଲାଇନ ଅଭିଯାନ । ଏହି ଅଭିଯାନର ପ୍ରଭାବ ଏତେ ଜୋର ପଡ଼ିଲାଣି ଯେ, ଶ୍ରମ ମନ୍ତ୍ରାଳୟ ପକ୍ଷରୁ ନିୟମକୁ ସଂଶୋଧନ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଏହି ଅଭିଯାନକୁ ଆରମ୍ଭ କରିଥିଲେ ଜାପାନର ଅଭିନେତ୍ରୀ ତଥା ବରିଷ୍ଠ ଲେଖିକା ୟୁମି ଇସିକାଭା । ବର୍ତ୍ତମାନ ସୁଦ୍ଧା ଏହି ଅଭିଯାନରେ ୨୦ ହଜାର ମହିଳା ସାମିଲ ହେଲେଣି । ଏହି ଅଭିଯାନର ନାମ ଦିଆଯାଇଛି କୁଠୁ । ଯାହାର ଜାପାନୀ ଭାଷାରେ ଅର୍ଥ ହେଉଛି ଜୋତା ଏବଂ ଯନ୍ତ୍ରଣା । ହାଇ ହିଲ୍ ଯୋଗୁ ମହିଳା ମାନଙ୍କୁ ଅଯଥାରେ ଯନ୍ତ୍ରଣା ଭୋଗିବାକୁ ବାଧ କରାଯାଉଛି ବୋଲି ଅଭିଯାନରେ ସାମିଲ ଥିବା ମହିଳାମାନେ ଅଭିଯୋଗ ଉଠାଇଛନ୍ତି । ସେମାନେ କହିଛନ୍ତି ଯେ, ଜାପାନରେ ହୋଟେଲ ଠାରୁ ଆରମ୍ଭ କରି ଘରୋଇ କାର୍ଯ୍ୟାଳୟ ପର୍ଯ୍ୟନ୍ତ ସବୁଠି ମହିଳାମାନଙ୍କୁ ଅଘୋଷିତ ଭାବେ ହାଇ ହିଲ୍ ପିନ୍ଧିବାକୁ ବାଧ କରାଯାଉଛି । ୮ରୁ ୧୦ ଘଣ୍ଟା ହାଇହିଲ୍ ପିନ୍ଧିବା ଦ୍ୱାରା ମହିଳାଙ୍କୁ ଦାପରେ ଯନ୍ତ୍ରଣା ଭୋଗିବାକୁ ପଡୁଛି ।

# ଆସାମର ଅଦଳ-ବଦଳ ମେଳା



ପ୍ରତ୍ୟେକ ଜିନିଷର କିଛି ନା କିଛି ମୂଲ୍ୟ ରହିଛି । ଆମେ କୌଣସି ଜିନିଷଟିଏ ଘରକୁ ଆଣିବାକୁ ଇଚ୍ଛା କଲେ ପ୍ରଥମେ ତାର ମୂଲ୍ୟ ପରିଶୋଧ କରି ଜିନିଷଟିକୁ ଦୋକାନୀଠାରୁ କିଣୁ । କିନ୍ତୁ ଆଜିକାଲି ଯୁଗରେ ବିନା ଟଙ୍କାରେ ମଧ ଜିନିଷ ମିଳିପାରୁଛି । ମାଗଣାରେ ଏହି ଜିନିଷ କେବଳ ଆସାମରେ ଆୟୋଜିତ ଏହି ମେଳାରୁ ମିଳିପାରେ । ଆସାମରେ ତିନିଦିନ ଧରି ଚାଲୁ ରହୁଥିବା ଏହି ମେଳାରେ ଆପଣ କୌଣସି ବି ଜିନିଷ ଘରକୁ ଆଣିବାରିବେ । ବିନା ମୂଲ୍ୟରେ । ମେଳାରେ ଆସାମର ଆଦିବାସୀ ସବୁ ପ୍ରକାର ଲୋକ ସାମିଲ ହୁଅନ୍ତି । ମେଳାରେ ପଡ଼ିଥିବା ନିର୍ଦ୍ଧାରିତ ମୂଲ୍ୟ ସ୍ଥିର କରାଯାଇଥିବାବେଳେ ଏହି ଜିନିଷ ଗୁଡ଼ିକୁ ଆଣିବା ପାଇଁ ଗ୍ରାହକମାନଙ୍କୁ ଆଧୁନିକ ମୁଦ୍ରା ଦେବାର ପ୍ରଚଳନ ହୋଇ ନ ଥାଏ । ଏଠାକୁ ଆସୁଥିବା ଲୋକେ ଜିନିଷ ଅଦଳ ବଦଳ କରି ଘରକୁ ନିଜ ଦରକାରୀ ଜିନିଷ ନେଇ ଆସନ୍ତି । ଆଦିବାସୀ ଲୋକେ ଜଙ୍ଗଲରୁ ଯେଉଁ ଦ୍ରବ୍ୟ ସଂଗ୍ରହ କରନ୍ତି ତାକୁ ମେଳା ବଜାରରେ ସେମାନେ ସାମିଲ କରନ୍ତି । ୫ଶହ ବର୍ଷ ଧରି ଚାଲି ଆସୁଥିବା ଏହି ମେଳାରେ ପାହାଡ଼ି ଜନଜାତି ଓ ସାଧାରଣ କୃଷକଙ୍କ ଭିତରେ ଜିନିଷର କିଣା ବିକା ବିଶେଷ ଭାବେ ଦେଖାଯାଏ । ଏହା ବ୍ୟତୀତ ମେଳାରେ ସାମୁଦ୍ରିକ ମାଛ ଧରିବାର ପରମ୍ପରା ରହିଥିବାବେଳେ ମେଳାର ଶେଷ ଦିନ ଐତିହାସିକଗୋଭା ରାଜାଙ୍କର ରାଜଦରବାର ବସାଯାଏ ଯେଉଁଥିରେ ପ୍ରତି ଜନଜାତୀର ଲୋକଭାଗ ନିଅନ୍ତି ।

# କେଶ ଓ ସ୍କିନର ଯତ୍ନ

ଆପଣ ଘର ଭିତରେ ରୁହନ୍ତୁ ବାମ ବାହାରେ ବାୟୁ ପ୍ରଦୂଷଣରେ ରୁହନ୍ତୁ ଆପଣ ସ୍କିନ୍ ଓ କେଶର ବିଶେଷ ଧ୍ୟାନ ରଖିବା ଉଚିତ୍ । ମନେରଖନ୍ତୁ ଏସି, ରେଫ୍ରିଜରେଟର ଓ ମାଇକ୍ରୋଓ୍ୱେଭରୁ ବାହାରୁଥିବା ଗ୍ୟାସ୍ ଆପରଙ୍କ ସ୍କିନ ଓ କେଶ ପାଇଁ କ୍ଷତିକାରକ ହୋଇଥାଏ । ଖରା ହେଉ ବା ବର୍ଷା ଆପଣ ପ୍ରଦୂଷଣରୁ ଆପଣଙ୍କ ସ୍କିନ ଓ କେଶକୁ ରକ୍ଷା କରିବା ପଶଇଁ ବିଶେଷ ଧ୍ୟାନ ଦିଅନ୍ତୁ । ସ୍କିନ୍‌ଓ କେଶକୁ କ୍ଲୋଜିଙ୍ଗ, ଟୋନିଙ୍ଗ ଓ ମଇଷ୍ଟରାଇଜିଙ୍ଗ କରନ୍ତୁ । କେଶକୁ ଭରପୂର ମାତ୍ରାରେ ପୋଷଣ ଦିଅନ୍ତୁ ଯାହା ଦ୍ୱାରା



କେଶ ଯେପରି ରୁକ୍ଷ ହୋଇପନଯାଏ । ବାହାରକୁ ଯିବା ସମୟରେ ଆପଣଙ୍କ କେଶକୁ ପ୍ରଦୂଷଣରୁ ରକ୍ଷା କରିବାକୁ ବିଠେଷ ସ୍କୋର ବ୍ୟବହାର କରନ୍ତୁ । ସ୍କିନରେ ସମରସ୍କ୍ରିନ୍ , ଏଲୋଭେରା ଜେଲ ଲଗାନ୍ତୁ । ଏଥିରେ ଆପଣଙ୍କ ସ୍କିନ ୬ରୁ୭ ଘଣ୍ଟା ପର୍ଯ୍ୟନ୍ତ ପ୍ରଦୂଷଣରୁ ରକ୍ଷା ପାଇ ପାରିବ ।

# ଓଭାରିଆନ୍ କ୍ୟାନସରକୁ ପ୍ରତିରୋଧ କରୁଥିବା ଖାଦ୍ୟ

ଓଭାରିଆନ କ୍ୟାନସର ମହିଳାମାନଙ୍କୁ ହେଉଥିବା ଏକ ଘାତକ ରୋଗ । ଠିକ୍ ସମୟରେ ଏହାର ଚିକିତ୍ସା ନକଲେ ଏହି ରୋଗ ମୃତ୍ୟୁମୁଖରେ ପକାଇଥା, । ଓଭାରିଆନ୍ କ୍ୟାନସର ମୂଳ ରୂପରେ ଅଣ୍ଡାଶୟରେ ହେଉଥିବା ଟ୍ୟୁମର । ଏହାର ଚିକିତ୍ସା ନକଲେ ଏହା ପେଲଓ୍ୱିକ୍ ଓ ପେଟରେ ମାଡ଼ିଯାଏ ଏହି ସ୍ତରରେ ଏହାର ଚିକିତ୍ସା କରିବା କଷ୍ଟକର ହୋଇପଡ଼େ । ଏହି ରୋଗରେ ପେଟ୍ ଫୁଲିଯାଏ । ବାରମ୍ବାର ପରିସ୍ରା ଲାଗେ । ପେଲଓ୍ୱିକ୍ ଏରିଆରେ ସମସ୍ୟା ଦେଖାଦିଏ । ଓଜନ କମ ହୋଇଯାଏ ଏହାର ସଠିକ୍ କାରଣ କେହି କହି ପାରିବେ ନାହିଁ । ଡାକ୍ତରମାନେ କିଛି କାରକଙ୍କୁ ଏହାର କାରଣ ବୋଲି ମାନିଥାନ୍ତି ଯଥା ପାରିବାରିକ ଇତିହାସ, ଅତ୍ୟଧିକ ମୋଟା ହେବା, ଏଣ୍ଡ୍ରୋମେଟ୍ରିୟେସିସ୍, ହର୍ମୋନ, ଥେରାପୀ ଓ କିଛି ଲୋକଙ୍କ ମଧ୍ୟରେ ଆନୁବଂଶିକ ପରିବର୍ତ୍ତନ । ତେବେ କିଛି ଘରୋଇ ଉପାୟ ଦ୍ୱାରା ଏହି ସ୍ଥିତି ଓ ଲକ୍ଷଣର ପ୍ରବନ୍ଧନ କରିବା ଦ୍ୱାରା ଆପଣଙ୍କୁ ସାହାଯ୍ୟ ମିଳିପାରିବ ।









**ମଶରୁମ୍:-**
ମଶରୁମରେ ଲେଣ୍ଟନେନ୍ ନାମକ ସକ୍ରିୟ ଘଟକ ବା ତତ୍ତ୍ୱ ରହିଛି, ଯାହା କିଛି ପ୍ରକାରର କ୍ୟାନସରର ବିକାଶକୁ ପ୍ରତିରୋ କରିବାରେ ସାହାଯ୍ୟ କରେ । ଏଥିରେ ଭିଟାମିନ ଡିଓ ମେଗା- ୩ ମିଳିଥାଏ ।

**ସୋୟାରୁ ଉତ୍ପାଦ ଖାଦ୍ୟ:-**
ନ୍ୟୁଟ୍ରିସନ୍ ଜର୍ନାଲ୍ ଏଣ୍ଡ କ୍ୟାନସର ଦ୍ୱାରା ପ୍ରକାଶିତ ଏକ ଅଧ୍ୟନ ଅନୁସାରେ, ସୋୟାରୁ ଉତ୍ପାଦ ଦେଉଥିବା ଖାଦ୍ୟରେ ଆଇସୋଫ୍ଲୋବୋନସ ରହିଛି ଯାହା କ୍ୟାନସର କୋଷିକାର ସଞ୍ଚରଣକୁ ଅବରୋଧ କରାଏ ଓ ଟ୍ୟୁମରର ପ୍ରସାରକୁ କମ କରିଥାଏ । ସେଥିପାଇଁ ଆପଣ ସୋୟାରୁ ତିଆରି ଖାଦ୍ୟ ଯଥା- ପନିର, ଦହି ତେଲ, ସୋୟାବିନ ଦୋୟା ଷ୍ଟାଉଟସ ଆଦି ଖାଆନ୍ତୁ ।

**ପେପରମିଣ୍ଟ ଚା:-**
ସବୁବେଳେ ଯଦି ଆପଣ ଅଫସେଟ୍ ରହୁଛନ୍ତି, ତେବେ ଏହା ମଧ ଓଭାରିଅନ କ୍ୟାନସରର ସାମାନ୍ୟ ଲକ୍ଷଣ ମଧ୍ୟରୁ ଗୋଟିଏ। ପେପରମିଣ୍ଟ ଚା ବାସ୍ତବରେ ଏହାର ଚିକିତ୍ସା ପାର୍ଇ ସାହାଯ୍ୟ କରେ । ଏହାକୁ ତିଆରି କରିବାକୁ ହେଲେ ପାଣିରେ ପେପରମିଣ୍ଟର ୪ଟି ପତ୍ର ପକାଇ ଭଲ ଭାବରେ ସିଝାଇ ଦିଅନ୍ତୁ, ତାପରେ ଚା ପରି ଏହାକୁ ପିଅନ୍ତୁ।

**ଲାଲ ପିଆଜ:-** ଲାଲ ପିଆଜ କ୍ୱେର ସେଟିନ୍, ଏପିଗେନିନ୍ ଓ ବିଭିନ୍ନ ଏନ୍ଥୋକାୟନିନ୍ ପରି କ୍ୟାନସରରୋଧୀ ଯୌଗିକ ବସ୍ତୁରେ ଭରପୂର ଯାହାକୁ ସୋବନ କଲେ ଓଭାରିଆନ୍ କ୍ୟାନସରରେ ଆପଣଙ୍କୁ ସାହାଯ୍ୟ କରିପାରେ ।

**ଅଦା:-** ଅଦାରେ ମଧ କ୍ୟାନସରରୋଗୀ ଗୁଣ ରହିଛି । ଏଥିରେ ଜିଞ୍ଜରୋଲ, ଜିଞ୍ଜରୋନ ଓ ଶୋଗଲ ସହିତ ସକ୍ରିୟ ଯୌଗିକ ବସ୍ତୁ ଥାଏ । ଯେଉଁଥିରେ କ୍ୟାନସରରୋଧୀ ଗୁଣ ରହିଛି ଓ କ୍ୟାନସରର ଉପ୍ରିବର୍ଦ୍ଧନକୁ ଦବାଇଦିଏ ।



# ସମବାୟ ନିର୍ବାଚନକୁ ପ୍ରଭାବିତ କରିଛି ଶାସକ ଦଳ

ଭୁବନେଶ୍ୱର,୫/୦୭ (ନି.ପ୍ର): ସମବାୟ ନିର୍ବାଚନରେ ବ୍ୟାପକ ଚଂଚକତା ହୋଇଥିବା ଅଭିଯୋଗ ଆଣିଛି ବିଜେପି । ଏହାର ତଦନ୍ତ ଦାବି କରି ରାଜ୍ୟ ବିଜେପି ସମବାୟ ସେଲ୍ ତରଫରୁ ଏକ ତିନିଦଫା ସମ୍ବଳିତ ଅଭିଯୋଗ ପତ୍ର ରାଜ୍ୟ ସମବାୟ ନିର୍ବାଚନ କମିଶନଙ୍କୁ ପ୍ରଦାନ କରାଯିବା ସହିତ ନିର୍ବାଚନ ଦାୟିତ୍ୱରେ ଥିବା ସଂପୃକ୍ତ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଏବଂ ସଭାପତି ନିର୍ବାଚନକୁ ବାତିଲ କରି ପୁନଃନିର୍ବାଚନ ପାଇଁ ଦାବି କରାଯାଇଛି । ସମବାୟ ନିର୍ବାଚନ ଆରମ୍ଭରୁ ହିଁ ଶାସକ ଦଳ ନିର୍ବାଚନକୁ ପ୍ରଭାବିତ କରିବା ପାଇଁ ଭୋଟର ଲିଷ୍ଟରେ ବ୍ୟାପକ ଜାଲିଆତି, ନୂଆ ଭୋଟ୍‌ରଙ୍କୁ ଗ୍ରହଣ ନକରିବା, ସମବାୟ ବିଭାଗ ପରିବର୍ତ୍ତେ ପଂଚାୟତରାଜ ବିଭାଗର କର୍ମଚାରୀଙ୍କୁ ନିର୍ବାଚନ ପରିଚାଳନା ଦାୟିତ୍ୱ ଦେବା, ଦଳୀୟ ଭିତିରେ ମନ୍ତ୍ରୀ, ବିଧାୟକମାନଙ୍କ ଦ୍ୱାରା ଜିଲ୍ଲାୱାରି ଦାୟିତ୍ୱ ବାଂଟିବା ଆଦି ଅନେକ ଅନିୟମିତତା କାର୍ଯ୍ୟର ଆଶ୍ରୟ ନେଇଥିବାର ଅଭିଯୋଗ ନେଇ ବିଜେପି ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲା । ଗତକାଲି ଖୋର୍ଦ୍ଧା ଜିଲ୍ଲାର ବାଜପୁର ସେବା ସମବାୟ ସମିତି ପରିଚାଳନା ପରିଷଦର ସଭାପତି ନିର୍ବାଚନରେ ତାହା ପ୍ରମାଣିତ ହୋଇଛି । ସ୍ଥାନୀୟ ନିର୍ବାଚନ ଅଧିକାରୀ ଅଶୋକ କୁମାର ପାଟ୍ଟଶାଣୀ ଓ ପ୍ରିଜାଇଡିଙ୍ଗ ଅଫିସର ସୁଚିତ୍ର କୁମାର ବଡ଼ଜେନା ଯେଉଁଭଳି ଭାବରେ ନିର୍ବାଚନରେ ଉର୍ଦ୍ଦେଶ୍ୟ ପ୍ରଣୋଦିତଭାବେ ସଭାପତି ପ୍ରାର୍ଥୀ ଶ୍ରୀରଞ୍ଜନ ମଙ୍ଗରାଜଙ୍କର ନାକଚ ଭୋଟ୍ ଉପରେ ସରଜର୍ମିନ ତଦନ୍ତ ନକରି ଏବଂ ତାଙ୍କ ଏଜେଂଟଙ୍କ ଦ୍ୱାରା ପ୍ରଦତ ଅଭିଯୋଗ ପତ୍ରକୁ ଗ୍ରହଣ ନକରି ଏକତରଫା ଫଳାଫଳ ଘୋଷଣା କଲେ ଏବଂ ଧର୍ମଗୁଳା ଭୋଟ ପୂର୍ବରୁ ନାକଚ ହୋଇଥିବା ଏକ ବିବାଦୀୟ ବାଲାଟ୍ ପେପରକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କଲେ ତାହା ସମ୍ପୂର୍ଣ୍ଣ ନିର୍ବାଚନ ଆଇନ ବିରୋଧୀ ।

ନିଜେ ପ୍ରିଜାଇଡିଂ ଅଫିସର ନିର୍ବାଚନ ଅଧିକାରୀଙ୍କ ଉପସ୍ଥିତିରେ ଉକ୍ତ ବାଲାଟ ପେପର ଫଟୋକୁ ନିଜ ମୋବାଇଲରେ ଉତୋଳନ କରି ସାମାଜିକ ଗଣମାଧ୍ୟମରେ ଛାଡିଲେ ତାହା ଏକ ଧର୍ତବ୍ୟ ଅପରାଧ ଏବଂ ନିର୍ବାଚନ ଆଚରଣ ବିଧିର ଖୋଲା ଉଲଘଂନ । ସେହିପରି ପୋଲିଂ ବୁଥ୍‌ରେ କରାଯାଇଥିବା ମତଦାନ ବଖରାକୁ ସିସିଟିଭି ସ୍କାନରରେ ଜାଣିଶୁଣି ରଖିବା ଦ୍ୱାରା ଗୁପ୍ତ ମତଦାନର ନୀରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ପୋଲିଂ ବଖରାକୁ ସିସିଟିଭି ନଜରରେ ରଖିବା ଦ୍ୱାରା ଭୋଟରଙ୍କର ଗୁପ୍ତମତଦାନ ଅଧିକାର ପ୍ରଭାବିତ ହୋଇଛି । ଯଦ୍ୱାରା ନାକଚ କରିଥିବା ଭୋଟ୍‌ରଙ୍କର ପ୍ରମାଣ ପାଇ ତାଙ୍କୁ ଧମକ ଚମକ ଦିଆଯିବାଭଳି ପରିସ୍ଥିତି ଦୃଷ୍ଟିକୁ ଆସିଛି ।

ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ରଞ୍ଜନ ମଙ୍ଗରାଜଙ୍କ ନେତୃତ୍ୱରେ ଯାଇଥିବା ଏହି ପ୍ରତିନିଧି ମଣ୍ଡଳିରେ କୃଷକ ମୋର୍ଚ୍ଚା ମିଡିଆ ସଂଯୋଜକ ହିତେଶ ମହାପାତ୍ର, ରାଜ୍ୟ ମହିଳାମୋର୍ଚ୍ଚା ସମ୍ପାଦିକା ଶ୍ରୀମତୀ ରଶ୍ମିରେଖା ଦାସ ଓ ରାଜ୍ୟ ସମବାୟ ସେଲ୍‌ର ସହସଂଯୋଜକ ପ୍ରିୟବ୍ରତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ବଲାଙ୍ଗିରରେ ତିନି ଠାକୁରଙ୍କ ବିଭିନ୍ନ ବେଶ ଅନୁଷ୍ଠିତ

ବଲାଙ୍ଗିର,୫/୦୭ (ନି.ପ୍ର): ରଥଯାତ୍ରା ଅନୁଷ୍ଠିତ ହୋଇ ତିନିଠାକୁର ଦୈନିକ ବଜାର ସ୍ଥିତ ରାମ ଚରିତ ମାନସ ମନ୍ଦିର ଠାରେ ପହଂଚିଥିଲେ । ସେଠାରେ ଦଶ ଅବତାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଦୁଇଦିନ ଧରି ୨ଓ ୩ ତାରିଖ ଦିନ ମତ୍ସ୍ୟ କଷ୍ୟ ବରାହ ଓ ନୃସିଂହ ଅବତାର ଅନୁଷ୍ଠିତ ହୋଇଯାଇଛି । ପ୍ରଭୁଙ୍କ ରୀତି ନିତି ଅନୁସାରେ ସମସ୍ତ ପୂଜା ବିଧି ହୋଇ ଆସୁଛି । ପ୍ରତ୍ୟହ ଭଗବାନଙ୍କ ବେଶ ଦେଖିବାକୁ ଏଠାକୁ ଦର୍ଶକ ଓ ଭକ୍ତ ମାନଙ୍କ ସୁଅ ଛୁଟିଛି । ଏହା ବ୍ୟତୀତ ଗୋପାଳ ଜୀଉ ମନ୍ଦିର ତିନି ଠାକୁର ହସ୍ପିଟାଲ ପାଖ ମାଉସୀ ମା ମନ୍ଦିରରେ, ଜଗନ୍ନାଥ ମନ୍ଦିରର ରଥ ଗାନ୍ଧୀ ପାଠାଗାର ଟିକ୍ରପଡାରେ , ପ୍ୟାଲେଶ୍ ରଥ ମାଳପଡ଼ା ରାମ ମନ୍ଦିରରେ ପହଂଚିବା ପରେ ସେଠାରେ ଅବତାର ହେଉଛି ।

# ଶୁଭାରମ୍ଭ ହେଲା ସରପଂଚମାନଙ୍କ ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ମାଲକାନଗିରି,୫/୦୭ (ନି.ପ୍ର): ସଶକ୍ତ ପଚାଂୟତିରାଜ ପାଇଁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଚାଂୟତିରାଜ ପ୍ରତିଷ୍ଠାନ/ ପଚାଂୟତିରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଆଜି ଜିଲ୍ଲା ପଚାଂୟତ ସାଧନ କେନ୍ଦ୍ର ଠାରେ ଚାରିଗୋଟି ବ୍ଲକ୍ ଯଥା ପଡିଆ, ଚିତ୍ରକୋଣ୍ଡା, ମାଲକାନଗିରି ଏବଂ ଖଇରପୁଟ ଅଂଚଳର ସମସ୍ତ ସରପଂଚମାନଙ୍କୁ ନେଇ ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟତଃ ସରକାରଙ୍କ ସମସ୍ତ ବିଭାଗର ବିଭିନ୍ନ ପ୍ରକାରର ଯୋଜନାର ସହାୟତା ସାଧାରଣରୁ ଅତିସାଧାରଣ ଜନତାଙ୍କ ପାଖରେ କିପରି ପହଂଚିପାରିବ ତା ସହିତ ଏକ ସୁଦୃଢ଼ ପଚାଂୟତ ଗଠନ ହୋଇପାରିବ, ଏହି ଉଦ୍ଦେଶ୍ୟରେ ସମସ୍ତ ସରପଂଚଙ୍କୁ ଅବଗତି କରିବା ନିମନ୍ତେ ଏହି କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି । ଏହି ଅବସରରେ କାର୍ଯ୍ୟକ୍ରମରେ ଅତିଥି ଭାବେ ମାଲକାନଗିରି ଜିଲ୍ଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲ୍ ଏବଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ଅତିରିକ୍ତ ପ୍ରକଳ୍ପ ଅଧିକାରୀ ଟ୍ରେନିଂ ହିମାଂଶୁ ମହାରଣା ଯୋଗଦେଇ ତାଲିମଦାତା ସୁନାକର ପାଲ ଓ ଅଶୋକ କୁମାର ପଟନାୟକ ଏବଂ ସମସ୍ତ ସରପଂଚଙ୍କ ଉପସ୍ଥିତିରେ ଏହାର ଶୁଭ ଉଦଘାଟନ କରିଥିଲେ ।

କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ତୁଲାଇ ସଫଳତାର ଶୀର୍ଷରେ ପହଂଚାଇବା ପାଇଁ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ଏବଂ ଜିଲ୍ଲା ପଚାଂୟତ ସାଧନ କେନ୍ଦ୍ରର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

# କଂଗ୍ରେସର ସଂଖ୍ୟାଲଘୁ ସମ୍ମିଳନୀ ଅନୁଷ୍ଠିତ

ଭୁବନେଶ୍ୱର,୫/୦୭ (ନି.ପ୍ର): ପ୍ରଦେଶ ସଂଖ୍ୟାଲଘୁ ବିଭାଗ ସଭାପତି ଜିଆଉଲ୍ ହକ୍‌ଙ୍କ ଅଧକ୍ଷତାରେ ଆଜି କଂଗ୍ରେସ ଭବନରେ ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ମୁଖ୍ୟ ଅତିଥିରୁପେ ଯୋଗଦେଇ ସଂଖ୍ୟାଲଘୁ ଭାଇଭଉଣୀଙ୍କ ବହୁବିଧ ସମସ୍ୟା ପ୍ରତି ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଚରମ ଅବହେଳା କରୁଛନ୍ତି ବୋଲି ଦୃଢ଼ ସମାଲୋଚନା କରିଛନ୍ତି । ଉଭୟ ବିଜେଡ଼ି ଓ ବିଜେପି ସରକାର ପ୍ରତ୍ୟେକ ସଂଖ୍ୟାଲଘୁଙ୍କ ସମସ୍ୟାକୁ ଶୁଣିବା ସହ ସମସ୍ୟାର ସମାଧାନ ପ୍ରତି ଯତ୍ନଶୀଳ ନହେଲେ କଂଗ୍ରେସ ରାଜରାସ୍ତାରେ ଆନ୍ଦୋଳନ ଜାରି ରଖିବ ଓ ୨୦୨୪ ରେ ମିଶନ ୯୦ ଆସନ ଦଖଲ କରି ଆପଣମାନଙ୍କର ସମସ୍ୟାକୁ ପ୍ରାଧାନ୍ୟ ଦେବବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ବିଜେପି କୁ ତାସଲ୍ୟ କରି "ବଡ଼ା ଝୁଟ ପାର୍ଟି"ର ଆଖ୍ୟା ଶ୍ରୀ ପଟ୍ଟନାୟକ ଦେଇଥିଲେ । କେନ୍ଦ୍ରର ମୋଦି ସରକାରଙ୍କ ପ୍ରତ୍ୟେକଟି ଘୋଷଣା ଆଜି ମିଥ୍ୟା ବୋଲି ସବୁ କ୍ଷେତ୍ରରେ ପ୍ରମାଣିତ ହୋଇଛି । ୯୦ ଦଶକରେ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱରେ ୧୦ ଟି ବିଧାୟକରୁ ଆମେ ସରକାର ଗଢ଼ିଥିଲୁ । ଆଗାମୀ ୨୦୨୪ ରେ କଂଗ୍ରେସ ରାଜ୍ୟରେ ଓ ଦେଶରେ ସରକାର ଗଢ଼ିବ ଓ ଆପଣମାନଙ୍କର ନିରବଚ୍ଛିନ କଠିନ ପରିଶ୍ରମ ଦ୍ୱାରାହିଁ ଏହା ସମ୍ଭବପର ବୋଲି ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଅଭିଭାଷଣରେ କହିଥିଲେ ।

ଖୁବଶୀଘ୍ର ରାଜ୍ୟର ସମସ୍ତ ଜିଲ୍ଲା ଗସ୍ତକରି ଜିଲ୍ଲା କମିଟି ଓ ରାଜ୍ୟ କମିଟି ଗଠନ କରିବା ସହ କଂଗ୍ରେସ ସଂଖ୍ୟାଲଘୁ ଭାଇଭଉଣୀ ମାନଙ୍କ ନିକଟରେ ପଂହଚିବି । ନରେନ୍ଦ୍ର ମୋଦି ଓ ନବୀନ ବାବୁଙ୍କ ସରକାର ଯେତେ ଷଡ଼ଯନ୍ତ୍ର ଓ ନିର୍ଯ୍ୟାତନା ଦେଲେ ମଧ ଡରିଯିବି ନାହିଁ କି ଓହରି ଯିବି ନାହିଁ ବୋଲି ପ୍ରଦେଶ ସଂଘ୍ୟାଲଘୁ କଂଗ୍ରେସ କମିଟି ଅଧକ୍ଷ ଜିଆ ଉଲ୍ ହକ୍ ନିଜର ଅଭିମତ ପ୍ରକାଶ କରିଥିଲେ । ଆମେ କାମରେ ବିଶ୍ୱାସକରୁ । କର୍ମଠ ଲୋକଙ୍କୁ ସଂଗଠନ ଠାରୁ ଆରମ୍ଭ କରି ସବୁ କ୍ଷେତ୍ରରେ ପଦୋନ୍ନତି ଦିଆଯିବ ଓ ଅଳସୁଆଙ୍କୁ ପ୍ରଶୟ ଦିଆଯିବ ନାହିଁ ବୋଲି ନିଖିଳ ଭାରତ ସଂଖ୍ୟାଲଘୁ କଂଗ୍ରେସ କମିଟି ସଂପାଦକ ତଥା ଓଡ଼ିଶା ପ୍ରଭାରୀ ଅବଦୁଲ କାଲାମ ଅଭିଭାଷଣରେ ନିଜର ଅଭିମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ତଥା ପ୍ରାକ୍ତନ ମନ୍ତ୍ରୀ ପଂଚାନନ କାନୁନଗୋ, ଗଣେଶ୍ୱର ବେହେରା, ରବିନ୍ଦ୍ର କୁମାର ସେଠୀ, ବିଧାୟକ ସୁରେଶ କୁମାର ରାଉତରାୟ, ପ୍ରାକ୍ତନ ବିଧାୟକ ଯଜ୍ଞେଶ୍ୱର ବାବୁ, ଅନନ୍ତ ପ୍ରସାଦ ସେଠୀ, କଂଗ୍ରେସ ନେତା ବଟକୃଷ୍ଣ ତ୍ରିପାଠୀ, ଶୁଭେନ୍ଦୁ ମହାନ୍ତି, ଆକବର ଅଲ୍ଲୀ, ପଦ୍ମାକର ଗୁରୁ, ଲୋକନାଥ ମହାରଥି, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ଯାସିର ନୱାଜ, ସବିର ହୋସେନ, ନିଶିକାନ୍ତ ମିଶ୍ର ପ୍ରମୁଖ ନେତୃମଣ୍ଡଳୀ ସଂଖ୍ୟାଲଘୁ ମାନଙ୍କର ସଂଗଠନକୁ ମଜବୁତ କରିବାପାଇଁ ଠୋସ ରଣନୀତି ମାଧମମରେ ବହୁବିଧ ସମସ୍ୟା ଓ ଏହାର ନିରାକରଣ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ ।

# ଏକାମ୍ର କଲେଜ ଓ ପ୍ରେରଣା ପକ୍ଷରୁ ବନ ମହୋତ୍ସବ ତଥା ସବୁଜିମା ପାଇଁ ଯୁବଶକ୍ତି ଅଭିଯାନ

ଭୁବନେଶ୍ୱର, ୦୪ ଜୁଲାଇ - ବର୍ତ୍ତମାନ ଭୁବନେଶ୍ୱର ସହରର ଜନସଂଖ୍ୟା, ଗାଡ଼ି ମୋଟର, କଳ କାରଖାନା ଆଦି ଦିନକୁ ଦିନ ବଢିଚାଲିଛି । ଏ ଦୃଷ୍ଟିକୋଣରୁ ସହରକୁ ସବୁଜ ସୁନ୍ଦର ଓ ପ୍ରଦୂଷଣମୁକ୍ତ କରିବା ପାଇଁ ଆମ ସମସ୍ତଙ୍କ କର୍ତବ୍ୟ ରହିଛି ବୋଲି ସ୍ଥାନୀୟ ଏକାମ୍ର କଲେଜ ଓ ସାମାଜିକ ଅନୁଷ୍ଠାନ ପ୍ରେରଣା ପକ୍ଷରୁ ଏକାମ୍ର କଲେଜ ପରିସରରେ ବନ ମହୋତ୍ସବ ଓ ସୁବଜିମା ପାଇଁ ଯୁବାକ୍ତି ଅଭିଯାନରେ ମୁଖ୍ୟ ଅତିଥି ରୂପେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ସେ କହିଲେ ଯେ, ବିଶେଷକରି ଶିକ୍ଷା ଅନୁଷ୍ଠାନ ପରିସରଗୁଡ଼ିକୁ ସବୁଜିମା କରିବା ପାଇଁ ଛାତ୍ର ଓ ଯୁବକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବା ଆବଶ୍ୟକ । କାରଣ ସବୁଜିମା ପରିବେଶ ଭିତରେ ଶିକ୍ଷାଦାନ କରାଗଲେ ସ୍ମରଣ ଶକ୍ତି ବୃଦ୍ଧି ପାଏ ଓ ନିମ୍ବ ଗଛ ଅଧିକ ଥିଲେ ଏହା ବାୟୁ ପ୍ରଦୂଷଣକୁ ରୋକିବା ସହିତ ଚର୍ମରୋଗ ନିବାରଣ କରିବାରେ ସାହାଯ୍ୟ କରିଥାଏ । ଏହି ଉତ୍ସବରେ ଭୁବନେଶ୍ୱର ମହାନଗର ନିଗମର ମେୟର ସୁଲୋଚନା ଦାସ ଯୋଗଦେଇ ବୃକ୍ଷରୋପଣ କରିବା ସହିତ କହିଲେ ଯେ, ଆଗାମୀ ଦିନରେ ଭୁବନେଶ୍ୱରକୁ ସବୁଜ ସୁନ୍ଦର ଓ ପ୍ରଦୂଷଣମୁକ୍ତ କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ବ୍ୟାପକ ବୃକ୍ଷ ରୋପଣ କରାଯିବ । ଏଥିପାଇଁ ଜନସାଧାରଣ ବିଶେଷ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ । ଏଥିରେ ଏକାମ୍ର କଲେଜର ଅଧକ୍ଷା ପ୍ରଫେସର କ୍ରିଷ୍ଣା ମହାନ୍ତି ବକ୍ତବ୍ୟ ପ୍ରଦାନ କରି କହିଲେ ଯେ, ଆମ ମହାବିଦ୍ୟାଳୟ ପରିସରକୁ ସବୁଜ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ଆମେ କେବଳ ବୃକ୍ଷ ରୋପଣ କରୁନାହୁଁ, ଏହାକୁ ବଂଚାଇ ରଖିବା ପାଇଁ ଉବଯୁକ୍ତ ଯତ୍ନ ନେବୁ । ସେହିପରି ପ୍ରେରଣାର ଅଧକ୍ଷ ତଥା ପୂର୍ବତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ଏଥିରେ ଅତିଥି ରୂପେ ଯୋଗ ଦେଇ କହିଲେ ଯେ, ସମଗ୍ର ବିଶ୍ୱର ଶିକ୍ଷାନୁଷ୍ଠାନ ପରିସରକୁ ସବୁଜିମା କରିବା ପାଇଁ ମିଳିତ ଜାତିସଂଘ ଅଧିକ ଗୁରୁତ୍ୱ ପ୍ରଦାନ କରୁଛନ୍ତି । କାରଣ ବିଗତ ଦିନର ସବୁଜିମା ପରିବେଷ୍ଟିତ ଶିକ୍ଷାନୁଷ୍ଠାନ ଯଥା ଶାନ୍ତିନିକେତନ, ନାଳନ୍ଦା ଏପରିକି ଓଡ଼ିଶାରେ ଥିବା ସତ୍ୟବାଦୀ ବନବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ପାଇଁ ଉତମ ଶିକ୍ଷାଦାନ ପାଇଁ ଏକ ପ୍ରକୃଷ୍ଟ କ୍ଷେତ୍ର ଥିଲା । ସେହି ଦୃଷ୍ଟିକୋଣରୁ ପ୍ରେରଣା ପକ୍ଷରୁ ଭୁବନେଶ୍ୱର ତଥା ରାଜ୍ୟର ଅନେକ ଶିକ୍ଷାନୁଷ୍ଠାନ ପରିସରରେ ଆମେ ସବୁଜିମା ପାଇଁ ଯୁବଶକ୍ତି ଅଭିଯାନ ଜାରି ରଖିଛୁ । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମର ସଂଯୋଜକ ଡଃ ମାନସ ନନ୍ଦ, ମୋ କଲେଜ ଅଭିଯାନ ଦାୟିତ୍ୱରେ ଥିବା ପ୍ରାଧ୍ୟାପକ ଡଃ ଦେବେନ୍ଦ୍ର ବିଶ୍ୱାଳ, ସନ୍ଦୀପ ମହାନ୍ତି ଏବଂ ଏନ୍‌ସିସି ଅଫିସର ଡଃ ଅଜୟ ସିଂ, ଏନ୍‌ଏସ୍‌ଏସ୍ ଅଧ୍ୟାପକ ବ୍ରହ୍ମାନନ୍ଦ ବିଶ୍ୱାଳ ତଥା ଅଧ୍ୟାପକ ଅକ୍ଷୟ ତ୍ରିପାଠୀ, ଅଧ୍ୟାପିକା ରାଜଶ୍ରୀ ମହାନ୍ତି, ନିବେଦିତା ମହାନ୍ତି, ମମତା ମହାନ୍ତି, ସ୍ୱେଚ୍ଛାସେବୀ ସଚିନ ବଳିୟାରସିଂ ଓ କଲେଜର ଏନ୍‌ସିସି, ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀ ତଥା ସମସ୍ତ କର୍ମଚରୀ ସମୂହ ବୃକ୍ଷରୋପଣରେ ଯୋଗଦାନ କରି ଗୋଟିଏ ଗୋଟିଏ ବଉଳ ଚାରା ରୋପଣ କରିଥିଲେ ।

# ବିଜେପି ଯୁବମୋର୍ଚ୍ଚା ଖଇରପୁଟ ମଣ୍ଡଳର ନୂତନ କର୍ମକର୍ତ୍ତା ଚୟନ

ମାଲକାନଗିରି,୫/୦୭ (ନି.ପ୍ର): ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମାରେ ଖଇରପୁଟ ମଣ୍ଡଳ ଭାରତୀୟ ଜନତା ପାର୍ଟି ଯୁବମୋର୍ଚ୍ଚାର କମିଟି ଗଠିତ ହୋଇଯାଇଛି । ଏହି ଅବସରରେ ବରିଷ୍ଠ କର୍ମୀ ଯୁଗଳ କିଶୋର ସ୍ୱାଇଁ, ମାଲକାନଗିରି ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ବେହେରା, ଖଇରପୁଟ ମଣ୍ଡଳ ସଭାପତି ବିଦ୍ୟାଧର ସାହାଣୀ, ଜିଲ୍ଲା ଏସଟି ମୋର୍ଚ୍ଚା ସାଧାରଣ ସମ୍ପାଦକ ସହଦେବ ଶିଶା, କର୍ମୀ ଅଜୟ ପଟ୍ଟନାୟକ, ଭଗବାନ ଡାକୁଆ ଅତିଥି ଭାବେ ଯୋଗଦେଇଥିଲେ । ଖଇରପୁଟ ମଣ୍ଡଳର ଯୁବମୋର୍ଚ୍ଚା ନୂତନ କମିଟିର ସଭାପତି ରମାକାନ୍ତ ଧାକଡ, ଉପ ସଭାପତି ମେନକାଶ୍ରୀ ଶିଶା, ଉପ ସଭାପତି ସୁବାସ ବଡ଼ନାୟକ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ପଟ୍ଟନାୟକ, ସମ୍ପାଦକ ସିଦ୍ଧାର୍ଥ ଶେଖର ରଥ, ସମ୍ପାଦକ ନୀଳାମ୍ବର ଟେକ, ସମ୍ପାଦକ ପଦ୍ମନ୍ ନାୟକ, ସମ୍ପାଦକ ପବିତ୍ର ମାଳି, କୋଷାଧକ୍ଷ ସନ୍ତୋଷ କୁମାର ସ୍ୱାଇଁ ଓ ୧୨ ଜଣ କାର୍ଯ୍ୟକାରିଣୀ ସଦସ୍ୟ ଓ ୧୦ ଜଣ ବିଭିନ୍ନ ପଦ ପଦବୀରେ ସ୍ଥାନ ପାଇଛନ୍ତି । ଶେଷରେ ସମସ୍ତ ନୂତନ କର୍ମକର୍ତା ମାନଙ୍କୁ ଜିଲ୍ଲା ସାଧାରଣ ସମ୍ପାଦକ ଶ୍ରୀ ବେହେରା ଅଭିନନ୍ଦନ ଜଣାଇଥିଲେ ।

# ପ୍ରେସ କ୍ଲବ ତୁମୁଡିବନ୍ଧ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ

କନ୍ଧମାଳ ,୫/୦୭ (ନି.ପ୍ର): କଥାରେ ଅଛି ସତ କହିଲେ ମରିବାକୁ ପଡେ ସେହିପରି ସତ୍ୟ ନିର୍ଭିକ ନିରପେକ୍ଷ ଖବର ପ୍ରସାରଣ କରୁଥିବା ବରିଷ୍ଠ ସାମ୍ବାଦିକ ତଥା ବଡ଼ ଖବର ର ମୁଖ୍ୟ ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସଙ୍କୁ ରାଜ୍ୟ ସରକାର ଇଓଡବ୍ଲୁ ଲଗାଇ ଆକ୍ରୋଶ ମୂଳକ ଭାବେ କଣ୍ଠରୋଧ କରିବା ପାଇଁ ଗିରଫ କରାଯାଇ ଥିବାରୁ ତୁମୁଡିବନ୍ଧ ସାମ୍ବାଦିକଙ୍କ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି ଏବଂ ସରକାର ଗଣତନ୍ତ୍ର କୁ ହତ୍ୟା କରିଥିବା ହୀନ ପ୍ରୟାସ କୁ ତୀବ୍ର ନିନ୍ଦା କରାଯାଇଛି ଓ ଓଡିଶା ଇତିହାସ ରେ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଥିବା ନେଇ ସାମ୍ବାଦିକ ଙ୍କ ମହଲ ରେ ଅସନ୍ତୋଷ ଦାନା ବାନ୍ଧୁଛି । କଥାରେ ଅଛି ଶହେ ଅପରାଧୀ ଦଣ୍ଡ ନ ପାଇଲେ ବି ଚଳିବ କିନ୍ତୁ ଜଣେ ଅପରାଧ ନ କରିଥିବା ବ୍ୟକ୍ତି ଦଣ୍ଡ ନପାଉ କିନ୍ତୁ ଏହିଠି ଓଲଟା ହେଉଛି ଭୁଲ କରିନଥିବା ବ୍ୟକ୍ତି ଙ୍କୁ ରାତି ଅଧିଆ ଆସିକି ହତ୍ୟାକାରୀ କୁ ଯେପରି ଗିରଫ କରାଯାଏ ସେହିପରି କରୁଛନ୍ତି । ଏ ନେଇ ଆଜି ପିଡବ୍ଲୁଡ଼ି ବଙ୍ଗଳା ଠାରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଯାଇ ବରିଷ୍ଠ ସାମ୍ବାଦିକ ଅର୍ଦ୍ଧେନ୍ଦୁ ଦାସ ଙ୍କୁ ନିଃସର୍ତ ଖଲାସ ପାଇଁ ଓଡିଶାର ରାଜ୍ୟପାଳ ଙ୍କ ଉଦ୍ଦେଶ୍ୟ ରେ ଏକ ଦାବୀପତ୍ର ଦିଆଯାଇ କଳା ବ୍ୟାଚ ପରିଦାନ କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ତୁରନ୍ତ ଖଲାସ କରାନଗଲେ ଆଗାମୀ ଦିନରେ ରାଜରାସ୍ତା କୁ ଓହ୍ଲାଇବା ସହ ଗଣଧାରଣା ଦିଆଯିବ ତୁମୁଡିବନ୍ଧ ସାମ୍ବାଦିକ ସଂଘର ବରିଷ୍ଠ ସାମ୍ବାଦିକ ପବିତ୍ର ଦିଗାଲ, ବିପ୍ର ଚରଣ ମାନସେଠ, ପ୍ରବୀଣ କୁମାର ପଟ୍ଟନାୟକ, ଅଜିତ କୁମାର ଦିଗାଲ, ପ୍ରଳୟ ରାୟ, ସିମାଞ୍ଚଳ ସାହୁ, ଧର୍ମପଦ ନାୟକ, ଫିଲିପ ଦିଗାଲ, ମନୁ ପାତ୍ର, ଅନୁଗ୍ରହ ନନ୍ଦ ଉପସ୍ଥିତ ରହି ଘୋଷି ଉନୟନ ଅଧିକାରୀ ଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ ।

# ରଥଯାତ୍ରା ଉପଲକ୍ଷେ ଶ୍ରୀଜଗନ୍ନାଥ ଭକ୍ତି ସଂଗୀତ ସମାରୋହ - ଗୁହାରି' ଉଦଘାଟିତ

ଭୁବନେଶ୍ୱର,୫/୦୭ (ନି.ପ୍ର): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଆୟୋଜିତ ଶ୍ରୀ ଜଗନ୍ନାଥ ଭକ୍ତି ସଙ୍ଗୀତ ସମାରୋହ 'ଗୁହାରି'ର ଉଦଘାଟନୀ ଉତ୍ସବ ଭୁବନେଶ୍ୱରର ଭଞ୍ଜ କଳାମଣ୍ଡପରେ ଏକ ବର୍ଣ୍ଣାଢ୍ୟ ଓ ମନୋଜ୍ଞ ପରିବେଶ ଭିତରେ ଆରମ୍ଭ ହୋଇଯାଇଛି ।

ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପର୍ଯ୍ୟଟନ ଓ ଅବକାରୀ ବିଭାଗର ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର; ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ; ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ପ୍ରବୋଧ ରଥ ଓ ଓଡ଼ିଶୀ ଗବେଷଣା କେନ୍ଦ୍ରର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରଥମ ସଂଧ୍ୟାର ବରେଣ୍ୟ କଣ୍ଠଶିଳ୍ପୀ ଥିଲେ ରବିନ୍ଦ୍ର ମହାପାତ୍ର । ସେ ପରିବେଷଣ କରିଥିଲେ ବୀର କିଶୋର ଦେବଙ୍କ ରଚନା ଜଗନ୍ନାଥ କଲେ ଯା ଅନାଥରେ ଏବଂ କ୍ଷୀରୋଧ ଚନ୍ଦ୍ର ପୋଥାଳଙ୍କ ରଚନା କୋଠ ଭୋଗଖିଆ, ପରେ ପରେ ଛନ୍ଦା ମିଶ୍ରଙ୍କ ଦ୍ୱାରା ମେଘ ମାଳାକୁ ନିଜେ କଳାକୁ ସଙ୍ଗୀତ ପରିବେଷଣ କରିଥିଲେ । ପରେ ଦୁଃଖୀଶ୍ୟାମ ତ୍ରିପାଠୀ ପରିବେଷଣ କରିଥିଲେ କାଳ କାଳ ଥିବ ରହିହେ ଓ କେତେ ଦିନ ଧନ ଦେଖିନି । ପରେ ପରେ ମାନସୀ ପାତ୍ର ପରିବେଷଣ କରିଥିଲେ ଦୟାକର ଦିନବନ୍ଧୁ ଶୁଭେ ଯାଉ ଆଜ ଦିନ ଓ ଯାବୁଡ଼ି ଧରିବି କାଳେ ପାଦକୁ ତୋର । ପରବର୍ତୀ ସମୟରେ କଣ୍ଠଶିଳ୍ପୀ ଭଗବାନ ଜେନା, ନିମକାନ୍ତ ରାଉତରାୟ, ଲୋଭା ବିଶ୍ୱାଳ ଓ ପ୍ରତିଭା ପ୍ରଧାନ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ । ସେମାନଙ୍କୁ ଯନ୍ତ୍ରାଂଶରେ ସହଯୋଗ କରିଥିଲେ ତବଲାରେ ଦୁଷ୍ମନ୍ତ କୁମାର ପରିଡ଼ା, ଢୋଲକରେ ଅବନୀକାନ୍ତ ଦାସ, ବଂଶୀରେ ଜବାହାର ମିଶ୍ର, ଅକଟୋପ୍ୟାଡ଼ରେ ପ୍ରିୟ ରଞ୍ଜନ ମହାନ୍ତି, କିବୋର୍ଡ଼ରେ ନରେନ୍ଦ୍ର କୁମାର ମହାପାତ୍ରଏବଂ ଗିଟାରରେ ଭବତୋଷ ମହାନ୍ତି । କାର୍ଯ୍ୟକ୍ରମଟିକୁ ସଂଚାଳନ କରିଥିଲେ ଡ଼. ମୃତ୍ୟୁଞ୍ଜୟ ରଥ । ଏହି କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିବ ।

# ୧୧୯ କେଜି ଗଞ୍ଜେଇ ଜବତ : ଜଣେ ଗିରଫ

ମାଲକାନଗିରି,୫/୦୭ (ନି.ପ୍ର): ଚିତ୍ରକୋଣ୍ଡା ଥାନା ସବ ଇନିସପେକ୍ଟର ବିଘ୍ନ କିଶୋର ଦଳ ପୋଲିସ ଟିମ ସହ ଗତକାଲି ରାତ୍ରରେ ଟନେଲ କ୍ୟାମ୍ପ, ଡାଇକ - ୩ , ଡାଇକ - ୨, ନାକାମାମୁଡି ଏବଂ ନୂଆଗୁଡା ଅଂଚଳରେ ପେଟ୍ରୋଲିଂ କରୁଥିବାବେଳେ ସେମାନେ ଦେଖିବାକୁ ପାଇଥିଲେ ଯେ ଜଣେ ବ୍ୟକ୍ତି ନାକାମାମୁଡି ଗ୍ରାମ ରାସ୍ତାରୁ ପ୍ରାୟ ୬୦୦ ମିଟର ଦୂରରେ ୫ଟି ପ୍ଲାଷ୍ଟିକ ବ୍ୟାଗ ଧରି ଠିଆ ହୋଇଛି । ପୋଲିସ୍ ପାର୍ଟୀକୁ ଦେଖି ସେ ଜଙ୍ଗଲକୁ ଦୌଡ଼ି ସେଠାରୁ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ପୋଲିସ ପାର୍ଟି ତାର ପିଛା କରି ଧରିବାରେ ସଫଳ ହୋଇଥିଲା । ଅଧିକ ଯାଂଚ୍ କରିବାରୁ ଜଣାପଡିଥିଲା ଯେ ଧରା ପଡ଼ିଥିବା ବ୍ୟାଗରେ ୧୧୯ କେଜି ୧୦୦ ଗ୍ରାମ ଗଞ୍ଜେଇ ରହିଥିଲା । ଅଭିଯୁକ୍ତ ଏହାକୁ ଆନ୍ଧ୍ରପ୍ରଦେଶର ସିଲେରୁ ଅଂଚଳକୁ ରପ୍ତାନି କରିବାକୁ ଚେଷ୍ଟା କରୁଥିଲା । ଏ ସଂକ୍ରାନ୍ତରେ ଚିତ୍ରକୋଣ୍ଡା ଥାନା କେସ୍ ନଂ ୮୦/୨୨ ରେ ଏକ ମାମଲା ପଞ୍ଜିକୃତ ହୋଇଛି ଏବଂ ଗିରଫ ହୋଇଥିବା ନୂଆଗୁଡା ଗ୍ରାମର ଶ୍ୟାମ ଖରାକୁ ଆଜି କୋର୍ଟଚାଲାଣ କରାଯାଇଛି ।

## ନୂତନ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଯୋଗଦାନ

ବଲାଙ୍ଗୀର ,୫/୦୭ (ନି.ପ୍ର): ବଲାଙ୍ଗିର ପୌରପରିଷଦରେ ନୂତନ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବରେ ସାମିରେଡ୍ଡି ଜୟଶ୍ରୀ ତାଙ୍କ କାର୍ଯ୍ୟରେ ଯୋଗଦାନ କରି ଦାୟିତ୍ୱ ଗ୍ରହଣ କରି ଛନ୍ତି । ତାଙ୍କୁ ବଲାଙ୍ଗିର ପୌରାଧକ୍ଷା ଲିକା ସାହୁଙ୍କ ସମେତ ସମସ୍ତ କାଉନସିଲର ସଭ୍ୟସଭ୍ୟା ଓ ପୌର ପ୍ରଶାସନର ସମସ୍ତ କର୍ମଚାରୀ ସ୍ୱାଗତ ଜଣାଇଥିଲେ ।

# ପଶ୍ଚିମ ଓଡ଼ିଶାର କଳାକାର ଓ ଲୋକକଳା ଅବହେଳାର ଶିକାର- ହେମନ୍ତ ପଣ୍ଡା

ବଲାଙ୍ଗିର,୫/୦୭ (ନି.ପ୍ର): ପଶ୍ଚିମ ଓଡିଶାର ଲୋକକଳା ସର୍ବଜନ ବିଦିତ । ଲୋକକଳା ଓ ଏହାର ମୌଳିକତାକୁ ବଂଚାଇ ରଖିବା ପାଇଁ ପଶ୍ଚିମ ଓଡିଶାର ଗ୍ରାମାଂଚଳରେ କଳାକାର ମାନେ ନିଜ ଜୀବନ ଜଞ୍ଜାଳକୁ ଉତ୍ସର୍ଗ କରି ଜୀବନବ୍ୟାପୀ ସାଧନା ଜାରୀ ରଖିଛନ୍ତି । କିନ୍ତୁ, କଳାକାର ପେନସନ ଓ ଚିକିତ୍ସା ସହାୟତା କ୍ଷେତ୍ରରେ ସେମାନେ ଅବହେଳା ଓ ଉପେକ୍ଷାର ଶୀକାର ହୋଇଥିବା କଥା ରାଜ୍ୟର ବିଶିଷ୍ଟ ସୂଚନା ଅଧିକାର କର୍ମୀ ହେମନ୍ତ ପଣ୍ଡା କହିଛନ୍ତି । ସୂଚନା ଅଧିକାର ଆଇନ ବଳରେ ରାଜ୍ୟ ସରକାରଙ୍କ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରଦାନ କରିଥିବା ତଥ୍ୟରୁ ଏହା ଜଣାଯାଇଛି । ଜୀବନ ବ୍ୟାପୀ ଉତ୍ସର୍ଗିତକୃତ ଭାବେ ବିଭିନ୍ନ ପ୍ରକାର କଳାର ସାଧନା କରିଥିବା ଦୁଃସ୍ଥ କଳାକାରଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ପେନସନ ଓ ଚିକିତ୍ସା ସହାୟତା ପ୍ରଦାନ କରୁଛନ୍ତି । ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ କଳାକାରମାନଙ୍କୁ ୧୨୦୦ ଟଙ୍କା ପେନସନ ବାବଦକୁ ଦେଉଥିବା ବେଳେ କେନ୍ଦ୍ରର ଆର୍ଥିକ ସହାୟତା ପାଇଁ ଯୋଗ୍ୟତା ଭିତିରେ ସୁପାରିଶ କରିଥାନ୍ତି । ରାଜ୍ୟ ସହାୟତା ପାଇଁ ଯୋଗ୍ୟତା ବୟସ ପୁରୁଷ କଳାକାରଙ୍କ ପାଇଁ ୫୦ ବର୍ଷରୁ ଅଧିକ ହୋଇଥିବା ବେଳେ ମହିଳା କଳାକାରଙ୍କ ପାଇଁ ୪୦ ବର୍ଷରୁ କମ୍ ରହିଛି । ସେହିଭଳି କେନ୍ଦ୍ରୀୟ ସହାୟତା ପାଇଁ ସର୍ବନିମ୍ନ ବୟସସୀମା ୬୦ ବର୍ଷ ରହିଛି । ରାଜ୍ୟ ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରଦାନ କରିଥିବା ତଥ୍ୟରୁ ଜଣାଯାଇଛି ଯେ, ୨୦୨୧ ମସିହାରେ ରାଜ୍ୟ ସରକାର କେନ୍ଦ୍ରୀୟ ପେନସନ ଓ ଚିକିତ୍ସା ସହାୟତା ପାଇଁ ରାଜ୍ୟର ସମୁଦାୟ ୧୫୬୬ ଜଣ ଦୁଃସ୍ଥ କଳାକାରଙ୍କ ନାମ ୫ଟି ପର୍ଯ୍ୟାୟରେ କେନ୍ଦ୍ରକୁ ସୁପାରିଶ କରିଥିଲେ । ରାଜ୍ୟ ସରକାରଙ୍କ ଭତା ପାଉଥିବା ଏହି ୧୫୬୬ ଜଣ କଳାକାରଙ୍କ ମଧ୍ୟରୁ ସମଗ୍ର ପଶ୍ଚିମ ଓଡିଶାରୁ ମାତ୍ର ୬୧ ଜଣଙ୍କ ନାମ କେନ୍ଦ୍ର ସରକାରଙ୍କ ଭତା ଓ ସହାୟତା ପାଇଁ ସୁପାରିଶ କରାଯାଇଛି । ସେହିପରି ୨୦୧୯ ମସିହାରେ ଦୁଇଟି ପର୍ଯ୍ୟାୟରେ ରାଜ୍ୟର ସମୁଦାୟ ୩୪୮ ଜଣ ଭତା ପାଉଥିବା କଳାକାରଙ୍କ ନାମ କେନ୍ଦ୍ରୀୟ ଭତା ପାଇଁ କେନ୍ଦ୍ରକୁ ସୁପାରିଶ କରାଯାଇଛି । ଏହି ୩୪୮ ଜଣଙ୍କ ମଧ୍ୟରୁ ମାତ୍ର ୨ ଜଣ ପଶ୍ଚିମ ଓଡିଶାର କଳାକାର ରହିଥିବା ଜଣାଯାଇଛି । ପଶ୍ଚିମ ଓଡିଶାର ଏହି ଦୁଇ ଜଣ କଳାକାର ସୁବର୍ଣ୍ଣପୁର ଜିଲ୍ଲାର ବୋଲି ଜଣାଯାଇଛି । ୨୦୧୮ ମସିହାରେ ରାଜ୍ୟର ସମୁଦାୟ ୧୧୪ ଜଣଙ୍କ ନାମ ସୁପାରିଶ କରାଯାଇଛି । ଏହା ମଧ୍ୟରୁ ମାତ୍ର ୨୭ ଜଣ ପଶ୍ଚିମ ଓଡିଶାର କଳାକାର ଅଟନ୍ତି । ଏହି ବର୍ଷ ମାତ୍ର ୩ ଜଣ ଆକାଶବାଣୀ କଳାକାରଙ୍କ ନାମ ମଧ ଏହି ୧୧୪ ଜଣଙ୍କ ମଧ୍ୟରେ ଥିଲା । ଏହି ୩ ଜଣଯାକ କଟକର ବୋଲି ଜଣାଯାଇଛି । ପଶ୍ଚିମ ଓଡିଶାର ପୁରପଲ୍ଲୀରେ ଦୁଃସ୍ଥ ଓ ଅସହାୟ କଳାକାର ଖୁନ୍ଦି ହୋଇ ରହିଥିବା ବେଳେ ଓ ଏହି ଅଂଚଳର ଅର୍ଥିକ ସ୍ଥିତି ଅପେକ୍ଷାକୃତ ଦୁର୍ବଳ ଥିବାବେଳେ ପଶ୍ଚିମ ଓଡିଶାର କଳାକାରଙ୍କୁ ସରକାରଙ୍କ ଆର୍ଥିକ ସହାୟତା ଯୋଜନାରେ ସାମିଲ କରାଯାଇ ପାରୁନାହିଁ । ଏହି ଅଂଚଳର କଳାକାରମାନଙ୍କୁ ଏହି ଯୋଜନାରେ ସାମିଲ କରିବା ପାଇଁ କଳାକାର ମାନେ କିଭଳି ଓ କେବେ ଆବେଦନ କରିପାରିବେ ବର୍ତମାନ ପର୍ଯ୍ୟନ୍ତ ସରକାରୀ ବ୍ୟବସ୍ଥା ସଚେତନ କରି ପାରିନାହିଁ । ଆଧୁନିକ ଯନ୍ତ୍ର ସଙ୍ଗୀତର ପ୍ରଭାବରେ ପଶ୍ଚିମ ଓଡିଶାର କଳାକାର ମାନେ କିଭଳି ଭାବେ ଦୟନୀୟ ସ୍ଥିତିକୁ ଆସିଛନ୍ତି ଏବଂ ପାରମ୍ପରିକ କଳା ଓ କଳାକାର ଦୟନୀୟ ଅବସ୍ଥାର ସମ୍ମୁଖୀନ ହେଉଛନ୍ତି ଏହା ସର୍ବଭାରତୀୟ ଓ ବିଶ୍ୱସ୍ତରରେ ପ୍ରଶଂସିତ ହେଇଥିବା ଭୁଖା ଚଳଚ୍ଚିତ୍ରରେ ନିଛକ ଭାବେ ପ୍ରଦର୍ଶନ କରାଯାଇଥିଲା । କିନ୍ତୁ, ସରକାର ତଥାପି ଉଦାସୀନ ରହିବା ପଶ୍ଚିମ ଓଡିଶା ପ୍ରତି ଆକ୍ରୋଶମୂଳକ ଅବହେଳା ବୋଲି ସୂଚନା କର୍ମୀ ହେମନ୍ତ ପଣ୍ଡା ଅଭିଯୋଗ କରିଛନ୍ତି । ରାଜ୍ୟ ମୁଖ୍ୟମନ୍ତ୍ରୀ ଭୁଖା ଚଳଚ୍ଚିତ୍ର ଦେଖି ପଶ୍ଚିମ ଓଡିଶାର ଲୋକକଳା ଓ ଦୁଃସ୍ଥ କଳାକାରଙ୍କ ଅବସ୍ଥାକୁ ହୃଦୟଙ୍ଗମ କରିବା ପାଇଁ ସୂଚନା କର୍ମୀ ଶ୍ରୀ ପଣ୍ଡା ଅନୁରୋଧ କରିବା ସହ ପଶ୍ଚିମ ଓଡିଶାର କଳାକାରଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଶ୍ରୀ ପଣ୍ଡା ଦାବୀ କରିଛନ୍ତି ।

## ରାସ୍ତା କଡରେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଠାବ

ଭବାନୀପାଟଣା,୫/୦୭ (ନି.ପ୍ର): ଆଜି ସକାଳେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା -ଧର୍ମଗଡ଼ ବିଜୁ ଏକ୍ସପ୍ରେସ ରାଜପଥ ଚଂଚରାମୁଣ୍ଡା ଛକ ନିକଟରେ ଏକ ଅଜଣା ବ୍ୟକ୍ତିର ମୃତଦେହ ଠାବ ହୋଇଛି । ମୃତଦେହଟି ରାସ୍ତା କଡରେ ପଡିଥିବା ବେଳେ ଦେହର ଅଧା ଅଂଶ ଏକ ବସ୍ତାରେ ଘୋଡାଇ ହୋଇ ରହିଥିବା ବେଳେ ଶବ ଉପରେ ଏକ ସାଇକେଲ ପଡି ରହିଛି । ଏହା ଏକ ଦୁର୍ଘଟଣା ନା ହତ୍ୟା ବର୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ପାରିନାହିଁ । ଘଟଣାସ୍ଥଳରେ ଗୋଲାମୁଣ୍ଡା ପୋଲିସ ପହଂଚି ସାଇଂଟିଫିକ ଟିମ୍ ଓ ସନ୍ଧାନି କୁକୁର ସାହାଯ୍ୟରେ ଛାନଭିନ୍ ଆରମ୍ଭ କରିଛି ।

## ବିଶ୍ୱରେ ଖାଦ୍ୟ....

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ପ୍ରତିବର୍ଷ ଶୀତଳ ଭଣ୍ଡାରର ଅଭାବ ହେତୁ ୨୨% ଫଳ ଏବଂ ପନିପରିବା ଫିଙ୍ଗି ଦିଆଯାଏ। ଗୋଦାମରେ ଭର୍ତ୍ତି ହୋଇଥିବା ଗହମର ଚିତ୍ର ପ୍ରାୟତଃ ଖବରକାଗଜରେ ପ୍ରକାଶିତ ହୁଏ । ନିଶ୍ଚିତ ଭାବରେ ରୁଷ-ୟୁକ୍ରେନ ଯୁଦ୍ଧ ପାଶ୍ଚାତ୍ୟ ଦେଶରେ ଖାଦ୍ୟ ଯୋଗାଣକୁ ଦୁର୍ବଳ କରିଦେଇଛି। କିନ୍ତୁ ସତ କଥା ହେଉଛି ଏହି ଯୁଦ୍ଧ କେବଳ ଭୟଙ୍କର ହୋଇଛି, ଯାହା ଆଗାମୀ ବର୍ଷ ମାନଙ୍କରେ ବିଶ୍ୱ ଏହାର ପ୍ରତିଫଳ ସାମ୍ନା କରିପାରେ ।

ବାସ୍ତବରେ, ବିଶ୍ୱରେ ଦ୍ରୁତଗତିରେ ଜନସଂଖ୍ୟା ବୃଦ୍ଧି ହେତୁ ଆବାସିକ ଘର ତଥା ଅନ୍ୟାନ୍ୟ ନିର୍ମାଣର ଆବଶ୍ୟକତା ବଢୁଛି । ସାଧାରଣତଃ ପ୍ରତ୍ୟେକ ବିକାଶ ଯୋଜନା ସଂପୃକ୍ତ ଅଞ୍ଚଳରେ କୃଷି ଜମିର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶକୁ ଥ୍ରଟ କରିଥାଏ । ନୂତନ ରାଜପଥ ନିର୍ମାଣ କିମ୍ବା ସହର ବାହାରେ ଏକ ଇଣ୍ଡଷ୍ଟ୍ରିଆଲ୍ ୟୁନିଟ୍ ପ୍ରତିଷ୍ଠା ପାଇଁ ଯୋଜନା ହେଉ କିମ୍ବା କୌଣସି ନୂତନ ଗୃହ ଯୋଜନାର ଫଳାଫଳ, ଭୟଙ୍କର ରୂପ ନେଉଛି । ଏହା ଘଟୁଛି ଯେ ଖାଉଥିବା ଲୋକଙ୍କ ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଉଥିବାବେଳେ ଚାଷଜମିର କ୍ଷେତ୍ର କ୍ରମାଗତ ଭାବେ ହ୍ରାସ ପାଉଛି । ଏକ ଆନୁମାନିକ ଆକଳନ ଅନୁଯାୟୀ, ୨୦୫୦ ସୁଦ୍ଧା ବିଶ୍ୱର ଜନସଂଖ୍ୟା ଏକ ହଜାର କୋଟିରୁ ଅଧିକ ହେବା ଅନୁମେୟ । ତାହା ହେଉଛି, ବର୍ଷର ଆକଳନ ତୁଳନାରେ, ତା'ପରେ ୨୦୫୦ ବର୍ଷରେ ସତୁରି ପ୍ରତିଶତ ଅଧିକ ଖାଦ୍ୟ ଆବଶ୍ୟକ ହେବ । ଯେତେବେଳେ କି ପ୍ରତିବର୍ଷ ସାତ ଶହ ପଚାଶ ଲକ୍ଷ ଟନ୍ ଉର୍ବର ମାଟି ପୃଥିବୀରୁ ହଜିଯାଉଛି ।

ଏସବୁ ଦୃଷ୍ଟିରୁ ବିଚାର କଲେ ଯଦି ଅର୍ଥପୂର୍ଣ୍ଣ ବିକଳ୍ପଗୁଡିକ ଶୀଘ୍ର ଆବିଷ୍କୃତ ନହୁଏ, ତେବେ ସମଗ୍ର ଜନସଂଖ୍ୟା ପାଇଁ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ ଶସ୍ୟ ଉତ୍ପାଦନ କରିବାର ଏକ ବଡ଼ ସଙ୍କଟ ଦେଖାଦେବ । ଯେତେବେଳେ ଜନସଂଖ୍ୟାର ଏକ ବଡ଼ ଅଂଶ ଅଳିଆ ଗଦାରୁ ଖାଦ୍ୟ ଖୋଜିବାକୁ ବାଧ ହୁଏ, ସେତେବେଳେ ଖାଦ୍ୟର ଏକ ଶସ୍ୟ ମଧ ନଷ୍ଟ ହେବା ସମଗ୍ର ମାନବିକତା ବିରୁଦ୍ଧରେ ଅପରାଧ ବୋଲି ମନେହୁଏ । କିନ୍ତୁ ଜାଣିଶୁଣି କିମ୍ବା ଅଜାଣତରେ ଆମେ ସମସ୍ତେ ସେହି ଅପରାଧ କରୁଛେ । ଅଧ୍ୟୟନରୁ ଜଣାପଡିଛି ଯେ ଦୁନିଆର ସବୁଠାରୁ ଅପଚୟ ଖାଦ୍ୟ ରେଷ୍ଟୁରାଣ୍ଟ କିମ୍ବା ହୋଟେଲରେ ନୁହେଁ, ବରଂ ଘରେ ତିଆରି ହୋଇଥାଏ । ଦୁନିଆରେ ନଷ୍ଟ ହୋଇଥିବା ମୋଟ ଖାଦ୍ୟର ଷାଠିଏ ପ୍ରତିଶତ ଘରୋଇ ଖାଦ୍ୟ ଅଟେ । କେବଳ ଏତିକି ନୁହେଁ, ପ୍ରତିବର୍ଷ ଛଅ ଲକ୍ଷ ଗ୍ଲାସ କ୍ଷୀର ନଷ୍ଟ ହୁଏ। ଏହା ଚିନ୍ତାର ବିଷୟ କାରଣ ଆସନ୍ତା ଚାରି ଦଶନ୍ଧି ମଧରେ ବିଶ୍ୱରେ ୪୦୦ ନିୟୁତ ଲୋକ ଅନାହାରର ସମ୍ମୁଖୀନ ହେବେ । ମିଳିତ ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନ କହିଛି ଯେ ବିଶ୍ୱରେ ଖାଦ୍ୟ ଏବଂ ଅନ୍ୟାନ୍ୟ ଖାଦ୍ୟ ଶସ୍ୟର କ୍ରମାଗତ ଅଭାବ ରହିଛି । ଗୋଟିଏ, ଜନସଂଖ୍ୟା ଚାପ ହେତୁ ଚାଷଜମି ହ୍ରାସ ପାଉଛି, କେବଳ ଚାଷ ଏବଂ ରାସାୟନିକ ସାରର ପରିବର୍ତ୍ତିତ ପଦ୍ଧତି ନୁହେଁ, ଜଳବାୟୁ ସଙ୍କଟ ମଧ କୃଷି ଜମିର ଅମଳ ଉପରେ ପ୍ରତିକୂଳ ପ୍ରଭାବ ପକାଇବା ଆରମ୍ଭ କରିଛି ।

ସେଥିପାଇଁ ବର୍ତ୍ତମାନ ବୈଜ୍ଞାନିକମାନେ ଚେତାବନୀ ଦେବା ଆରମ୍ଭ କରିଛନ୍ତି । ଯଦି ଜଳ, ଜୀବନ ଏବଂ କୃଷି ସମ୍ଭାବନା ଠିକ୍ ସମୟରେ ଏଠାରେ ଆବିଷ୍କୃତ ନହୁଏ, ତେବେ ଆଗାମୀ ସମୟ ଅନେକ ଅସୁବିଧାର ସମ୍ମୁଖୀନ ହେବ । କାରଣ ଜନସଂଖ୍ୟା ବୃଦ୍ଧି ପାଇବ । ଫଳତଃ ଅନ୍ୟମାନଙ୍କ ପାଇଁ ଖାଦ୍ୟ ଚାହିଦା ବଢିବ । ପୃଥିବୀରେ ଲୋକମାନଙ୍କ ପାଇଁ ଯଦି ଚାହିଦା ଅନୁଯାୟୀ ଖାଦ୍ୟ ଉତ୍ପାଦନ କରାଯାଏ ନାହିଁ, ତେବେ ଖାଦ୍ୟ ଅଭାବ ହେତୁ ଦ୍ୱନ୍ଦ୍ୱ ବୃଦ୍ଧି ପାଇବ ଏବଂ ଏହି ଦ୍ୱନ୍ଦ୍ୱ ସବୁ ସ୍ଥାନରେ ଜୀବନରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି ହେବା ଅସମ୍ଭବ ହୋଇ ପଡ଼ିବ ଓ ଅଶାନ୍ତି ଘଟିବ । ଏପରି ପରିସ୍ଥିତିରେ, ଖାଦ୍ୟର ପ୍ରତ୍ୟେକ ଶସ୍ୟର ମହତ୍ତ୍ୱ ବୁଝିବା ନିହାତି ଅପରିହାର୍ଯ୍ୟ ମନେହୁଏ ...!!!

ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ - ୪
ଦୂରଭାଷ: ୯୪୩୭୭୪୦୨୮୦

## ଝରଣା ପାଣି ଉପରେ ନିର୍ଭର କରୁଛନ୍ତି ସଦାନନ୍ଦପୁର ବାସିନ୍ଦା



ଉଦଳା, ୦୫/୦୭ (ନି.ପ୍ର): କପ୍ତିପଦା ବ୍ଲକର ଚକ୍ରଧରପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମର ବାସିନ୍ଦା ଝରଣା ପାଣି ଉପରେ ବର୍ଷ ସାରା ନିର୍ଭର କରୁଛନ୍ତି। ଉକ୍ତ ଗ୍ରାମର ଲୋକ ସଂଖ୍ୟା ୮୦୦ ରୁ ଅଧିକ । ଗ୍ରାମର ଲୋକେ ଝରଣା ପାଣିକୁ ପାନୀୟ ଜଳ ଭାବରେ ଗ୍ରହଣ କରୁଥିବାରୁ ଅନେକ ସମୟରେ ରୋଗଗ୍ରସ୍ତ ହେଉଥିବାର ଖବର ଆମର ହସ୍ତଗତ ହୋଇଛି । ସରକାରଙ୍କ ତରଫରୁ ଉକ୍ତ ଗ୍ରାମକୁ ନଳକୂପଟିଏ ଯୋଗାଇ ଦିଆଯାଇଛି ସତ, କିନ୍ତୁ ଦିର୍ଘ ୧୦ ବର୍ଷରୁ ଅଧିକ ହେବ ଉକ୍ତ ନଳକୂପ ଅଚଳ ହୋଇ ପଡ଼ି ରହିଛି । ଓଡ଼ିଶା ଶ୍ରମଜୀବି ମଞ୍ଚର ରାଜ୍ୟ ସ୍ତରୀୟ କର୍ମୀ ଲକ୍ଷ୍ମୀଧର ସିଂ ଆଜି ଜୁଲାଇ ୫ ତାରିଖ ମଙ୍ଗଳବାର ଦିନ ଉକ୍ତ ଗ୍ରାମକୁ ପରିଦର୍ଶନରେ ଆସି ଏହା ଦେଖି ଦୁଃଖ ପ୍ରକାଶ କରିଛନ୍ତି । କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସ୍ୱେଚ୍ଛାସେବୀ ସଂଗଠନ ଜନଜାଗୃତି ମଞ୍ଚର କର୍ମକର୍ତ୍ତା ବୃନ୍ଦ ଦାବୀ ଜଣାଇଛନ୍ତି ।

## ଦାଦନ ଶ୍ରମିକଙ୍କ ଗ୍ରାମ ବେଗୁନାପଟା

ଉଦଳା, ୦୫/୦୭ (ନି.ପ୍ର): କପ୍ତିପଦା ବ୍ଲକର ଚକ୍ରଧରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବେଗୁନାପଟା ଗ୍ରାମଟି ଦାଦନ ଶ୍ରମିକଙ୍କ ଗ୍ରାମ ଭାବରେ ପରିଚିତ । ଉକ୍ତ ଗ୍ରାମରେ ଅଧିକାଂଶ ଯୁବକ ଯୁବତୀ କାମଧନ୍ଦା ନପାଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଥାନ୍ତି । ଖାଲି ସେତିକି ନୁହେଁ ଏହି ଗ୍ରାମକୁ ଯାତାୟତ ପାଇଁ ସ୍ୱାଧିନତାର ଦିର୍ଘ ୭୫ ବର୍ଷ ପରେ ମଧ ଭଲ ରାସ୍ତାଟିଏ ନାହିଁ । ଫଳରେ ଗ୍ରାମକୁ ଆମ୍ବୁଲାନ୍ସ, ଜନନୀ ଏକ୍ସପ୍ରେସ କିମ୍ବା ଦମକଳ ଗାଡ଼ି ଦରକାର ବେଳେ ଆସିପାରେ ନାହିଁ । ସେହିପରି ପାନୀୟ ଜଳ ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ ପାଇବା ପାଇଁ ଲୋକଙ୍କୁ ବହୁ ଅସୁବିଧାର ସମ୍ମୁଖିନ ହେବାକୁ ପଡ଼େ । ଗ୍ରାମରେ କୌଣସି କାମଧନ୍ଦା ନପାଇ ଲୋକେ ବାଧ୍ୟ ହୋଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବାର ଦୃଶ୍ୟ ସମସ୍ତଙ୍କୁ ଖୁବ ଆଘାତ ଦେଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଅତି ପ୍ରବଳ ବର୍ଷା....

ଗତିକରୁଛି । ଏହାର ପ୍ରଭାବରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ପ୍ରବଳ ବର୍ଷା ଜାରି ରହିବ ବୋଲି ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ପାଣିପାଗ ବିଭାଗ ପକ୍ଷରୁ ଜାରି ସତର୍କ ସୂଚନା ଅନୁସାରେ ଆଗାମୀ ୨୪ଘଂଟା ମଧରେ ରାଜ୍ୟର ୪ଟି ଜିଲ୍ଲାରେ ଅତିପ୍ରବଳ ବର୍ଷା ଏବଂ ୧୩ଟି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ବୁଧବାର ମଧାହ୍ନ ସୁଦ୍ଧା ରାଜ୍ୟର କଳାହାଣ୍ଡି, କନ୍ଧମାଳ, ଗଂଜାମ ଓ ବୌଦ୍ଧ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେଥିପାଇଁ ଏହି ୪ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟ ମଧରେ ରାୟଗଡା, ଖୋର୍ଦ୍ଧା, ପୁରୀ, ନବରଙ୍ଗପୁର, ନୂଆପଡ଼ା, କୋରାପୁଟ, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, କେନ୍ଦୁଝର ଓ ଗଜପତି ପ୍ରଭୃତି ୧୩ଟି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୬ରୁ ୭ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡା. ଗଜପତି, କନ୍ଧମାଳ , କଳାହାଣ୍ଡି, ନୂଆପଡା, ବଲାଙ୍ଗୀର , ସୋନପୁର , ସମ୍ବଲପୁର ଓ ବରଗଡ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

### ଆଜି ପ୍ରକାଶ ପାଇବ ମାଟ୍ରିକ୍ ....

ଛାତ୍ରଛାତ୍ରୀ ରିଚେକିଂ ଓ ରିଆଡିସନ ପାଇଁ ଆବେଦନ କରିପାରିବେ । ଫଳ ପ୍ରକାଶ ପରେ ବୋର୍ଡ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର କାଉନ୍ସେଲିଂ ବ୍ୟବସ୍ଥା କରାଯାଇଛି । ଉଲ୍ଲେଖନୀୟ ଯେ କରୋନା ମହାମାରୀ ଯୋଗୁଁ ୨ବର୍ଷ ପରେ ଏଥର ଅଫଲାଇନରେ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ । ଚଳିତ ବର୍ଷ ୩, ୨୦୩ ପରୀକ୍ଷା କେନ୍ଦ୍ରରେ ମୋଟ ୫ ଲକ୍ଷ ୭୧ ହଜାର ୯୦୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ଏପ୍ରିଲ ୨୯ରୁ ମେ ୭ ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷା ଚାଲିଥିଲା । ମଧମା ଓ ଓପନ ସ୍କୁଲ ପିଲାଙ୍କୁ ମିଶାଇଲେ ମୋଟ ୫ ଲକ୍ଷ ୮୫ ହଜାର ୭୩୦ ଜଣ ପିଲା ୩୫୪୦ କେନ୍ଦ୍ରରେ ପରୀକ୍ଷା ଦେଇଥିଲେ । ଗତ ମଇ ମାସ ୨୧ ତାରିଖରେ ମାଟ୍ରିକ ଖାତା ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା ।

## ରାଜଧାନୀରୁ ପୁଣି ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର,୦୫/୦୭ (ନି.ପ୍ର): ରାଜଧାନୀରୁ ପୁଣି ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ମୃତ ଛାତ୍ରୀ ଜଣେ ଏମସିଏ ଛାତ୍ରୀ । ତାଙ୍କ ନାଁ ଆଶ୍ରିତା ସେନାପତି । ଆଚାର୍ଯ୍ୟ ବିହାର ପାଣିଟାଙ୍କି ନିକଟରେ ଥିବା ଏକ ଭଡ଼ା ଘରୁ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି । ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ମୃତଦେହ ଜବତ କରି ପୋଲିସର ଛାନ୍‌ଭିନ୍ ଆରମ୍ଭ କରିଛି । ମୃତ ଛାତ୍ରୀ ସ୍ଥାନୀୟ ଏକ ଘରୋଇ ଇଂଜିନିୟରିଂ କଲେଜରେ ପଢୁଥିଲେ । ଭଦ୍ରକ ଜିଲ୍ଲା ତିହିଡି ଅଂଚଳର ଆଶ୍ରିତା ସେନାପତି ଭୁବନେଶ୍ୱରରେ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ଗଡଇ ପଢୁଥିଲେ । ଗତ ୫ ମାସ ଧରି ଆଚର୍ଯ୍ୟ ବିହାରରେ ଏକ ଭଡା ଘରେ ରହୁଥିଲେ । ପ୍ରତିଦିନ କଲେଜ ଯାଉଥିଲେ । ଘର ମାଲିକଙ୍କ କହିବା ଅନୁସାରେ ଆଜି ସକାଳ ପ୍ରାୟ ୧୦ ଟା ସମୟରେ ଆଶ୍ରିତାଙ୍କ ବାପା ଫୋନ୍ କରିଥିଲେ । ଝିଅ କାହିଁକି ଫୋନ୍ ଉଠାଉନାହିଁ ବୋଲି କହିଥିଲେ । ଏହା ପରେ ଆଶ୍ରିତାଙ୍କ ପରିବାର ଲୋକେ ଆସିଥିଲେ । ସେମାନେ ଘରର କବାଟ ଭାଙ୍ଗି ଭିତରକୁ ପଶି ଥିଲେ । ସେତେବେଳେ ଝିଅକୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ । ଉଲ୍ଲେଖନୀୟ ଯେ କିଛି ଦିନ ପୂର୍ବେ ବିଜେବି କଲେଜ ହଷ୍ଟେଲରୁ କଟକ କଖଡିର ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ରୁଚିକା ମହାନ୍ତିଙ୍କ ମୃତଦେହ ଉଦ୍ଧାର ହୋଇଥିଲା ।

## ନହଞ୍ଜରା ଗ୍ରାମବାସୀଙ୍କ ପୌରକାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ୨ୟ ଦିନରେ

ଜଳେଶ୍ୱର, ୦୫/୭(ନି.ପ୍ର): ଜଳେଶ୍ୱର ପୌର ପାଳିକାର ୧୫ନଂ ୱାର୍ଡ ନହଞ୍ଜରାରେ ଜାଗା ମିଶନ ଯୋଜନାରେ ପୁନଃ ବସତି ସ୍ଥାପନ ଲାଗି ସରକାର ସ୍ଥିର କରିଥିବା ବେଳେ ଶାନ୍ତିପୂର୍ଣ୍ଣ ଉପାୟରେ ନହଞ୍ଜରା ଗ୍ରାମବାସୀ ବିରୋଧ କରି ଆସୁଛନ୍ତି । ଗତ ସୋମବାର ଗ୍ରାମବାସୀଙ୍କ ପକ୍ଷରୁ କେତେକ ପୌର କାର୍ଯ୍ୟାଳୟ ସମ୍ମୁଖରେ ଅହରାତ୍ର ଗଣଧାରଣାରେ ବସିଥିବା ବେଳେ ଆଜି ୨ୟ ଦିବସରେ ମଧ୍ୟ ଆନ୍ଦୋଳନ ଚାଲୁ ରହିଛି । ସୁସ୍ଥ ପରମ୍ପରାରେ ଗଣଧାରଣାକୁ ଆଗେଇ ନେବାଲାଗି ଆଜି ଗ୍ରାମବାସୀଙ୍କ ପକ୍ଷରୁ ୧୭ଜଣ ୱାର୍ଡ କାଉନ୍‌ସିଲର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅଧ୍ୟକ୍ଷଙ୍କୁ ଲିଖିତଭାବେ ଏ ସମ୍ପର୍କରେ ଜଣାଇଛନ୍ତି । ମାତ୍ର ଘଟଣାର ୨ ଦିନ ବିତିଯାଇଥିଲେ ମଧ୍ୟ କୌଣସି ପ୍ରଶାସନୀକ ଅଧିକାରୀ ସେମାନଙ୍କ ସହିତ ଆଲୋଚନା କରିବାକୁ ଆସିନଥିବା କହିଛନ୍ତି । ଗ୍ରାମ୍ୟମୁଖ୍ୟ ଦିଲ୍ଲିପ ପରିଡା, ସଂପାଦକ ସୁଧିର କୁମାର ଦାସ, ବିରଞ୍ଚି ଭୂୟାଁ, ଗୋପାଳ ଚାନ୍ଦ ପ୍ରମୁଖଙ୍କ ନେତୃତ୍ୱରେ ଗଣଧାରଣା ଚାଲୁ ରହିଥିବା ଜଣାଯାଇଛି ।

## ରାଇରଙ୍ଗପୁର ଠାରେ ୭୩ ତମ ବନ ମହୋତ୍ସବ ପାଳିତ




ବାରିପଦା, ୦୫/୦୭ (ନି.ପ୍ର): ମୟୂରଭଂଜ ଜିଲ୍ଲାର ରାଇରଙ୍ଗପୁର ପୌରାଂଚଳର ମହୁଲଡିହାସ୍ଥ ଅନୁସୂଚିତ ଜାତି ଓ ଜନଜାତି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବନମହୋତ୍ସବ ବନ ବିଭାଗ, ଶିକ୍ଷୟତ୍ରୀ, ଛାତ୍ରୀମାନଙ୍କ ଦ୍ୱାରା ପାଳିତ ହୋଇଯାଇଛି । ଏହି ଅବସର ରେ ସ୍ଥାନୀୟ ଏସଏସବି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମାଳୟା ସୋରେନ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁର ବନଖଣ୍ଡ ଅଧିକାରୀ ନଳିନୀକାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ମୟୂରଭଂଜ ସିଆଇଅଫ ଏସଏସଡି ଚନ୍ଦ୍ରଭାନୁ ମହାପାତ୍ର, ଶିମିଳିପାଳ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାଧାରକ ପ୍ରଦୀପ୍ତ କବି, କଥାଶିଳ୍ପୀ ଲଳିତ ମହାନ୍ତ, ଇକୋ କ୍ଲବ ଇନଚାର୍ଜ ଶିକ୍ଷୟତ୍ରୀ ସରସ୍ୱତୀ ମହଲା, ବନାଂଚଳ ଅଧିକାରୀ ଅନ୍ତର୍ଯ୍ୟାମୀ ମହାକୁଡ଼, ବିଦ୍ୟାଳୟର ଶିକ୍ଷୟତ୍ରୀ, କର୍ମଚାରୀ, ଛାତ୍ରୀ ମାନେ ସାମିଲ ହୋଇଥିଲେ । ପ୍ରାରମ୍ଭରେ ଛାତ୍ରୀମାନେ ବିଦ୍ୟାଳୟ ପରିସରରେ ପ୍ଲାକାର୍ଡ ଧରି ବୃକ୍ଷ ରୋପଣ ଓ ସୁରକ୍ଷା ନେଇ ଏକ ସଚେତନତା ଶୋଭାଯାତ୍ରା କରିଥିଲେ । ପରେ ବିଦ୍ୟାଳୟ ପରିସରରେ ବଉଳ, ଆମ୍ବ, ବେଲ, ପଣସ, ଦେବଦାରୁ, କୃଷ୍ଣଚୂଡ଼ା, ପିଜୁଳି ଶାଗୁଆନ ଇତ୍ୟାଦି ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରାଯାଇଥିଲା । ପରେ ଏକ ବୃକ୍ଷ ରୋପଣ ଓ ସୁରକ୍ଷା ଶୀର୍ଷକ ଆଲୋଚନାରେ ଅତିଥିଗଣ, ବୃକ୍ଷ ରୋପଣ ଏବଂ ପରିବେଶ ସୁରକ୍ଷା ଉପରେ ଛାତ୍ରୀମାନଙ୍କୁ ସଚେତନ କରିଥିଲେ । ଏହି ଅବସର ରେ ଜୀବଜଗତର ରକ୍ଷା ପାଇଁ ସମସ୍ତେ ନିଜର ଜନ୍ମ ଦିନରେ ଏବଂ ପର୍ବ ପର୍ବାଣୀ ରେ ଗୋଟିଏ ଗଛ ଲଗାଇବାକୁ ଶପଥ ନେଇଥିଲେ ।

## ହେରା ପଂଚମୀରେ ଲକ୍ଷ୍ମୀ ଭାଙ୍ଗିଲେ ନନ୍ଦିଘୋଷ ରଥ

### ଏପଟେ ଜନ୍ମବେଦୀରେ ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେଲେ ମହାବାହୁ

ନୀଳଗିରି, ୦୫/୦୭ (ନି.ପ୍ର): ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଅବତାର ୨ୟ ଦିନରେ ଅଭିମାନିନୀ ମା' ଲକ୍ଷ୍ମୀ ଆଜି ବିମାନରେ ନିଜ ବଡ଼ ଦେଉଳରୁ ବାହାରି ଗୁଣ୍ଡିଚା ମନ୍ଦିର ନିକଟରେ ଛିଡ଼ା ହୋଇଥିବା ନନ୍ଦିଘୋଷ ରଥକୁ ଭାଙ୍ଗିଛନ୍ତି । ପୁରାଣ କଥା ଅନୁଯାୟୀ ରଥଯାତ୍ରା ସମୟରେ ବଳଭଦ୍ର, ଜଗନ୍ନାଥ ଓ ଭଉଣୀ ସୁଭଦ୍ରାଙ୍କୁ ନେଇ ରଥ ଉପରେ ଭକ୍ତଙ୍କୁ ଦର୍ଶନ ଦେଉଥିବା ବେଳେ ମହାପ୍ରଭୁ ନିଜର ଅର୍ଦ୍ଧାଙ୍ଗୀନ ଲକ୍ଷ୍ମୀଙ୍କୁ ନେଇ ନ ଥିବାରୁ ଲକ୍ଷ୍ମୀ ଅଭିମାନ କରି ଶେଷରେ ନନ୍ଦିଘୋଷର ରଥକୁ ଭାଙ୍ଗି ଦେଇଥିଲେ । ସେଥିପାଇଁ ଏହାକୁ ହେରାପଂଚମୀ କୁହାଯାଏ, ଅନ୍ୟପଟେ ଜନ୍ମବେଦୀରେ ମହାପ୍ରଭୁ ଲକ୍ଷ୍ମୀନାରାୟଣ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି । ହଜାର ହଜାର ଭକ୍ତଙ୍କ ସମାଗମ ଲାଗିଥିବା ବେଳେ ପୋଲିସ ପକ୍ଷରୁ ଲମ୍ବା ଲାଇନ କରାଯାଇଅଛି ।

## କନ୍‌ଭେଣ୍ଟ ସ୍କୁଲ ସମ୍ମୁଖରେ ସବୁଦିନ ରାସ୍ତା ଜାମ୍ : ଜାନ ଚଳାଚଳ ସଂପୂର୍ଣ୍ଣ ବ୍ୟାହତ

ଜଳେଶ୍ୱର, ୦୫/୭(ନି.ପ୍ର) : ଜଳେଶ୍ୱର ସହର ମଧ୍ୟଦେଇ ଯାଇଥିବା ଓଟିରୋଡ (ଜଗନ୍ନାଥ ସଡକ)ର କନ୍‌ଭେଣ୍ଟ ସ୍କୁଲ ସମ୍ମୁଖରେ ପ୍ରତିଦିନ ଦିନ ୧୧ଟାରୁ ୧ଟା ଯାଏ ପ୍ରବଳ ଭିଡ ପରିଲକ୍ଷିତ ହେଉଛି । କନ୍‌ଭେଣ୍ଟ ସ୍କୁଲ ଛୁଟି ହେଲେ ପଥାଚାରୀର ଦୁଃଖ ବଢିଯାଏ । ଏପରି ଭିଡ ଲାଗି ରହେ ଯେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଯାତାୟାତ ଅସମ୍ଭବ ହୋଇ ପଡେ । ଅପେକ୍ଷାରତ ଅଭିଭାବକ ଓ ସ୍କୁଲ ଗାଡି ଗୁଡିକ ରାସ୍ତା ଉପରେ ଛିଡା ହେବା ଛଡା ଅନ୍ୟ ପନ୍ଥା ନ ଥାଏ । ନିକଟରେ ବ୍ଲକ କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ପୂର୍ଣ୍ଣା ଶିକ୍ଷାକେନ୍ଦ୍ର, ଜେଲକୁ ରାସ୍ତା, ଏଲଆଇସି କାର୍ଯ୍ୟାଳୟ, ଶାନ୍ତିଆ ଓ ବ୍ଲକ କଲୋନୀକୁ ରାସ୍ତା ଯୋଗୁଁ ସ୍ଥାନଟି ଭିଡ ଦ୍ୱିଗୁଣିତ ହୁଏ । ଦୀର୍ଘ ୨ ଘଣ୍ଟା ଧରି ଯାତାୟାତ ଏକପ୍ରକାର ଠକ୍ ହୋଇଯାଏ । ପ୍ରକାଶଯୋଗ୍ୟ ଜଳେଶଜ୍ୱର ସହରରୁ ଦାନ୍ତୁନ ଯାତାୟାତ ଲାଗି ଏହାହିଁ ମୁଖ୍ୟ ରାସ୍ତା । ତେଣୁ କନ୍‌ଭେଣ୍ଟ ସ୍କୁଲର ବିଦ୍ୟାଳୟ କାର୍ଯ୍ୟ ଆରମ୍ଭ ଓ ଛୁଟିବେଳେ କନ୍‌ଭେଣ୍ଟ ବିଦ୍ୟାଳୟର ୨ଜଣ କର୍ମଚାରୀ ଏବଂ ସେମାନଙ୍କ ସହିତ ପୁଲିସ୍ ସହଭାଗିତାରେ ଏପରି ଭିଡକୁ ନିୟନ୍ତ୍ରଣ କରିବାକୁ ଦାବି ହୋଇଛି ।

## ୧୫ ଦିନ ମଧ୍ୟରେ ମେଡ଼ିକାଲ କଲେଜ ସ୍ଥାପନ ପାଇଁ ଘୋଷଣା କର : କଂଗ୍ରେସ



ଭଦ୍ରକ,୦୫/୦୭ (ନି.ପ୍ର): ଗତକାଲି ବିଧାନସଭାରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ଭଦ୍ରକରେ ମେଡିକାଲ କଲେଜ ହେବ ନାହିଁ ବୋଲି ସ୍ପଷ୍ଟ କହିଛନ୍ତି । ଆଜି ସଂଧାରେ ଜିଲ୍ଲା କଂଗେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ବୈଠକରେ ଏହି ମନ୍ତବ୍ୟକୁ ତୀବ୍ର ବିରୋଧ କରାଯାଇଛି । ଉକ୍ତ ବୈଠକରେ ଭଦ୍ରକ ବିଧାନସଭାସ୍ତରୀୟ ନେତା ନଳିନୀ ମହାନ୍ତି, ବରିଷ୍ଠ ନେତା ଅଶ୍ରଫ ଅଲ୍ଲୀ ଖାନ, ପୁଟ୍‌ପେରାଜ ଲାହା, ତନଭିର ଖାନ, ରଂଜନ ଯେନା, ବିଜୟ କୁମାର ବାରିକ, ସେକ ସରୋ, ମତଲୁବ ଅଲ୍ଲୀ ଖାଁ, ଲାଲୁ ଖାଁ, ରାଜୁ ରାଏ, ତିହେର ମହମ୍ମଦ ଖାଁ, ଯୁବ କଂଗ୍ରେସର ନେତା ହେମନ୍ତ ମହାପାତ୍ର, ଛାତ୍ର କଂଗ୍ରେସ ନେତା ସେକ୍ ସାହିଲ କାଦ୍ରୀ, ସେକ୍ ଜଫିରୁଦ୍ଦିନ ଖାଁ, ସେକ ସୁଲେମାନ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଭଦ୍ରକ ଜିଲ୍ଲା ପ୍ରତି ଏପରି ବୈମାତଅକ ମନୋଭାବକୁ ତୀବ୍ର ବିରୋଧ କରିଥିଲେ । ଜିଲ୍ଲାରେ ୪ଜଣ ଶାସକ ଦଳ ବିଧାୟକ ଓ ସାଂସଦ ଥାଉଥାଉ ସେମାନେ ଉକ୍ତ ଯୁକ୍ତିଯୁକ୍ତ ପ୍ରସଙ୍ଗ ଉପରେ ସରକାରଙ୍କ୍ ଉପରେ ଚାପ ପକାଇବାରେ ବ୍ୟର୍ଥ ହୋଇଛନ୍ତି । ସେହିପରି ଏକମାତ୍ର ବିରୋଧୀ ବିଜେପି ବିଧାୟକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ମଧ ଉକ୍ତ ପ୍ରସଙ୍ଗରେ ନୀରବ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ମହାନ୍ତି କହିଛନ୍ତି । ବାସ୍ତବରେ ଜିଲ୍ଲାବାସୀଙ୍କ ସ୍ୱାର୍ଥ ପ୍ରତି ଏସମସ୍ତ ନିର୍ବାଚିତ ଜନ ପ୍ରତିନିଧିମାନେ କେତେ ସଚେତନ ତାହା ଏଥିରୁ ଜଣାପଡୁଛି । ଜିଲ୍ଲାବାସୀଙ୍କ ପାଇଁ ସେମାନଙ୍କର ଆନ୍ତରିକତା ନାହିଁ ନା ନବୀନ ବାବୁଙ୍କୁ ଡରି ସେମାନେ ନିରବ ରହୁଛନ୍ତି ତାହା ସେମାନେ ସ୍ପଷ୍ଟ କରିବା ଦରକାର । ଆଗାମୀ ୧୫ ଦିନ ମଧରେ ଭଦ୍ରକରେ ଏକ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଘୋଷଣା କରାନଗଲେ, କଂଗ୍ରେସ ଜିଲ୍ଲାତମାମ୍ ବ୍ୟାପକ ଆନ୍ଦୋଳନ କରିବ ବୋଲି ଶ୍ରୀ ମହାନ୍ତି ଚେତାବନୀ ଦେଇଛନ୍ତି ।

## ବର୍ଷା ଅଭାବରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ : ଚିନ୍ତାରେ ଚାଷୀ

ଲଙ୍ଗଳେଶ୍ୱର, ୦୫/୦୭ (ନି.ପ୍ର): ଆଷାଢ଼ ମାସର କୋଡ଼ିଏ ଦିନ ବିତି ଯାଇଥିଲେ ହେଁ ବର୍ଷା ଅଭାବରୁ ଲଙ୍ଗଳେଶ୍ୱର ବାଲିଆପାଳ ଅଞ୍ଚଳରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି ।ନିଅଣ୍ଟିଆ ବର୍ଷା ଯୋଗୁଁ ଏଯାଏଁ ତଳି ପକା କାର୍ଯ୍ୟ ମଧ ହୋଇନାହିଁ ।ବିଶେଷ କରି ରଥ ପରେ ଚାଷୀମାନେ ରୁଆ ବେଉଷଣ ଆରମ୍ଭ କରନ୍ତି । କିନ୍ତୁ ଏଯାଏଁ ତଳି ପଡି ନ ପାରିବା ଯୋଗୁଁ ଚିନ୍ତାରେ ଚାଷୀ ମୁଣ୍ଡରେ ହାତଦେଇ ବସିଛି । ଏ ଅଞ୍ଚଳର ଲୋକଙ୍କ ମୁଖ୍ୟ ଜୀବିକା ଚାଷ । କିନ୍ତୁ ଆଷାଢ଼ ମାସର ବିଲ ଶୁଖିଯାଇ ଫାଟି ଆଁ ଦିଶୁଛି । ବିଶେଷ କରି ବାଲିଆପାଳ ବ୍ଲକରେ ଦଶ ଭାଗ ଜମି ଜଳ ସେଚିତ । ଦକ୍ଷିଣ ବାଲିଆପାଳ ବା ଓଡିଶା କୋଷ୍ଟ କେନାଲ ଦକ୍ଷିଣକୁ ନବାର୍ଡ ର ସର୍ଭେ ଅନୁଯାୟୀ ଲୁଣି ଅଞ୍ଚଳ ଘୋଷଣା ହୋଇଥିବାରୁ ସରକାର ଏ ଅଞ୍ଚଳରେ ଉଠା ଜଳସେଚନ ପ୍ରକଳ୍ପ କରିନାହାନ୍ତି । ଏଇ ମିଛ ରିପୋର୍ଟକୁ ପ୍ରତ୍ୟାହାର ପାଇଁ ଦାବି କରାଯାଇଥିଲେ ମଧ ଏଯାଏଁ କିଛି ସୁଫଳ ମିଳୁନି ।ତେଣୁ ଏଠାକାର ଚାଷୀ ସମ୍ପୂର୍ଣ ବର୍ଷା ପାଣି ଉପରେ ନିର୍ଭର କରିଥାନ୍ତି । ତେବେ ରୁଅରୁଇ ସମୟରେ ମଧ ତଳି ନ ପଡିବା ଚାଷ ପାଇଁ ବିପଦ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି । ଚାଷ ଜମିରେ ଏବେ ଗୋରୁ ଗାଈ ଚାରୁଥିବାର ଦେଖାଯାଇଛି । ଖୁବଶୀଘ୍ର ବର୍ଷା ନ ହେଲେ ମରୁଡି ହେବା ନିଶ୍ଚିତ ବୋଲି ଚାଷୀମାନେ କହିଛନ୍ତି ।

## ରଥ ଉତ୍ସବ ପଞ୍ଚମ ଦିନରେ ଗୁଣ୍ଡିଚା ମନ୍ଦିର ମେଳାପଡ଼ିଆରେ ଭାଗବତ କଥା ରାସଲୀଳା : ଶ୍ରଦ୍ଧାଳୁଙ୍କ ଭିଡ଼

ବାଲେଶ୍ୱର, ୦୫/୦୭ (ନି.ପ୍ର): ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳ ସ୍ଥିତ ଇମାମୀ ନଗର ଶ୍ରୀଗୁଣ୍ଡିଚା ମନ୍ଦିର ମେଳାପଡ଼ିଆରେ ପ୍ରତିବର୍ଷ ଭଳି ରଥ ଉତ୍ସବର ପଞ୍ଚମ ଦିନରେ ବିଭିନ୍ନ ପ୍ରାନ୍ତରରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ସାଙ୍ଗକୁ ଭାଗବତ କଥା, ଦାଣ୍ଡିଆନୃତ୍ୟ, ପ୍ରତିଷ୍ଠିତ କଳାକାରଙ୍କ ଦ୍ୱାରା ହରିନାମ ସଂକୀର୍ତ୍ତନ ପ୍ରତିଯୋଗିତା ଏବଂ ଶ୍ରୀକୃଷ୍ଣ ଚରିତ ରାସଲୀଳା ଅନୁଷ୍ଠିତ ହୋଇଯାଇଛି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମୁତାବକ ଇମାମୀ ନଗରସ୍ଥ ଗୁଣ୍ଡିଚା ମନ୍ଦିରରେ ଶ୍ରୀକ୍ଷେତ୍ର ରୀତିନୀତି ମୁତାବକ ଆଜି ପଞ୍ଚମଦିନରେ ମହାପ୍ରଭୁଙ୍କର ସମସ୍ତ ପୂଜାର୍ଚ୍ଚନା ସମାପନ ସାଙ୍ଗକୁ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ବେଶ ଭିଡ଼ ଲାଗିଥିବା ଜଣାପଡ଼ିଅଛି । ଅପରାହ୍ନରେ ନାମ ସଂକୀର୍ତ୍ତନ ସାଙ୍ଗକୁ ବୃନ୍ଦାବନରୁ ଆସିଥିବା ଧ୍ରୁବ୍‌ଜୀ ଏବଂ ସ୍ୱର୍ଣ୍ଣଶ୍ରୀଜୀଙ୍କ ଦ୍ୱାରା ଆଧ୍ୟାତ୍ମିକ ଭାଗବତ କଥା ପ୍ରବଚନରେ ଗଜେନ୍ଦ୍ର ଉଦ୍ଧାର, ବାମନ ଅବତାର, ରାମ ଅବତାର ଓ ଶ୍ରୀକୃଷ୍ଣ ଅବତାର ବିଷୟରେ ଆଲୋଚନା କରାଯାଇଥିଲା । ଅନୁରୂପ ଭାବେ ଶ୍ରୀକୃଷ୍ଣ ଚରିତ୍ରଯୁକ୍ତ ରାସଲୀଳା, ଇମାମୀ ଲେଡିଜ୍ କ୍ଲବ୍ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ଦାଣ୍ଡିଆନୃତ୍ୟ, ରଙ୍ଗୋଲି ଭଳି ଭାବମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଇମାମୀ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ସାଙ୍ଗକୁ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସାଦ ସେବନର ସୁବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି । ଉପରୋକ୍ତ କାର୍ଯ୍ୟକ୍ରମରେ ଜଗନ୍ନାଥ ମନ୍ଦିରର ମୁଖ୍ୟ ପୃଷ୍ଠପୋଷକ ଶ୍ରୀ ସୁଶିଲ୍ କୁମାର ଗୋୟେଙ୍କା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରଚାଳନା କରିଥିବାବେଳେ ସ୍ଥାନୀୟ କାଗଜକଳର ସଭାପତି ଆଶିଷ୍ ଏ.ଗୁପ୍ତା, ଏ.ଭି.ପି. ରାଜେଶ୍ କୁମାର ମିତ୍ତଲ୍, ଜେନେରାଲ ମ୍ୟାନେଜର ଡ. ୟେସୁଫ୍ ଅଲୀ ସୋଲାଙ୍କି, ଡି.ଜି.ଏମ୍. ଦେବବ୍ରତ ହୋତା, ଏ.ଜି.ଏମ୍. ତଥା ଲୋକସଂପର୍କ ଅଧିକାର ମନୋଜ କୁମାର ପାଢ଼ୀ, ମନ୍ଦିର ପ୍ରଶାସନିକ ଅଧିକାରୀ ନିଖିଲ ରଂଜନ ଦାସ ସାମନ୍ତରାୟ, ମନ୍ଦିରର ମୁଖ୍ୟପୂଜକ ଶ୍ରୀ ପ୍ରଦୀପ୍ତ କୁମାର ମିଶ୍ର ଓ ବହୁ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟପରିଚାଳନାରେ ସହଯୋଗ କରୁଥିବା ଜଣାପଡ଼ିଛି । ପ୍ରତିଦିନ ଭଳି ଆଗନ୍ତୁକ ହଜାର ହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦସେବନ, ପାନୀୟଜଳ ଓ ସୁରକ୍ଷା ବ୍ୟବସ୍ଥା ମନ୍ଦିର ପ୍ରଶାସନ ପକ୍ଷରୁ ଗ୍ରହଣ କରାଯାଇଥିବାବେଳେ ଇମାନୀ ନଗର ଗୁଣ୍ଡିଚା ମନ୍ଦିର ପରିସର ବେଶ୍ ଜଗନ୍ନାଥ ମହାପ୍ରଭୁଙ୍କର ଭାବ ଆବେଗରେ ପରିପୂର୍ଣ୍ଣ ହୋଇଛି । ସେହିପରି ଆଜି ସନ୍ଧ୍ୟାରେ ହେରାପଞ୍ଚମୀ ଉତ୍ସବରେ ଜଗଜ୍ଜନନୀ ମା' ଲକ୍ଷ୍ମୀ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରର ରତ୍ନସିଂହାସନରୁ ଗୋପନରେ ଯାଇ ରଥ ଚକ ଭାଙ୍ଗିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶ୍ରୀଜଗନ୍ନାଥ ସଂସ୍କୃତିର ଏହି ମାନବୀୟ ଲୀଳା ଦେଖିବାକୁ ଭକ୍ତମାନଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ଦେଖିବାକୁ ମିଳିଥିଲା ।

## ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ରସାୟନ ବିଜ୍ଞାନର ବିଦାୟକାଳୀନ ସମ୍ବର୍ଦ୍ଧନା



ବାରିପଦା, ୦୫/୦୭ (ନି.ପ୍ର): ବାରିପଦା ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ରସାୟନ ବିଜ୍ଞାନ ବିଭାଗର ଶେଷ ବର୍ଷର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ବିଦାୟକାଳୀନ ସମ୍ବର୍ଦ୍ଧନା ବିଭାଗୀୟ ମୁଖ୍ୟ ପୂର୍ଣ୍ଣିମା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ଅଧାପିକା ଦୀପ୍ତିଶ୍ରୀ ବେହେରା ପ୍ରାରମ୍ଭରେ କାର୍ଯ୍ୟକ୍ରମର ଗୁରୁତ୍ୱ ଉପରେ ସୂଚନା ଦେବା ସହିତ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଓ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ବିଭାଗୀୟ ଛାତ୍ରଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ । ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ପି.ଜି. ପ୍ରବେଶିକା ପରୀକ୍ଷା ନିମନ୍ତେ ପ୍ରସ୍ତୁତ ରଖିବା ପାଇଁ ପରାମର୍ଶ ଦେଇଥିଲେ । ତାହା ସହିତ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ମୟୂରଭଞ୍ଜ ସାଇନ୍ସ ହାୟାର ସେକେଣ୍ଡାରୀ ସ୍କୁଲର ଅଧକ୍ଷା ସଂଘମିତ୍ରା ରାଉତ ମୁଖ୍ୟବକ୍ତା ରୂପେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ କରିବା ନିମନ୍ତେ ପରାମର୍ଶ ଦେଇଥିଲେ ଏବଂ ଦ୍ୱିତୀୟ ବର୍ଷର ଛାତ୍ରୀ ମନିଷା ମହାନ୍ତ ଏବଂ ଦ୍ୱିତୀୟ ବର୍ଷର ଛାତ୍ର ରୁଦ୍ର ମହାନ୍ତ, ଜଗବନ୍ଧୁ ମହାନ୍ତ, ସୌମ୍ୟରଂଜନ ବାରିକ ସଭା ପରିଚାଳନା କରିଥିଲେ । ଅଧାପିକା ସାଗରୀକା ପଣ୍ଡା, ଦେବଶ୍ରିତା ବିଶ୍ୱାଳ, ଅଭିପ୍ସା ନାୟକ, ମଦନ ମୋହନ ସାହୁ, ସବିତାରାଣୀ ଦାସ, ସସ୍ମିତା ସିଂ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ପ୍ରଥମ ବର୍ଷ ଏବଂ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀମାନେ ପୁଷ୍ପଗୁଚ୍ଛ ଓ ଉପହାର ଦେଇ ତୃତୀୟ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ସମ୍ମାନିତ କରିଥିଲେ । ମନିଷା ମହାନ୍ତ, ରୁଦ୍ର ମହାନ୍ତ, ଜଗବନ୍ଧୁ ମହାନ୍ତ, ବିକ୍ରମ ସିଂ, ସୌମ୍ୟରଂଜନ ବେହେରା, ଭବାନୀ ଶଙ୍କର ମହାନ୍ତ, ବିଶ୍ୱାସ ଦାସ, ପ୍ରିୟାଂଶୁ ଦାସ, କୁମାର ରଞ୍ଜନ ଦାସ, ହିମାଙ୍ଗିନୀ ମହାନ୍ତ, ଆରତୀ ନାଏକ, ସସ୍ମିତା ମହାକୁଡ ବିଦାୟକାଳିନ ସଭା ଆୟୋଜନରେ ସାହାଯ୍ୟ କରିଥିଲେ ।

ବାଲେଶ୍ୱର, ବୁଧବାର, ୦୬ ଜୁଲାଇ, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ନୂତନ ଶ୍ରମକୋର୍ଡକୁ ଦୃଢ ବିରୋଧ କରିବ : ସିଆଇଟିୟୁ

ଭୁବନେଶ୍ୱର, ୦୫/୦୭ (ନି.ପ୍ର): ନୂତନ ଶ୍ରମ କୋର୍ଡ କାର୍ଯ୍ୟକାରୀ ହେଲେ ସିଆଇଟିୟୁ ଦୃଢ ବିରୋଧ କରିବା ସହିତ ବ୍ୟାପକ ଆନ୍ଦୋଳନ କରିବାକୁ ଘୋଷଣା କରିଛି। ନୂତନ ଶ୍ରମ କୋର୍ଡ କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାର ୨୯ଟି ଶ୍ରମ ଆଇନର ବିଲୋପ କରି ମଜୁରୀ, ସାମାଜିକ ସୁରକ୍ଷା,ଶିଳ୍ପ ସମ୍ପର୍କ ଓ ବୃତିଗତ ସ୍ୱାସ୍ଥ୍ୟ ସୁରକ୍ଷା ଭଳି ୪ଟି କୋର୍ଡ ପ୍ରବର୍ତନ କରିଛନ୍ତି। ମଜୁରି କୋର୍ଡ କାର୍ଯ୍ୟକାରୀ ହେଲେ ଶ୍ରମିକ କର୍ମଚାରୀ ମାନେ ପୂର୍ବରୁ ପାଉଥିବା ବେତନ ତୁଳନାରେ କମ୍ ପାଇବେ। ଅବସର ନେଲେ ଅଧିକ ପିଏଫ୍ ଓ ଗ୍ରାଚ୍ୟୁଇଟ୍ ପାଇବାର ସ୍ୱପ୍ନ ନୂତନ ମଜୁରି କୋର୍ଡରେ ସରକାର ଦେଖାଉଛନ୍ତି। ଭବିଷ୍ୟନିଧି ପାଣ୍ଠିର ଗଚ୍ଛିତ ଅର୍ଥ ସରକାର ସେୟାର ବଜାରରେ ବିନିଯୋଗ କରିବେ। ଦେଶର ଅର୍ଥନୀତି ଯେଉଁଭଳି ସଂକଟଗ୍ରସ୍ତ ଗଚ୍ଛିତ ଅର୍ଥ ଫେରି ପାଇବାର କୌଣସି ଭରଷା ନାହିଁ। କାର୍ଯ୍ୟ ଦିବସ ୮ ଘଂଟାରୁ ୧୨ ଘଂଟା ପ୍ରଚଳନ, ୟୁନିୟନ ଗଠନ କରିବା, ଶ୍ରମିକର ସୁବିଧା ସୁଯୋଗ ପାଇଁ ଦାବିଦୃବା ସହ ସାମୁହୀକ ମୂଲଚାଲ, କାରଖାନା ବା ଉଦ୍ୟୋଗ ବନ୍ଦ ପାଇଁ ଅନୁମତି ନେବାକୁ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ଆଦି ଆନେକ ଶ୍ରମିକ ବିରୋଧୀ ପ୍ରାବଧାନମାନ ଏହି କୋର୍ଡରେ ରହିଛି। କେନ୍ଦ୍ର ସରକାରଙ୍କ ଶ୍ରମ ଆଇନର ଏଭଳି ପରିବର୍ତନ ମାଲିକ ମାନଙ୍କ ସ୍ୱାର୍ଥରକ୍ଷା ପାଇଁ ସେମାନେ କିପରି ସହଜରେ ବ୍ୟବସାୟ କରିବେ ଏଥିପାଇଁ ଉର୍ଦ୍ଦିଷ୍ଟ। କେନ୍ଦ୍ର ସରକାର ଏହି କୋର୍ଡକୁ ଯେଉଁଦିନ କାର୍ଯ୍ୟକାରୀ କରିବାକୁ ବିଜ୍ଞପ୍ତି ପ୍ରକାଶ କରିବେ ଏହାକୁ ଦୃଢ ବିରୋଧ କରାଯିବାକୁ ସିଆଇଟିୟୁ ରାଜ୍ୟ କମିଟି ଘୋଷଣା କରିଛି। ରାଜ୍ୟର ବିଭିନ୍ନ ଶିଳ୍ପରେ ଓ ଜିଲ୍ଲାରେ ତତ୍କାଳ ଏହା ବିରୋଧରେ ପ୍ରତିବାଦ ବିକ୍ଷୋଭ ପାଇଁ ସିଆଇଟିୟୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି, ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି ଆହ୍ୱାନ ଦେଇଛନ୍ତି।

## ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳିସଭା : ରାଇମୋହନଙ୍କ କଳା ପ୍ରତିଭାର ପଟାନ୍ତର ନାହିଁ




ଭୁବନେଶ୍ୱର,୦୫/୦୭ (ନି.ପ୍ର): ପ୍ରଖ୍ୟାତ ଚଳଚ୍ଚିତ୍ର ଓ ଯାତ୍ରା ଅଭିନେତା ରାଇମୋହନ ପରିଡ଼ାଙ୍କ ଅକାଳ ବିୟୋଗରେ ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ଆୟୋଜିତ ରାଜ୍ୟସ୍ତରୀୟ ସ୍ମୃତିସଭାରେ ରାଜ୍ୟର ବହୁ ବିଶିଷ୍ଟ କଳାକାର, ରାଜନେତା ଓ ବିଶିଷ୍ଟ ବ୍ୟକ୍ତି ତାଙ୍କର ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ଓଡ଼ିଆ ଚଳଚ୍ଚିତ୍ରରେ ତାଙ୍କର ନିଖୁଣ ତଥା ବଳିଷ୍ଠ ଅଭିନୟ ସବୁଦିନ ପାଇଁ ତାଙ୍କୁ ଅମର କରି ରଖିବ ବୋଲି ବକ୍ତାମାନେ ମତ ପ୍ରକାଶ କରିଛନ୍ତି । ଜଣେ ଦରଦୀ, ବନ୍ଧୁବତ୍ସଳ ଓ ଅମାୟିକ କଳାକାର ଭାବରେ ରାଇମୋହନ ସମସ୍ତଙ୍କ ହୃଦୟ ଜିଣିପାରିଥିଲେ ଏବଂ ତାଙ୍କର ଦୁଃଖଦ ବିୟୋଗ ଓଡ଼ିଆ ସଂସ୍କୃତି କ୍ଷେତ୍ରରେ ଅପୂରଣୀୟ ଶୂନ୍ୟତା ସୃଷ୍ଟି କରିଛି ବୋଲି ସେମାନେ ଉଲ୍ଲେଖ କରିଥିଲେ । ରାଇମୋହନଙ୍କ ଦ୍ୱାଦଶାହ ଅବସରରେ ଓଡ଼ିଶା ସିନେକ୍ରିଟିକ୍ ଆସୋସିଏସନ୍ ଏବଂ ପ୍ରଯୋଜକ ଓ କଳାକାର ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାକୁ ପ୍ରଯୋଜକ ଲୁଟୁ ମହାନ୍ତି ସଂଯୋଜନା କରିଥିଲେ । ଏଥିରେ ସାଂସଦ ତଥା ଅଭିନେତା ମୁନ୍ନା ଖାଁ, କଟକ ମହାନଗର ନିଗମର ମେୟର ସୁବାସ ସିଂହ, ସିନେକ୍ରିଟିକ୍‌ର ସଭାପତି ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ଦିଲ୍ଲିପ ହାଲି, ପ୍ରଯୋଜକ ଜ୍ଞାନରଞ୍ଜନ ପ୍ରିୟଦର୍ଶନ, ଅତିଶ ରାଉତ, ଶ୍ରୀଧର ମାର୍ଥା, ଲୋକନାଥ ଦାଶ, ଅଭିନେତା ପ୍ରେମାଞ୍ଜନ ପରିଡ଼ା, ଚୌଧୁରୀ ବିକାଶ ଦାସ, ହରିହର ମହାପାତ୍ର, ଶାସ୍ତ୍ରୀୟ ସଂଗୀତଗୁରୁ ଚିତ୍ତରଂଜନ ପାଣି, ପ୍ରଦ୍ୟୁମ୍ନ ଦାସ, ସସଂଳାପକାର ରଜନୀ ରଂଜନ ପ୍ରମୁଖଙ୍କ ସମେତ ବହୁ ବ୍ୟକ୍ତି ରାଇମୋହନଙ୍କ ସ୍ମୃତିଚାରଣ କରିଥିଲେ । ତାଙ୍କର କଳା ପ୍ରତିଭା ବର୍ତ୍ତମାନ ପିଢ଼ୀକୁ ଅନୁପ୍ରାଣିତ କରୁ ବୋଲି ସେମାନେ କହିଥିଲେ । ପ୍ରାରମ୍ଭରେ ବିଶିଷ୍ଟ ବ୍ୟକ୍ତିମାନେ ରାଇମୋହନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମଣ୍ଟୁ ମହଲା, ପ୍ରଶାନ୍ତ ପାଇକରାୟ ଓ ସମୀର ରାଉତ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ ।

## ସାମ୍ବାଦିକ ଅର୍ଦ୍ଧେନ୍ଦୁ ଦାସଙ୍କ ଅନ୍ୟାୟ ଗିରଫ ପ୍ରତିବାଦରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର

ଜଳେଶ୍ୱର, ୦୫/୭(ନି.ପ୍ର) : କିଛିଦିନ ପୂର୍ବେ ରାଜ୍ୟ ସରକାର ବଡଖବରର ସାମ୍ବାଦିକ ଅର୍ଦ୍ଧେନ୍ଦୁ ଦାସଙ୍କୁ ଅନ୍ୟାୟଭାବେ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି । ୪ର୍ଥ ସ୍ତମ୍ଭ ପ୍ରତି ଏହା ଏକ ଆହ୍ୱାନ ଭାବେ ଗ୍ରହଣ କରି ରାଜ୍ୟର ବିଭିନ୍ନ ସ୍ଥାନରେ ସାମ୍ବାଦିକମାନେ ସ୍ୱର ଉତ୍ତୋଳନ କରିଛନ୍ତି । ଜଳେଶ୍ୱରରୁ ବହୁ ସାମ୍ବାଦିକ ଏକତ୍ରିତ ହୋଇ ରାଜ୍ୟ ମହାମହିମ ରାଜ୍ୟପାଳ ଦୃଷ୍ଟି ଆକର୍ଷଣ କରି ନ୍ୟାୟ ଚାହିଁଛନ୍ତି । ସାମ୍ବାଦିକମାନେ ବ୍ଲକ ପରିସରରେ ନାରବାଜି ଦେବା ସହିତ ବିଡିଓ ସ୍ମୃତିରଂଜନ ମଲ୍ଲିକଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

## ବାଲିଆପାଳ ଶ୍ରଦ୍ଧାକ୍ଷେତ୍ର ରଥରେ ହେରାପଞ୍ଚମୀ

### ଅଭିମାନିନୀ ମା' ଲକ୍ଷ୍ମୀ ଠାକୁରାଣୀ ଭାଙ୍ଗିଲେ ନନ୍ଦିଘୋଷ ରଥକାଠ



ବାଲିଆପାଳ, ୦୫/୦୭ (ନି.ପ୍ର): ବାଲିଆପାଳର ପ୍ରସିଦ୍ଧ ଶ୍ରଦ୍ଧାକ୍ଷେତ୍ରର ଘୋଷଯାତ୍ରାରେ ଆଜି ଥିଲା ପବିତ୍ର ହେରା ପଞ୍ଚମୀ। ପରମ୍ପରା ଅନୁଯାଇ ଆଜିର ଦିନରେ ପ୍ରଭୁ ନିଜ ପତ୍ନୀଙ୍କୁ ଉପେକ୍ଷା କରି ଭାଇ ଓଭଉଣୀଙ୍କୁ ନେଇ ଗୁଣ୍ଡିଚା ମନ୍ଦିରକୁ ଯାଇଥିବାରୁ ରୋଷ ଜର୍ଜରିତା ମା ମହାଲକ୍ଷ୍ମୀ ଏହାର କାରଣ ଖୋଜିବା ପାଇଁ ସେବାୟତଙ୍କ ସହ ଗୁଣ୍ଡିଚା ମନ୍ଦିରକୁ ବିମାନରେ ବସି ଆସିଥିଲେ । ତେବେ ମହାଲକ୍ଷ୍ମୀଙ୍କ କ୍ରୋଧ ଜର୍ଜରିତା ରୂପ ଦେଖି ସେବକ ମାନେ ଗୁଣ୍ଡିଚା ମନ୍ଦିର ର ମୁଖ୍ୟ ଦ୍ୱାର ବନ୍ଦ କରିଦେଇଥିବାରୁ ମା ଲକ୍ଷ୍ମୀ ଠାକୁରାଣୀ ଆଡପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ କରିନପାରି କ୍ରୋଧାନ୍ୱିତ ହୋଇ ଫେରିବା ପୂର୍ବରୁ ନନ୍ଦିଘୋଷରଥର ଗୋଟିଏ କାଠ ଭାଙ୍ଗିଦେଇଥିଲେ । ସଂନ୍ଧ୍ୟାରେ ବାଲିଆପାଳ ବସଷ୍ଟାଣ୍ଡସ୍ଥିତ ମାଉସୀ ମା ମନ୍ଦିରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏହିଭଳି ପରମ୍ପରାଗତ ଓଡିଆ ଘରର ଚାଲିଚଳଣ ଓ ସାମାଜିକ ଦୃଷ୍ଟିକୋଣ ପରିସ୍ଫୁଟ ହୋଇଥିଲା । ମହାପ୍ରଭୁଙ୍କ ଏହି ଆକର୍ଷଣୀୟ ମାନବୀୟ ଲୀଳା ଦେଖିବା ପାଇଁ ଆଜି ହଜାର ହଜାର ଲୋକଙ୍କ ସମାଗମ ହୋଇଥିଲା । ଆଜି ହେରାପଞ୍ଚମୀରେ ପ୍ରତ୍ୟୁଷରୁ ଶ୍ରୀ ବିଗ୍ରହ ମାନଙ୍କର ସମସ୍ତ ରିତିନିତୀସମ୍ପନ୍ନ ସହ ଷୋଡଷ ଉପଚାର ପୂଜା,ହୋମ ପରେ ବେଶ କରାଯାଇଥିଲା । ମହାପ୍ରଭୁଙ୍କ ନିକଟରେ ଖେଚୁଡି ଅନ୍ନ ଲଗାଯାଇ ଥିଲା । ଆଜିର ଦିନରେ ଜନ୍ମ ବେଦୀରେ ମହାପ୍ରଭୁଙ୍କ ଦର୍ଶନସାଙ୍ଗକୁ ଖେଚୁଡି ଭୋଗ ସେବନ କରିବା ପାଇଁ ହଜାର ହଜାର ଭକ୍ତ ଙ୍କ ଲମ୍ବା ଲାଇନ ଲାଗିଥିଲା । ଆଜିର ସମସ୍ତ କାର୍ଯ୍ୟକ୍ରମରେ ମୁଖ୍ୟପୂଜକ ବିଷ୍ଣୁପଦ ପାଠୀ,ରବିନାରାୟଣ ପାଠୀ, ପ୍ରମୁଖ ସେବାକାର୍ଯ୍ୟ କରିଥିଲେ । ପରିଚାଳନା କମିଟି ସଭାପତି ଜୟନାରାୟଣ ମହାନ୍ତି, ସଂପାଦକ ବ୍ରଜକିଶୋର ଭୂୟାଁ, ପୂର୍ବତନ ସରପଞ୍ଚ ମଧୁସୂଦନ ବାରିକ, ମୁରଲୀମୋହନ ସାହୁ, ମଧୁସୂଦନ ସାହୁ,ସୁଶାନ୍ତ ମହାପାତ୍ର, ପ୍ରିୟନାଥ ସେଠୀ, କାଳୀଚରଣ ଦେ, ପ୍ରଫୁଲ୍ଲ ସାହୁ, ଇଂ ସୁଶାନ୍ତ ଚକ୍ରବର୍ତ୍ତୀ, ହେମନ୍ତ ଦାସ, ସମେତ ପରିଚାଳନା କମିଟି ସଦସ୍ୟମାନେ ପ୍ରମୁଖ ପରିଚାଳନା କରିଥିଲେ । ବାଲିଆପାଳ ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷାକରାଯାଇଥିଲା ।

## ଉତ୍କଳମଣି ଗୋପବନ୍ଧୁଙ୍କ ଜୀବନାଦର୍ଶ ସମ୍ପର୍କିତ ଆଲୋଚନାଚକ୍ର

ବାଲେଶ୍ୱର,୦୫/୦୭ (ନି.ପ୍ର): ସେବା-ତ୍ୟାଗ ତଥା ପ୍ରକୃତ ମାନବବାଦର ପ୍ରତୀକ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୪ତମ ପୁଣ୍ୟତିଥି ଅବସରରେ 'ସମାଜ' ପରିବାର ପକ୍ଷରୁ ଗତ ୨୯ ତାରିଖରୁ ରାଜ୍ୟବ୍ୟାପୀ ଆରମ୍ଭ ରହିଥିବା ସେବା ଓ ସେବକ ସପ୍ତାହ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ସମାଜ' ଉତ୍ତର ଓଡ଼ିଶା ସଂସ୍କରଣ ପକ୍ଷରୁ ଉତ୍କଳମଣିଙ୍କ ଜୀବନାଦର୍ଶ ସମ୍ପର୍କିତ ଏକ ଆଲୋଚନା ସଭା ସ୍ଥାନୀୟ ଜିଲାସ୍କୁଲ ପରିସରରେ ଆଜି ଅପରାହ୍ଣରେ ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷାଧିକାରୀ ବିଷ୍ଣୁ ପ୍ରସାଦ ସୂତାର ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ଉତ୍କଳମଣି ଗୋପବନ୍ଧୁଙ୍କ ଭଳି ମହାନ ବ୍ୟକ୍ତିତ୍ୱଙ୍କ ଚିନ୍ତା ଚେତନା, ତ୍ୟାଗ ଓ ସେବା ଧାରା ସହ ଉତ୍ତର ପିଢ଼ିକୁ ସଂଯୋଗ କରିବା ନେଇ 'ସମାଜ'ର ପ୍ରୟାସ ବେଶ ପ୍ରଶଂସନୀୟ ବୋଲି କହିଥିଲେ। ସେହି ଯୁଗପୁରୁଷଙ୍କ ଦ୍ୱାରା ପ୍ରତିଷ୍ଠିତ ଖବର କାଗଜ ସମାଜ ମଧ୍ୟ ସତ୍ୟ ଓ ନିରପେକ୍ଷତାକୁ ଭିତ୍ତି କରି ୧୦୩ ବର୍ଷ ଧରି ପ୍ରକାଶିତ ହୋଇଚାଲିଛି। ମଣିଷର ହୃଦୟକୁ ଚିହ୍ନୁଥିବା ଏହି ମହାପୁରୁଷଙ୍କର ଅନ୍ୟ ପାଇଁ ବଞ୍ଚିବାର ସିଦ୍ଧାନ୍ତକୁ ସମସ୍ତେ ଅନୁଭବ କରିବା ଉଚିତ ବୋଲି କହିଥିଲେ। ସେବା, ଭକ୍ତି, ଦେଶପ୍ରୀତି ଥିବା ଏହି ଦରଦୀ ମଣିଷ ସତ୍ୟରୁ କେବେ ବିଚ୍ୟୁତ ହୋଇ ନଥିଲେ। ନିଜର କର୍ମ ପାଇଁ ସେ ପ୍ରତ୍ୟେକ ଓଡ଼ିଆ ପ୍ରାଣରେ ଆଜି ବି ଜୀବନ୍ତ ହୋଇ ଅଛନ୍ତି। ତେଣୁ ପ୍ରତ୍ୟେକ ଛାତ୍ରଛାତ୍ରୀ ଉତ୍କଳମଣିଙ୍କ ନୀତି ଆଦର୍ଶକୁ ଗ୍ରହଣ କରି ଜୀବନର ସଫଳତାର ଶୀର୍ଷରେ ପହଞ୍ଚିବାକୁ ଶିକ୍ଷାଧିକାରୀ ଶ୍ରୀ ସୂତାର ପରାମର୍ଶ ଦେଇଥିଲେ। ଫକୀର ମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଶିରୀଶ ଚନ୍ଦ୍ର ଜେନା ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ବହୁବିଧ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ସେବା, ତ୍ୟାଗ, ପାଣ୍ଡିତ୍ୟ, ଆଇନଜୀବୀ, ରାଜନୀତି ଆଦି ପ୍ରତିଟି କ୍ଷେତ୍ରରେ ସେ ଥିଲେ ବିରଳ ବ୍ୟକ୍ତିତ୍ୱ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟବାଦୀ ବନବିଦ୍ୟାଳୟର ଶିକ୍ଷାଦାନର ଧାରା ଓ ଗୁରୁଶିଷ୍ୟ ପରମ୍ପରା ଥିଲା ନିଆରା। ଓଡ଼ିଶାବାସୀଙ୍କ ସ୍ୱତନ୍ତ୍ର ପରିଚିତି ପାଇଁ ଉତ୍କଳ ସମ୍ମିଳନୀର ସକ୍ରିୟ କର୍ମକର୍ତ୍ତା ଭାବେ ଯୋଗ ଦେଇଥିଲେ ସେ। କେବଳ ସେବା ଓ ତ୍ୟାଗ ନୁହେଁ ବରଂ ତତ୍କାଳୀନ ଉତ୍କଳବାସୀଙ୍କ ସାମଗ୍ରୀକ ବିକାଶ ପାଇଁ ଜୀବନ ତମାମ କାର୍ଯ୍ୟ କରି ଉତ୍କଳର ମଣି ଭାବେ ସମସ୍ତଙ୍କ ହୃଦୟର ମଣିଷ ହୋଇପାରିଛନ୍ତି ବୋଲି ଡ. ଜେନା ମତ ପ୍ରକାଶ କରିଥିଲେ। ସମାଜ ଉତ୍ତର ଓଡ଼ିଶା ସଂସ୍କରଣ ମୁଖ୍ୟ ମଧୁସୂଦନ ଦାସ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ଉତ୍କଳମଣିଙ୍କ ଆଦର୍ଶକୁ ଭିତ୍ତି କରି ସପ୍ତାହବ୍ୟାପୀ ଚାଲିଥିବା ବିଭିନ୍ନ ସେବା ଓ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବିଶେଷ କରି ମହାନ ବ୍ୟକ୍ତିତ୍ୱଙ୍କ ଜୀବନାଦର୍ଶ ଓ ସୁଦ୍ଧ ବିଚାର ଉତ୍ତର ପିଢ଼ିଙ୍କୁ ଯୋଡ଼ିବା ଉଦ୍ଦେଶ୍ୟରେ ଏହି ସେବା ଓ ସେବକ ସପ୍ତାହ ଆୟୋଜିତ ହୋଇଥିବା ଶ୍ରୀ ଦାସ କହିଥିଲେ। କବି ପ୍ରଶାନ୍ତ ଦାସ, ସମାଜ ଉତ୍ତର ଓଡ଼ିଶା ବ୍ୟୁରୋ ମୁଖ୍ୟ କୁଳମଣି ବାରିକ, ଜିଲାସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାବିକତାର ପ୍ରତୀକ ଭାବେ ଉତ୍କଳମଣି ଆଜି ସମସ୍ତଙ୍କ ପାଇଁ ଆଦର୍ଶ ହୋଇ ପାରିଛନ୍ତି ବୋଲି କହିଥିଲେ। ସେ ଶ୍ରଦ୍ଧାର ସହ କରିଯାଇଥିବା ସେବା ଓ ତ୍ୟାଗ ସମସ୍ତଙ୍କ ପାଇଁ ପଥ ପ୍ରଦର୍ଶକ ହୋଇଛି ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ।

## ରୁଚିକା ମହାନ୍ତିଙ୍କୁ ନ୍ୟାୟ ପାଇଁ ଏ.ବି.ଭି.ପି.ର ବିକ୍ଷୋଭ

ନୀଳଗିରି,୦୫/୦୭ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ନୀଳଗିରି ନଗର ତରଫରୁ ବିଜେବି କଲେଜର ଛାତ୍ରୀ ରୁଚିକା ମହାନ୍ତିର ଆତ୍ମହତ୍ୟା ସଂପୃକ୍ତ ଦୋଷୀମାନଙ୍କୁ ତୁରନ୍ତ ଚିହ୍ନଟ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନୀଳଗିରି ମହାବିଦ୍ୟାଳୟ ସମ୍ମୁଖରେ ଏ.ବି.ଭି.ପି. ପକ୍ଷରୁ ଛାତ୍ରଛାତ୍ରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ୩ଜଣ ସିନିୟର ଛାତ୍ରୀମାନେ ରୁଚିକାକୁ ଅସହ୍ୟ ମାନସିକ ନିର୍ଯ୍ୟାତନା ଦେବାରୁ ସେ ଆତ୍ମହତ୍ୟା କରିଥିବା ତାଙ୍କ ସୁଇସାଇଡ୍ ନୋଟରେ ଉଲ୍ଲେଖ କରିଛନ୍ତି । ମହାବିଦ୍ୟାଳୟ ପରିସରରେ ସଠିକ୍ ଏଂଟି ରାଗିଂ ଟିମ୍ ଓ ଛାତ୍ରୀମାନଙ୍କ ପାଇଁ କାଉନସିଲର ବ୍ୟବସ୍ଥା ନ ଥିବାରୁ ଏଭଳି ଅଭାବନୀୟ ଘଟଣା ଘଟିଛି ବୋଲି ବିକ୍ଷୋଭକାରୀ ଛାତ୍ରଛାତ୍ରୀମାନେ ଦାବୀ କରିଛନ୍ତି। ଯଦି ରାଜ୍ୟ ସରକାର ଏ ସମସ୍ତ ବିଷୟ ପ୍ରତି ଧ୍ୟାନ ନ ଦିଅନ୍ତି ବା ଯଦି ଭଉଣୀ ରୁଚିକାର ଦୋଷୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ଆଗାମୀ ଦିନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ସମଗ୍ର ଜିଲ୍ଲାରେ ଆନ୍ଦୋଳନ କରାଯିବ ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୋପିବଲ୍ଲଭ ରାଉତ,ନଗର ସଂପାଦକ ଜ୍ୟୋତିପ୍ରକାଶ ବାରିକ, ନିରଂଜନ ଜେନା, ସାଇ ସତ୍ୟପ୍ରକାଶ ପ୍ରଧାନ, ଆୟୁଷ୍ମାନ ଜେନା, ଧୀରେନ୍ଦ୍ର ଲେଙ୍କା ପ୍ରମୁଖ ଚେତାବନୀ ଦେବା ସହ ବିକ୍ଷୋଭ କରିଥିଲେ ।

## ଜାତୀୟ ଦୃଷ୍ଟିବାଧିତ ଫୁଟବଲ ଦଳରେ ସାମିଲ ବାଲେଶ୍ୱର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା




ବାଲେଶ୍ୱର,୦୫/୦୭ (ନି.ପ୍ର): ଜାତୀୟ ମହିଳା ଦୃଷ୍ଟିବାଧିତ ଫୁଟବଲ ଦଳରେ ସାମିଲ ରାଣୀପାଟଣା ଦୃଷ୍ଟିହୀନଙ୍କ ନିମନ୍ତେ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ପଦ୍ମିନୀ ଟୁଡୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ରାଜ୍ୟସ୍ତରୀୟ ଫୁଟବଲ ରେଫେରୀ ତଥା କାଉନସିଲର ପଦ୍ମଲୋଚନ ଲେଙ୍କା ଓ ବିଦ୍ୟାଳୟ ପରିଚାଳନା କମିଟିର ଉପଦେଷ୍ଟା ସୁବ୍ରତ କର ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ କୁମାରୀ ଟୁଡୁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି। ସମସ୍ତେ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଭାରତୀୟ ଦୃଷ୍ଟିବାଧିତ ଫୁଟବଲ ଦଳରେ ସାମିଲ କେବଳ ବିଦ୍ୟାଳୟ କିମ୍ବା ବାଲେଶ୍ୱର ନୁହେଁ ବରଂ ସମଗ୍ର ରାଜ୍ୟ ପାଇଁ ଗୌରବର ବିଷୟ ବୋଲି ଅତିଥିମାନେ କହିଥିଲେ। କୁମାରୀ ଟୁଡୁ ଆଗାମୀ ଦିନରେ ସମଗ୍ର ଦେଶ ପାଇଁ ଉଜ୍ଜ୍ୱଳ ତାରକା ହେବେ ବୋଲି ସମ୍ବର୍ଦ୍ଧନା ଉତ୍ସବରେ ସମସ୍ତେ ଆଶା ପ୍ରକାଶ କରିଥିଲେ । ବିଦ୍ୟାଳୟର ନିର୍ଦ୍ଦେଶକ ଦିବାକର ସ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପାଠପଢା ସହିତ କ୍ରୀଡ଼ାରେ ପଦ୍ମିନୀଙ୍କ ଏକାଗ୍ରତା ତାଙ୍କୁ ଜଣେ ଫୁଟବଲ ଖେଳାଳି ଭାବେ ପରିଚୟ ଦେଇଛି ବୋଲି ଶ୍ରୀ ସ କହିଥିଲେ । ଆସନ୍ତା ନଭେମ୍ବର ମାସ ୯ ରୁ ୨୩ ତାରିଖ ପର୍ଯ୍ୟନ୍ତ ବାଙ୍ଗାଲୁରୁ ଠାରେ ଜାତୀୟ ମହିଳା ଦୃଷ୍ଟିବାଧିତ ଫୁଟବଲ ଦଳର ପ୍ରଶିକ୍ଷଣ ଶିବିରରେ ଯୋଗଦେବେ ବୋଲି ଶ୍ରୀ ସ ସୂଚନା ଦେଇଥିଲେ । ସମ୍ବର୍ଦ୍ଧିତ ଅବସରରେ ପଦ୍ମିନୀ ସମସ୍ତଙ୍କ ଆର୍ଶୀବାଦ କାମନା କରିଥିଲେ। ଶେଷରେ ବିଦ୍ୟାଳୟର ଶିକ୍ଷକ ବିଟେନ ଦାଶ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବନ ବିଭାଗ ପକ୍ଷରୁ କାଠ ବୋଝେଇ ପିକଅପ୍ ଜବତ୍

ନୀଳଗିରି, ୦୫/୦୭ (ନି.ପ୍ର): ଆଜି ନୀଳଗିରି ବନବିଭାଗ ବିଶେଷ ସୂତ୍ରରୁ ଖବର ପାଇ ଏକ ଝେରା କାଠ ବୋଝେଇ ପିକଅପକୁ ସୋମନାଥପୁର ଅଂଚଳରୁ ଚଢ଼ାଉ କରି ଜବତ୍ କରିଥିବା ବେଳେ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛି । ଉକ୍ତ ପିକଅପରେ ନିମ୍ବ କାଠ ଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୫୦ହଜାର ଟଙ୍କା ହେବ ବୋଲି ଫରେଷ୍ଟର ରାମଚନ୍ଦ୍ର ଲେଙ୍କା ପ୍ରକାଶ କରିଛନ୍ତି ।

## ସୁବର୍ଣ୍ଣରେଖାର ଶିଖରପୁର ସେତୁରେ ଫାଟ : ବିପଦଜନକ ଯାତ୍ରା



ଜଳେଶ୍ୱର, ୦୫/୭(ନି.ପ୍ର) : ଜଳେଶ୍ୱରରୁ ରାଇବଣିଆ ଲମ୍ବି ଯାଇଛି ଶାନ୍ତିପୁର ରୋଡ । ପଶ୍ଚିମମେଦିନୀକୁରର ନୟାଗ୍ରାମ ଥାନାକୁ ଯିବାକୁ ଏହା ଏକମାତ୍ର ରାସ୍ତା । ବାଲେଶ୍ୱରରୁ ନୟାଗ୍ରାମ ଓ ପଶ୍ଚିମବଂଗ ତଥା ରାଇବଣିଆ ଦୁର୍ଗ ସହିତ ଅନ୍ୟ ୧୮ଟି ଦୁର୍ଗ ସମୁହକୁ ଯାତାୟାତ ଲାଗି ଏହି ରାସ୍ତାର ଗୁରୁତ୍ୱ ସର୍ବାଧିକ । ରାଇବଣିଆବାସୀଙ୍କ ଜୀବନରେଖାଭାବେ ଏହି ରାସ୍ତା ପରିଗଣିତ ହେଉଥିବା ବେଳେ ଶିଖରପୁର ସେତୁରେ ଦେଖା ଦେଇଛି ବଡବଡ ଫାଟ । ଫାଟ ଗୁଡିକର ଓସାର ୧ଫୁଟ ଓସାର ହୋଇଥିବାରୁ ଗାଡି ଚାଳନାବେଳେ ଦୁର୍ଘଟଣା ହେବାର ସମ୍ଭାବନା ରହିଛି। ଏବେବି ପୋଲ ଉପରେ ଛୋଟବଡ ଦୁର୍ଘଟଣା ଦେଖିବାକୁ ମିଳୁଛି । ପ୍ରକାଶଯୋଗ୍ୟ ସୁବର୍ଣ୍ଣରେଖା ନଦୀର ଶିଖରପୁର, ଭାନୁପୁର, ବେଲବାରିଆ, ସୁଖଃଦୁଖିଆରୁ ନଦୀବାଲି ଉତ୍ତୋଳନ ବେଳେ ଏହି ପୋଲ ବ୍ୟବହାର କରାଯାଇଥାଏ । ଚୋରାବାଲି କାରବାରକୁ ପ୍ରଶାସନ ରୋକ୍ ଲଗାଇ ପାରିନଥିବା ବେଳେ ବାଲିଗାଡିରୁ ଖସୁଥିବା ବାଲି ଜମା ହୋଇ ବିପଦ ସୃଷ୍ଟି କରୁଛି । ପୋଲର ଉଭୟ ପାର୍ଶ୍ୱରେ ଥିବା ସ୍ଲିପ ରୋଡରେ ଗାଡ ସୃଷ୍ଟି ହୋଇଥିବାରୁ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି । ତେଣୁ ଉକ୍ତ ରାସ୍ତାକୁ ମରାମତି କରିବାଲାଗି ଗ୍ରାମଉନ୍ନୟନ ବିଭାଗ ସହିତ ଠିକାଦାରର ଚୁକ୍ତି ଥିବା ବେଳେ ଏହା ମରାମତି ହେଉନଥିବାରୁ ଜନଅସନ୍ତୋଷ ଦେଖା ଦେଇଛି ।

## ମାନବାଧିକାର ସାମୁଖ୍ୟ ପକ୍ଷରୁ ବାରିପଦା ରଥଯାତ୍ରାରେ ଜଳ ବଣ୍ଟନ




ବାରିପଦା, ୦୫/୦୭ (ନି.ପ୍ର): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରା ରେ ଜାତୀୟ ମାନବାଧିକାର ସାମୁଖ୍ୟ ସଂଗଠନ ପକ୍ଷରୁ ଶ୍ରଦ୍ଧାଳୁ ଭକ୍ତ ମାନଙ୍କୁ ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଇଥିଲା ଏବଂ ରଥଟଣା ପରେ ରଥଦାଣ୍ଡରୁ ଅଳିଆ ଆବର୍ଜନା ମଧ ସଂଗଠନ ର କାର୍ଯ୍ୟକର୍ତା ମାନେ ସଫେଇ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାରିପଦା ସହରର ବହୁ ବୁଦ୍ଧିଜୀବୀ ସହଯୋଗ ର ହାତ ବଢାଇଥିଲେ । ଜଳଦାନ ଶିବିର ରେ ଅତିଥି ମାନଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ରାଜ୍ୟସଭା ସାଂସଦ ମମତା ମହାନ୍ତ, ବିଜେପି ନେତା ଜୀବନ ସାହୁ, ବିଜେଡି ନେତ୍ରୀ ପ୍ରିତୀନନ୍ଦା କାନୁନଗୋ, ଆରତୀ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ । ସାମୁଖ୍ୟ ର ଜାତୀୟ ଉପସଭାପତି ତପନ କୁମାର ପତିଙ୍କ ସଂଯୋଜନାରେ ଅନୁଷ୍ଠିତ ଦୁଇ ଦିନିଆ କାର୍ଯ୍ୟକ୍ରମରେ ଚେୟାରମ୍ୟାନ ରମେଶ ଭାରତୀ, ଜାତୀୟ ସଭାପତି ବିରେନ୍ଦ୍ର ଶର୍ମା, ବରିଷ୍ଠ ଉପଦେଷ୍ଟା ସରୂପ ପଟ୍ଟନାୟକ, ଅନୀଲ ପଟନାୟକ, ଆଶିଷ ବଶା, ଆଇନ ପରାମର୍ଶଦାତା ଲିଂଗରାଜ ମିଶ୍ର, ରାଜ୍ୟ ସଂଯୋଜିକା ଶୁଭସ୍ମିତା ଆଚାର୍ଯ୍ୟ, ବାଲେଶ୍ୱର ଜିଲ୍ଲା ସଂଯୋଜକ କାହ୍ନୁ ପାକଳ, ଯାଜପୁର ଜିଲ୍ଲା ସଂଯୋଜକ ନାରାୟଣ ମଲ୍ଲିକ, ସହ ସଂଯୋଜକା ଲକ୍ଷ୍ମୀପ୍ରିୟା ସାହୁ, ଜୟଦେବ ବେହେରା, ରାଜକିଶୋର ଦଳବେହେରା, ଗଣେଶ ରାଓ, ବିଶ୍ୱନାଥ ମଲ୍ଲିକ, ସନତ ମାଝୀ, ଦେବାଶିଷ ମହାନ୍ତି ପ୍ରମୁଖ ଯୋଗ ଦେଇ ଜଳ ବଣ୍ଟନ ରେ ସହଯୋଗ କରିଥିଲେ ।

## ରୁଚିକା ମହାନ୍ତି ଆତ୍ମହତ୍ୟା ପରେ ଛାତ୍ରୀ ସୁରକ୍ଷାରେ ବିଫଳ ରାଜ୍ୟ ସରକାରଙ୍କୁ ରାଜରାସ୍ତାରେ ଘେରିଲା ଏବିଭିପି




ଭଦ୍ରକ, ୦୫/୦୭ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି) ଭଦ୍ରକ ନଗର ତରଫରୁ ଆଜି ବିଜେବି ମହାବିଦ୍ୟାଳୟର ଛାତ୍ରୀ ରୁଚିକା ମହାନ୍ତିର ଆତ୍ମହତ୍ୟାରେ ସଂପୃକ୍ତ ଦୋଷୀ ମାନଙ୍କୁ ତୁରନ୍ତ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଆନ୍ଦୋଳନ କରିଅଛି। ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବର୍ଷ କଳାର ଛାତ୍ରୀ କଟକ ଆଠଗଡର ରୁଚିକା ମହାନ୍ତି ବିଜେବି କଲେଜର ଛାତ୍ରୀ ନିବାସରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛି । ତିନି ଜଣ ସିନିୟର ଛାତ୍ରୀଙ୍କ ମାନସିକ ନିର୍ଯାତନା ଅସହ୍ୟ ହେବାରୁ ସେ ଆତ୍ମହତ୍ୟା କରିବାକୁ ବାଧ ହେଲା ବୋଲି ସେ ତାଙ୍କ ସୁସାଇଡ୍ ନୋଟରେ ଉଲେଖ ଥିବା ଜଣାପଡିଛି । ମହାବିଦ୍ୟାଳୟ ପରିସର ରେ ସଠିକ୍ ଆଣ୍ଟି ରାଗିଂ ଟିମ୍ ଓ ଛାତ୍ରୀ ମାନଙ୍କ ପାଇଁ କାଉନସିଲ ର ବ୍ୟବସ୍ଥା ନ ଥିବାରୁ ଏଭଳି ଅଭବାବନିୟ ଘଟଣା ଘଟିଛି। ଓଡ଼ିଆ ଶିକ୍ଷା ପରିସର କେତେ ଅସୁରକ୍ଷିତ ଓ ଶିକ୍ଷା ପରିବେଶ କେତେ ନକାରାତ୍ମକ ତାହା ଏଠୁ ସ୍ପଷ୍ଟ ଅନୁମେୟ । ଶିକ୍ଷା ର ଉନ୍ନତି ର ମିଛ ପ୍ରହସନ କରିଥିବା ରାଜ୍ୟ ସରକାରଙ୍କ ଅସଲ ଚରିତ୍ର ଆଉ ଚିହ୍ନିବା କୁ ଆଉ ବାକି ନାହିଁ। ପ୍ରତ୍ୟକ ବର୍ଷ ରାଜ୍ୟରେ ବିଭନ୍ନ ମହାବିଦ୍ୟାଳୟ ପରିସରରେ ଛାତ୍ର ଛାତ୍ରୀ ଆତ୍ମହତ୍ୟା ବଢି ବଢି ଚାଲିଛି ଯଦି ଦେଖା ଯାଏ କୌଣସି ମହାବିଦ୍ୟାଳୟ ପରିସରରେ ଆତ୍ମହତ୍ୟା ପଛରେ ସରକାର ଦଳର ନେତା ବା ମୁଖିଆ ମାନଙ୍କର ହାତ ରହୁଛି ସରକାର ଜାଣି ଶୁଣି ଏ ଭଳି ଘଟଣା ଘଟାଇବାକୁ ପ୍ରଶୟ ଦେଉଛନ୍ତି। ବିଗତ କିଛି ଦିନ ଭିତରେ କଟକର ଝଉଇ ମେଡିକାଲର ଛାତ୍ରୀ, କଳାହାଣ୍ଡିର ଅଧ୍ୟାପିକା ମମିତା ମେହେର, ବଲାଙ୍ଗୀର ମେଡିକାଲ ଛାତ୍ରୀ ଆତ୍ମହତ୍ୟା ପଛରେ ସରକାରଙ୍କର ମୁଖିଆ ମାନଙ୍କର ହାତ ଅଛି ଜଣାପଡିଲା ପରେ ମଧ ସରକାର ବଦନାମ ହେବା ଭୟରେ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାରେ ବିଫଳ ହୋଇଛନ୍ତି । ରାଜ୍ୟ ସରକାର ଏ ସମସ୍ତ ବିଷୟ ପ୍ରତି ଯଦି ଧ୍ୟାନ ନଦିଆନ୍ତି ବା ଯଦି ଭଉଣୀ ରୁଚିକାର ଦୋଷୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନନିଆଯାଏ ଆଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସାରା ଜିଲ୍ଲା ରେ ଏ ଶିକ୍ଷା ବିରୋଧୀ ସରକାରଙ୍କ ବିରୁଦ୍ଧରେ ଜିଲ୍ଲା ବ୍ୟାପି ଆନ୍ଦୋଳନ କରିବ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ରାଜ୍ୟରେ ପ୍ରତ୍ୟକ କଲେଜରେ ଛାତ୍ରୀ ମାନଙ୍କ ପାଇଁ ପାଞ୍ଚ ଜଣିଆ ଟିମ ତିଆରି ହେବା ସହ ଭଉଣୀ ରୁଚିକାର ଆତ୍ମହତ୍ୟା ସହିତ ଜଡିତ ଥିବା ଦୋଷୀ ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଛି।

## ଗୋଟିଏ ଦିନରେ ୩୩୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୫/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୩୩୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୯୧୧୧୭ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୫୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୮୦୨୪୩ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୬୯୫ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୧୯୫ ଜଣ ସଂଗରୋଧରୁ ଓ ୧୩୯ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରେ ୨, ଭଦ୍ରକ ଜିଲ୍ଲାରେ ୨, କଟକ ଜିଲ୍ଲାରେ ୭୦. ଜଗତସିଂହପୁର ଜିଲ୍ଲାରେ ୬, ଯାଜପୁର ଜିଲ୍ଲାରେ ୨. କଳାହାଣ୍ଡି ଜିଲ୍ଲାରେ ୩, ଖୋର୍ଧା ଜିଲ୍ଲାରେ ୧୮୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo